# ଜନବାର୍ତ୍ତା
## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

VOL-1 | ISSUE-19 | BHUBANESWAR | 28 Jun to 04 Jul, 2026 | Rs-8/- | ବର୍ଷ-୧ | ସଂଖ୍ୟା-୧୯ | ଭୁବନେଶ୍ୱର | ୨୮ଜୁନ୍ ରୁ ୦୪ ଜୁଲାଇ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା


‘ବ୍ୟଙ୍ଗ ପ୍ରମାଦ’




ମୁଁ ନୂଆ ଶିକ୍ଷା ବହି ପଢିବି
ଭବିଷ୍ୟତ ମୋର ଗଢ଼ିବି
ମଧୁବାବୁ ସହ ଲଢ଼ିବି
ଭଲ ଗଧ ଦେଖି ଚଢ଼ିବି
ସ୍କୁଲ ଯାଇ ମୁଁ ଭୁଲ ପାଠ ପଢ଼ିବି
ପରୀକ୍ଷାରେ ଶୂନ ନମ୍ବର ଆଣିବି
ଇଂରାଜି ବହିରେ ରଜ ଦୋଳି ଗୀତ ଶିଖିବି
ଭବିଷ୍ୟତରେ ଗାଈ ଗୋଠରେ ବୁଲିବି ।।


ADVERTISEMENT TARIFF

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଗତ ସପ୍ତାହରେ ଆମେ ଆଲୋଚନା କରୁଥିଲେ କିଭଳି ଭାବରେ ଆମେ ଓଡ଼ିଶାର ଯୁବକ ଯୁବତୀମାନଙ୍କୁ କୃଷି ପ୍ରତି ଆକର୍ଷିତ କରିପାରିବା । ଏହାର ଏକ ମାତ୍ର ଉପାୟ ହେଉଛି କୃଷିକୁ କିଭଳି ଏକ ଲାଭଜନକ କାର୍ଯ୍ୟରେ ପରିଣତ କରିବା ଯେପରିକି ଓଡ଼ିଶାର ଚାଷୀ ଲକ୍ଷାଧିକ ଟଙ୍କା ଉପାର୍ଜନ କରିପାରିବ । ଯଦି ତାହା କରାଯାଏ, ତେବେ ଓଡ଼ିଶାର ଶିକ୍ଷିତ ଯୁବ ସମାଜ ବେଙ୍ଗାଲୁରୁ ବା ହାଇଦ୍ରାବାଦ ଭଳି ସହରରେ ଇତସ୍ତତଃ ବୁଲିବାକୁ ପଡ଼ିବ ନାହିଁ । କେତେକ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଏହା କରି ଦେଖାଇଲେଣି ଓ ସେମାନେ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ।


ବିଜୟ କୁମାର ପଟ୍ଟନାୟକ

ଯଦି ଚାଷରୁ ଲକ୍ଷାଧିକ ଟଙ୍କା ଲାଭ କରିବାକୁ ହୁଏ ,ତେବେ ଧାନ ଚାଷର ବିକଳ୍ପ ଖୋଜିବାକୁ ହେବ । ତାହାର ଅର୍ଥ ନୁହେଁ ଯେ ସମସ୍ତେ ସବୁ ଜମିରେ ଧାନ ଚାଷ ବନ୍ଦ କରିଦେବେ। ଖାଦ୍ୟ ନିରାପତ୍ତା ପାଇଁ ଧାନ ଯେ ଏକାନ୍ତ ଅପରିହାର୍ଯ୍ୟ ତାହା କହିବା ବାହୁଲ୍ୟ । କିନ୍ତୁ ବିଜ୍ଞାନର ପ୍ରୟୋଗ କରି ଆମେ ଏତେ ପରିମାଣର ଧାନ ଉତ୍ପାଦନ କରୁଛେ ଯେ, ତାହା ଆମର ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ । ଫଳରେ ଧାନର ଅଭାବୀ ବିକ୍ରି ହେଉଛି । ଏହି ପରିପ୍ରେକ୍ଷୀରେ ଧାନ ଉତ୍ପାଦନ ବଢାଇବା ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଏକ ଅନାବଶ୍ୟକ ପଦକ୍ଷେପ । ବରଂ ସେହି ଅର୍ଥ ଚାଷୀର ଭିତ୍ତିଭୂମିର ବିକାଶ – ଯଥା ଜଳସେଚନ, ଶସ୍ୟ ଗୋଦାମ, ପ୍ରକ୍ରିୟାକରଣ ଆଦି – ପାଇଁ ଖର୍ଚ୍ଚ କରାଗଲେ ତାହାର ପ୍ରଭାବ ଦୀର୍ଘସ୍ଥାୟୀ ହେବ ଓ ତାହା ଚାଷୀର ଅର୍ଥନୈତିକ ସ୍ଥିତିରେ ଆଖିଦୃଶିଆ ଉନ୍ନତି ଆଣିପାରିବ ।

ଧାନରୁ ଅଣଧାନକୁ ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ଜମିର କିସମ ପ୍ରତି ଧ୍ୟାନ ଦେବାକୁ ହେବ । ଯଦି ତାହା ଖାଲୁଆ ବା ପ୍ଲାବିତ ଅଞ୍ଚଳରେ ଅବସ୍ଥିତ ବା ତାହାର ଜଳଧାରଣ କ୍ଷମତା ଖୁବ ବେଶୀ ତେବେ ସେଥିରେ ଧାନ ଚାଷକୁ ହିଁ ପ୍ରାଧାନ୍ୟ ଦେବା ଉଚିତ । ବରଂ ତାହା ସହ ଅନ୍ୟ ଅର୍ଥକରି ଚାଷ ଯଥା ମାଛ ଚାଷକୁ ପ୍ରୋତ୍ସାହନ ଦିଆଯାଇପାରେ । କିନ୍ତୁ ଯଦି ଡାଲୁ ବା ଡିପ କିସମ ଜମିରେ ମଧ୍ୟ ଧାନ ଚାଷ କରାଯାଏ ତାହା ହେଲେ ସେଥିରୁ ଲାଭ ଅତି ଅଳ୍ପ ହୁଏ । ଉକ୍ତ ଜମିରେ ଅଣଧାନ ଚାଷ ପ୍ରତି ଗୁରୁତ୍ୱ ଦେବା ଉଚିତ ।

ପ୍ରଶ୍ନ ହେଉଛି ଚାଷୀମାନେ ସବୁ ଜମିରେ ଧାନ ଚାଷ ପାଇଁ ଏତେ ଆଗ୍ରହୀ କାହିଁକି ? ଏହାର ଅନେକ କାରଣ ଅଛି। ପ୍ରଥମଟି ହେଲା ଖାଦ୍ୟ ନିରାପତ୍ତା । ଯଦିଓ ସାମଗ୍ରିକ ଭାବରେ ଓଡ଼ିଶା ଆଜି ଧାନ ଉତ୍ପାଦନରେ ଏକ ବଳକା ରାଜ୍ୟ ତଥାପି ଗୋଟିଏ ନାମମାତ୍ର ଚାଷୀ ପାଇଁ ତାର ନିଜସ୍ୱ ଧାନ ହିଁ ବଂଚି ରହିବା ପାଇଁ ଏକାନ୍ତ ଆବଶ୍ୟକ । ସେଥିପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିଲେ ମଧ୍ୟ ଲୋକେ ଧାନ ଚାଷ କରିଥାନ୍ତି । ଧାନ ବିକ୍ରି ନ ହେଲେ ମଧ୍ୟ ନିଜର ଓ ପରିବାରର ପେଟ ପୁରାଇବାରେ ତାହା କାମରେ ଲାଗିବ । ଏହା ଛଡ଼ା ଧାନକୁ ଲକ୍ଷ୍ମୀ ବା ଦେବୀଙ୍କର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଅନେକ କୃଷିଭିତ୍ତିକ ପର୍ବରେ ଧାନ ହିଁ ଦେବୀଙ୍କ ସ୍ଥାନରେ ପୂଜା କରାଯାଏ । ତେଣୁ ନିଜ ଜମିରେ କିଛି ଧାନ ଚାଷ ନ କରିବା ଶୁଭଙ୍କର ନୁହେଁ ବୋଲି କେତେକ ଚାଷୀ ବିଶ୍ୱାସ କରନ୍ତି। ସର୍ବୋପରି ଆବହମାନ କାଳରୁ ଲୋକେ ଧାନ ଚାଷ କରି ଆସୁଛନ୍ତି । ତେଣୁ ତାହାର ଚାଷ ପଦ୍ଧତି ସମସ୍ତଙ୍କୁ ଜଣା । ଅଣଧାନ ଚାଷ ବିଷୟରେ ସବୁ ଅଞ୍ଚଳରେ ଆବଶ୍ୟକ ବୈଷୟିକ ଜ୍ଞାନ ଉପଲବ୍ଧ ନୁହେଁ ।

ତାହା ହେଲେ ଧାନ ବଦଳରେ ଅଣଧାନକୁ ପ୍ରବର୍ତ୍ତନ କରିବାକୁ ହେଲେ ଦୁଇଟି ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ। ତାହା ହେଲା ଉକ୍ତ ଚାଷର ବୈଷୟିକ ଜ୍ଞାନ ଚାଷୀଙ୍କ ନିକଟରେ ପହଞ୍ଚାଇବା ଓ ଉତ୍ପାଦିତ ସାମଗ୍ରୀର ବିକ୍ରି ବ୍ୟବସ୍ଥା କରିବା ।

ଅଧିକାଂଶ କ୍ଷେତ୍ରରେ ଅଣଧାନ ଫସଲଟି ଉଦ୍ୟାନ କୃଷି ବା ହର୍ଟିକଲ୍‌ଚର ନିର୍ଦ୍ଦେଶାଳୟ ଦ୍ୱାରା ପରିଚାଳିତ ହୋଇଥାଏ । କୃଷି ବିଭାଗର ସମ୍ପ୍ରସାରଣ ଅଧିକାରୀ ମାନେ ମୁଖ୍ୟତଃ କୃଷି ନିର୍ଦ୍ଦେଶାଳୟ ଅଧୀନରେ ପରିଚାଳିତ ହୋଇଥାନ୍ତି । ଅଣଧାନ ଉପରେ ସେମାନଙ୍କର ବୈଷୟିକ ଜ୍ଞାନ ସୀମିତ । ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ସମ୍ପ୍ରସାରଣ ଅଧିକାରୀମାନେ କୃଷି ନିର୍ଦ୍ଦେଶାଳୟ ଠାରୁ ଭିନ୍ନ କୌଣସି ସ୍ଥାନରେ ନିଜର ଅଫିସ କରନ୍ତି । ସେମାନଙ୍କର ସଂଖ୍ୟା ମଧ୍ୟ ସ୍ୱଳ୍ପ । ଫଳରେ ଅଣଧାନ ଫସଲ କିପରି କରାଯିବ, କେଉଁ ଜମି ବା ଜଳବାୟୁ ତା ପାଇଁ ଅନୁକୂଳ, କେଉଁଠାରୁ ତାହାର ଚାରା ମିଳିବ, ତାହାର କିଭଳି ଭାବରେ ଗୁଣାତ୍ମକ ମାନ ପରୀକ୍ଷା କରାଯିବ, ଫସଲରେ ପୋକ ଲାଗିଲେ କିଭଳି ତାହାର ନିରାକରଣ କରାଯିବ – ଏ ସମସ୍ତ ବୈଷୟିକ ଜ୍ଞାନ ସାଧାରଣ ଚାଷୀ ପକ୍ଷରେ ମିଳିବା ଦୁରୂହ ।

ଦ୍ୱିତୀୟ ସମସ୍ୟାଟି ହେଲା ଅଣଧାନକୁ କିଣିବ କିଏ ? ଧାନ କିଣିବା ପାଇଁ ମଣ୍ଡି ଅଛି । କିନ୍ତୁ ପିଜୁଳି ପାଇଁ ବା ଲଙ୍କା ପାଇଁ ବା କନ୍ଦମୂଳ ପାଇଁ କି ବ୍ୟବସ୍ଥା ଅଛି ? ଅନେକ ଚାଷୀ ଏଇ ପ୍ରଶ୍ନ ପଚାରନ୍ତି । ଏ ପ୍ରଶ୍ନର ଅନେକ ଉତ୍ତର ରହିଛି ଆମେ ସେଥିରୁ କେତୋଟି ନିମ୍ନରେ ଆଲୋଚନା କରିବା ।

ପ୍ରଥମେ ଆଳୁ ବିଷୟରେ ଆଲୋଚନା କରାଯାଉ । ଏଭଳି କୌଣସି ପରିବାର ନାହିଁ ଯାହାର କି ଆଳୁର ଆବଶ୍ୟକତା ନାହିଁ । ସରକାରୀ ଆକଳନ ଅନୁଯାୟୀ ଓଡ଼ିଶାରେ ଆଳୁର ଆବଶ୍ୟକତା ହେଉଛି ୧୪ ଲକ୍ଷ ମେଟ୍ରିକ ଟନ୍। ଓଡ଼ିଶାରେ ଉତ୍ପାଦିତ ହୁଏ ମାତ୍ର ୪ ଲକ୍ଷ ମେଟ୍ରିକ ଟନ୍ । ଏହି ଦଶ ଲକ୍ଷ ଟନର ଆବଶ୍ୟକତା ପୂରଣ କରାଯାଏ ପଶ୍ଚିମବଙ୍ଗରୁ ଆମଦାନୀ ଦ୍ୱାରା । ଯଦି କୌଣସି କାରଣରୁ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହୋଇଯାଏ ତେବେ ଓଡ଼ିଶା ବଜାରରେ ନିଆଁ ଲାଗିଯାଏ । ସରକାର ସଙ୍ଗେ ସଙ୍ଗେ ଆଳୁ ମିଶନ ଘୋଷଣା କରନ୍ତି । ହଜାର ହଜାର କ୍ୱିଣ୍ଟାଲ ଆଳୁ ବିହନ କିଣାଯାଏ । ଶୀତଳ ଭଣ୍ଡାର ପାଇଁ ବୃହତ ସବସିଡି ଘୋଷଣା ହୁଏ । କିନ୍ତୁ ସଙ୍କଟ ଦୂର ହୋଇଯିବା ପରେ ଯଥା ପୂର୍ବମ ତଥା ପରମ । ବର୍ଷ ପରେ ବର୍ଷ ଆଳୁ ମିଶନ ବିଫଳ ହେବାର କାରଣ ଅନୁଧ୍ୟାନ କରାଯାଏ ନାହିଁ । ତେଣୁ ବିଫଳ କାହାଣୀର କେବଳ ପୁନରାବୃତ୍ତି ହୁଏ । ସରକାରୀ ଶୀତଳ ଭଣ୍ଡାର ଗୁଡ଼ିକ ପ୍ରାୟତଃ ଅଚଳ । ବେସରକାରୀ ଶୀତଳ ଭଣ୍ଡାର ମଧ୍ୟରୁ ଅର୍ଦ୍ଧାଧିକ ଅଚଳ । ତାହାର ମାଲିକ ମାନଙ୍କୁ ପଚାରିଲେ ସେମାନେ କୁହନ୍ତି ଯେ, ସେମାନେ ଓଡ଼ିଶାର ଚାଷୀଙ୍କ ଠାରୁ ଯଥେଷ୍ଟ ସଂଖ୍ୟକ ଆଳୁ ପାଆନ୍ତି ନାହିଁ । ତେଣୁ ଶୀତଳ ଭଣ୍ଡାରକୁ ଚଳାଇ ରଖିବା ପାଇଁ ସେମାନେ ଆପଲ ବା ଅନ୍ୟାନ୍ୟ ଫଳ ରଖନ୍ତି । ଯଦି ଚାଷୀ ମାନଙ୍କୁ ପଚରାଯାଏ ସେମାନେ କୁହନ୍ତି ଯେ ଶୀତଳ ଭଣ୍ଡାର ମାଲିକ ଓଡ଼ିଶାର ଚାଷୀଙ୍କ ଠାରୁ ଆଳୁ ନେବାକୁ ବିମୁଖ । ତେଣୁ ସେମାନେ ଆଳୁଚାଷ କରିବାକୁ ସାହସ ପାଆନ୍ତି ନାହିଁ । ଯଦି ଆଳୁ ବ୍ୟବସାୟୀମାନଙ୍କୁ ପଚରାଯାଏ ସେମାନେ କୁହନ୍ତି ଯେ ଓଡ଼ିଶାର ଚାଷୀ ଓ ଶୀତଳ ଭଣ୍ଡାର ମାଲିକମାନଙ୍କ ମଧ୍ୟରେ ଥିବା ବିବାଦ ଭିତରେ ନ ପଶି ପଶ୍ଚିମବଙ୍ଗରୁ ଆଳୁ ସଂଗ୍ରହ କରି ସେଇଠାରେ କୌଣସି ଏକ ଶୀତଳ ଭଣ୍ଡାରରେ ସାଇତି ରଖିବା ଶ୍ରେୟସ୍କର ।

ତାହା ହେଲେ ପ୍ରଶ୍ନ ହେଉଛି କୁକୁଡ଼ା ଆଗ ନା ଅଣ୍ଡା ଆଗ ? ଶୀତଳ ଭଣ୍ଡାର ଆଗ ନା ଆଳୁଚାଷ ଆଗ ? ଏ ପ୍ରଶ୍ନର ସମାଧାନ ହୋଇଗଲେ ଓଡ଼ିଶାର ଚାଷୀମାନେ ଆଳୁଚାଷରୁ ଲକ୍ଷାଧିକ ଟଙ୍କା ଲାଭ କରିପାରିବେ । ଏହି ସମାଧାନ ସରକାର ଖୁବ ସହଜରେ କରିପାରିବେ ଯଦି ସେ ଆଳୁଚାଷୀ ମାନଙ୍କୁ ସଂଗଠିତ କରିପାରିବେ ଓ ସମାନ୍ତରାଳ ଭାବରେ ଶୀତଳ ଭଣ୍ଡାର ମାଲିକମାନଙ୍କ ସହ ଚାଷୀମାନଙ୍କୁ ଅନୁବନ୍ଧିତ କରିପାରିବେ ।

ପିଆଜର ମଧ୍ୟ ଅନୁରୂପ କାହାଣୀ । ସରକାରୀ ହିସାବରେ ଓଡ଼ିଶା ସମଗ୍ର ଭାରତ ବର୍ଷ ମଧ୍ୟରେ ଚତୁର୍ଥ ବୃହତ୍ତମ ପିଆଜ ଉତ୍ପାଦନକାରୀ ରାଜ୍ୟ । କିନ୍ତୁ ପିଆଜ ସାଇତିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ତେଣୁ ଅମଳ ସମୟରେ ଆମ ପିଆଜ ଅତି ନିମ୍ନ ଦରରେ ଅନ୍ୟ ରାଜ୍ୟର ବ୍ୟବସାୟୀ ମାନଙ୍କ ପାଖକୁ ଚାଲିଯାଏ ଓ ତିରୋଟ ସମୟରେ ପୁଣି ଥରେ ସେଇ ବ୍ୟବସାୟୀ ମାନେ ଚଢା ଦରରେ ଓଡ଼ିଶାକୁ ପିଆଜ ବିକ୍ରି କରନ୍ତି । ଯଦି ପିଆଜ ଚାଷୀ ଓ ପିଆଜ ଗୋଦାମ ମଧ୍ୟରେ ସଠିକ ସମନ୍ୱୟ ରକ୍ଷା କରାଯାନ୍ତା ତେବେ ପଶ୍ଚିମ ଓଡ଼ିଶାର ଚାଷୀମାନେ ମଧ୍ୟ ଲକ୍ଷପତି ହୋଇପାରନ୍ତେ । ଅନେକ ବ୍ୟକ୍ତିଙ୍କ ମନରେ ଏକ ଧାରଣା ରହିଛି ଯେ ନଡ଼ିଆ କେବଳ ଉପକୂଳ ଅଞ୍ଚଳରେ ହୁଏ । ଏହା ଏକ ଭ୍ରାନ୍ତ ଧାରଣା । ଓଡ଼ିଶାର ସବୁ ଅଞ୍ଚଳରେ ନଡ଼ିଆ ଚାଷ ସମ୍ଭବ । କିନ୍ତୁ ଆନ୍ଧ୍ର ବା କେରଳ ଭଳି ଓଡ଼ିଶାରେ ବ୍ୟାବସାୟିକ ଭିତ୍ତିରେ ନଡ଼ିଆ ଚାଷ ହୁଏ ନାହିଁ । ଓଡ଼ିଶାରେ ନଡ଼ିଆ ଗଛ ହୁଡ଼ାରେ ବା ବାଡ଼ିରେ ଥାଏ । କିନ୍ତୁ ଆନ୍ଧ୍ର ବା କେରଳରେ ଶହ ଶହ ଏକର ଜମିରେ ନଡ଼ିଆ ବଗିଚା ଦେଖିବାକୁ ମିଳେ । ଯଦି ଓଡ଼ିଶାରେ ମଧ୍ୟ ନଡ଼ିଆ ବଗିଚା ସୃଷ୍ଟି କରାଯାଏ ତେବେ ନଡ଼ିଆ ବ୍ୟତୀତ ଅନେକ ନଡ଼ିଆ ଭିତ୍ତିକ କ୍ଷୁଦ୍ରଶିଳ୍ପ ଗଢ଼ି ଉଠି ପାରିବ । ଫଳରେ ଓଡ଼ିଶାର ଯୁବକଯୁବତୀମାନେ ସେଥିରେ ନିଯୁକ୍ତି ପାଇପାରିବେ ।

ସେହିପରି ଭାବରେ କଦଳୀ, ସପୁରି, ପଣସ, କାଜୁ, ପିଜୁଳି, ଆମ୍ବ, ସୀତାଫଳ ଆଦି ଅନେକ ଫଳଚାଷ ପାଇଁ ଓଡ଼ିଶାରେ ଅନୁକୂଳ ଜଳବାୟୁ ରହିଛି । ଏ ସମସ୍ତ ଚାଷର ନିଜସ୍ୱ ସୁବିଧା ଓ ଅସୁବିଧା ରହିଛି । ସେଗୁଡ଼ିକର ସମାଧାନ ଅନ୍ୟ ରାଜ୍ୟରେ ହୋଇପାରିଛି । ଓଡ଼ିଶାରେ କାହିଁକି ହୋଇ ନ ପାରିବ ? ଫଳଚାଷ ଭଳି ଫୁଲଚାଷର ମଧ୍ୟ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି । କେବଳ ଭୁବନେଶ୍ୱର ସହରରେ ବାର୍ଷିକ ଦଶ କୋଟି ଟଙ୍କାର ଫୁଲ କାରବାର ହୁଏ । ଅଧିକାଂଶ ଫୁଲ ପଡୋଶୀ ପଶ୍ଚିମବଙ୍ଗ ବା କର୍ଣ୍ଣାଟକରୁ ଆସେ । କିନ୍ତୁ ଓଡ଼ିଶାରେ ଫୁଲଚାଷୀଙ୍କ ସଂଖ୍ୟା ନଗଣ୍ୟ ।

ମୋଟ ଉପରେ କହିବାକୁ ଗଲେ ଏଭଳି ଅନେକ ଅଣଧାନ ଫସଲ ଅଛି ଯାହାର ଓଡ଼ିଶାରେ ହିଁ ବିରାଟ ବଜାର ରହିଛି । ତାହାକୁ ଠିକ ଭାବରେ ଉପଯୋଗ କରାଗଲେ ଓଡ଼ିଆ ଯୁବକ ଯୁବତୀଙ୍କ ପାଇଁ କାମର ଅଭାବ ରହିବ ନାହିଁ ।


ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର


# ଆଗକୁ ପଞ୍ଚାୟତ ଗସ୍ତ : ରାଜନୀତି ଅଣାୟତ

## କଂଗ୍ରେସ-ବିଜେପି ଓ ବିଜେଡି ରଣନିତୀରେ ବ୍ୟସ୍ତ




ଭୁବନେଶ୍ୱର, ୨୭ /୦୬ (ପ୍ରମୋଦ ସାମନ୍ତରାୟ) : ରାଜ୍ୟରେ ଆଇନଶୃଙ୍ଖଳା, ଶାସନ ବ୍ୟବସ୍ଥା ବିଗିଡି ଯାଇଥିବା ବେଳେ ବିରୋଧି ଦଳ ଗୁଡିକ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ କରି ନିଜ ଦଳର ସଗଠନ ସୁଦୃଢ଼ କରିବା ପାଇଁ ପ୍ରୟାଶ ଚଳାଇଛନ୍ତି । ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଠାରୁ ଦଳ ସଜାଡିବା ପାଇଁ ରଣନୀତି ପ୍ରସ୍ତୁତରେ ଲାଗିପଡିଛନ୍ତି। ଶାସକ ଦଳ ବିଜେପି ନିଜର ଜନକଲ୍ୟାଣକାରୀ ଯୋଜନାକୁ ପ୍ରଚାର କରି ସାଧାରଣ ଲୋକଙ୍କ ସମର୍ଥନ ଅକ୍ଷୁର୍ୟ୍ଣ ରଖିବାକୁ ଚେଷ୍ଟା କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଜ ଦଳକୁ ନୂଆ ନେତୃତ୍ୱ ଦେବା ପାଇଁ ମାନସ ମନ୍ଥନ ଆରମ୍ଭ କରିଛନ୍ତି। ଏସଏଚଜି ମହିଳାମାନଙ୍କୁ ବିଜେଡି ପ୍ରତି ଆକୃଷ୍ଟ କରିବା ପାଇଁ ସୁଜତା କାର୍ତ୍ତିକେୟନ ସୁଯୋଗ ଦେବା ପାଇଁ ଦଳର ତୁଙ୍ଗ ନେତା ମାନଙ୍କ ସହ ଘନ ଘନ ବୈଠକ କରି ନେତାମାନଙ୍କ ମତାମତ ଜଣାଇବାକୁ ନବୀନ ଆଲୋଚନା କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ପ୍ରତି ଯେଭଳି ସମର୍ଥନ ରହିଥିଲା ଏହାକୁ ଅଧିକ ଶସକ୍ତ କରିବାକୁ ବିଜେଡି ପଦକ୍ଷେପ ନେଇଛି। ବିଜେଡି ଛାଡ଼ି ବିଜେପିକୁ ଯାଇଥିବା ବୁଗୁଡା ବ୍ଲକ ଅଧକ୍ଷା କେ ପ୍ରିୟ ଦର୍ଶନି ଆଚାରୀ ପୁର୍ନବାର ବିଜେଡିକୁ ଫେରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଗତ ସାଧାରଣ ନିର୍ବାଚନରେ ବିଜେଡିର ଯେଉଁ ବିପର୍ଯ୍ୟ ହୋଇଥିଲା ଏହାର ପୂର୍ନବିଚାର କରି ଦଳ କିଭଳି ଆଗଭଳି ବିଶ୍ୱାସଭାଜନ ହୋଇପାରିବ ନବୀନ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତାକୁ ନେଇ ବିଜେଡି ବିଜେପିକୁ ଘେରି ପଞ୍ଚାୟତ ସ୍ତରରେ ଗରିବ ବୁଢ଼ାବୁଢ଼ୀଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛି। ସରକାର ବିରୋଧିଙ୍କ ଚାପରେ ଦୁଇମାସର ବାର୍ଦ୍ଧକ୍ୟ ଭତ୍ତା ଦେବା ପାଇଁ ବାଧ ହୋଇଛନ୍ତି। ମହାକାଳପଡା ବ୍ଲକ ତିର୍ଖିରି ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ଓ କଂଗ୍ରେସ ଯେଭଳି ଆଗଭର ହୋଇଛନ୍ତି ସେଥିରୁ ରାଜନୈତିକ ଫାଇଦା ଉଠାଇ ପ୍ରତି ପଞ୍ଚାୟତରେ ଏହାକୁ ଏକ ପ୍ରସଙ୍ଗ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛି। ସୁଜତା କାର୍ତ୍ତିକେୟନ ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଲା ପରେ ବିଜେଡି ତାର ଆଗାମୀ ରଣନୀତି ପ୍ରସ୍ତୁତ କରିବାକୁ ଯୋଜନା କରିଛି। ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ଏସ୍‌ଏସ୍‌ବି ଅଧ୍ୟାପକଙ୍କ ନିଯୁକ୍ତିରେ ବିଳମ୍ବ

## ସରକାର ତୁରନ୍ତ ନୂତନ ବିଜ୍ଞପ୍ତି ପ୍ରକାଶ କରନ୍ତୁ-ବିଜୟ ପଟ୍ଟନାୟକ




ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଓଡ଼ିଶାର ବିଭିନ୍ନ ବେସରକାରୀ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ଗୁଡ଼ିକରେ ଯୁକ୍ତ-୩ ପିଲାଙ୍କୁ ପଢାଇବା ପାଇଁ ନିଯୁକ୍ତ ହୋଇଥିବା ଏସ୍‌ଏସ୍‌ବି (ଷ୍ଟେଟ ସିଲେକ୍ସନ ବୋର୍ଡ) ଅଧ୍ୟାପକଙ୍କ ନିଯୁକ୍ତିରେ ଅହେତୁକ ବିଳମ୍ବ ଏବଂ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ।

ତେଣୁ ସରକାର କୌଣସି କାଳ ବିଳମ୍ବ ନକରି ୟୁଜିସି ନିୟମ ଅନୁଯାୟୀ ଯୋଗ୍ୟତା ମାପଦଣ୍ଡ ସ୍ଥିର କରି ଏକ ସ୍ୱଚ୍ଛ ଓ ନୂତନ ବିଜ୍ଞପ୍ତି ପ୍ରକାଶ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ନିଯୁକ୍ତି ନିୟମାବଳି ପ୍ରସ୍ତୁତ କରିବା ସମୟରେ ୟୁଜିସିର ଗାଇଡଲାଇନକୁ ଅଣଦେଖା କରି ତ୍ରୁଟିପୂର୍ଣ୍ଣ ନିଷ୍ପତି ନେଇଥିବାରୁ ହାଇକୋର୍ଟ ପ୍ରକାଶିତ ବିଜ୍ଞାପନକୁ ରଦ୍ଦ କରିଦେଇଥିଲେ। ତେଣୁ ହାଇକୋର୍ଟ ୟୁଜିସି ଆଧାରରେ ଯୋଗ୍ୟତା ମାପଦଣ୍ଡ ସହ ନୂଆ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିବାକୁ ସରକାର ଓ ଏସଏସବିକୁ ଅନୁମତି ଦେଇଛନ୍ତି।

ରେଡକ୍ରସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଗତ ଅଢ଼େଇ ବର୍ଷ ୨୦୨୪ରେ ଏସ୍‌ଏସ୍‌ବି ପକ୍ଷରୁ ୭୮୬ଟି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଯେଉଁଥିରେ ୪୫ ହଜାରୁ ଉର୍ଦ୍ଧ୍ୱ ଆଶାୟୀ ପରୀକ୍ଷାର୍ଥି ଆବେଦନ କରିଥିଲେ। ବିଜ୍ଞପ୍ତିରେ ୟୁଜିସି-୨୦୧୮ ନିୟମାବଳୀ ଉଲ୍ଲଘଂନ ହୋଇଥିବା ଦର୍ଶାଇ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ପରେ ଉଚ୍ଚତମ ନ୍ୟାୟାଳୟ ବିଜ୍ଞପ୍ତିକୁ ରଦ୍ଦ କରି ନୂତନ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଦ୍ଧରେ କେତକ ଆଶାୟୀ ଅପିଲ କରିବା ପରେ ନିଯୁକ୍ତି ପ୍ରକ୍ରିୟା ଦୀର୍ଘଦିନ ଧରି ଅଟକି ରହିଛି। ଆଶାୟୀ ଅଧ୍ୟାପକଙ୍କ ବୟସ ଗଡ଼ି ଯାଉଥିବା ବେଳେ ସରକାର ଏ ଦିଗରେ ଠୋସ୍ ପଦକ୍ଷେପ ନେଇ ଏହାର ତୁରନ୍ତ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଉଚ୍ଚତମ ନ୍ୟାୟାଳୟ ମାଗିଥିବା ତଥ୍ୟ ସରକାର ତୁରନ୍ତ ଉପସ୍ଥାପିତ କରି ଏହି ସମସ୍ୟାର ସମାଧାନ

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା
## ଭୀମସେନ ଟୁଡୁ ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ନିଆଯାଇଥିବା ପ୍ରମୁଖ ଓ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରାଜ୍ୟ ସରକାର ଅଭିଯୁକ୍ତ ଭୀମସେନ ଟୁଡୁଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଏହି ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଜଣକ ତାଙ୍କ ଟ୍ରେନିଂ ସମୟରେ ଗିରଫ ହୋଇ ଜେଲ୍ ଯିବା ପରେ ସରକାର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ଭୀମସେନ ମୟୂରଭଞ୍ଜର ବିଷୋଇ ଥାନାରେ ଆତ୍ମସମର୍ପଣ କରିଥିଲେ। ଏହାପରେ କଟକର ବାରଙ୍ଗ ଥାନା ପୋଲିସ ତାଙ୍କୁ ଔପଚାରିକ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ଜେଏମଏଫସି କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ ପ୍ରଥମେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ସୂଜାତାଙ୍କ ମିଶ୍ରଣ ପରେ ବରିଷ୍ଠଙ୍କ ଅସନ୍ତୋଷ

ଭୁବନେଶ୍ୱର, ୨୭/୦୬(ଜେଏନ୍‌ଏସ୍) : ପୂର୍ବତନ ଆଇଏଏସ୍ ଅଫିସର ତଥା ଭି.କେ. ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ (ରାଉତ) ବିଜୁ ଜନତା ଦଳ (ବିଜେଡି)ରେ ଯୋଗଦେବା ସମୟରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି ଦାସ) ଓ ଅନ୍ୟ କେତେକ ବରିଷ୍ଠ ନେତା ଅନୁପସ୍ଥିତ ଥିଲେ । ଶଙ୍ଖ ଭବନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଅନୁପସ୍ଥିତ ଥିବା ପ୍ରମୁଖ ବରିଷ୍ଠ ନେତାମାନେ ହେଲେ ଦଳର ପ୍ରଭାବଶାଳୀ ନେତା ତଥା ସାଂଗଠନିକ ସମ୍ପାଦକ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡିର ଉପନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ), ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ବରିଷ୍ଠ ନେତ୍ରୀ ଲତିକା ପ୍ରଧାନ, ଭୁପିନ୍ଦର ସିଂ । ୨୦୨୪ ନିର୍ବାଚନରେ ବିଜେଡିର ପରାଜୟ ପାଇଁ ଏହି ବରିଷ୍ଠ ନେତାମାନଙ୍କ ମଧ୍ୟରୁ କେତେକ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଭି.କେ. ପାଣ୍ଡିଆନଙ୍କୁ ଦାୟୀ କରି ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲେ । ତେଣୁ ସୁଜାତାଙ୍କ ମିଶ୍ରଣକୁ ନେଇ ଦଳ ଭିତରେ ମତାନ୍ତର ଥିବା ଚର୍ଚ୍ଚା ହେଉଛି । ତେବେ ଦଳ ପକ୍ଷରୁ ସଫେଇ ଦିଆଯାଇଛି ଯେ, କିଛି ନେତା କେବଳ ବ୍ୟକ୍ତିଗତ କାରଣ ଯୋଗୁଁ ଏହି କାର୍ଯ୍ୟକ୍ରମକୁ ଆସିପାରି ନାହାନ୍ତି ।

## ପବିତ୍ର ଦେବସ୍ନାନ ପୂର୍ଣ୍ଣିମା : ବଡ଼ଦାଣ୍ଡକୁ ଜଗିବେ ପୋଲିସ ଓ ସିସିଟିଭି

# ସ୍ୱତନ୍ତ୍ର ପାର୍କିଂ ଓ ପରିବହନ ସେବା

ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ଆସନ୍ତା ୨୯ ତାରିଖରେ ପବିତ୍ର ସ୍ନାନ ପୂର୍ଣ୍ଣିମା (ସ୍ନାନ ଯାତ୍ରା) ଅବସରରେ ପୁରୀ ସହରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ଆଡଭାଇଜରି ଓ କଟକଣା ଜାରି କରାଯାଇଛି । ଭକ୍ତମାନଙ୍କ ଯାତାୟାତକୁ ସୁଗମ କରିବା ଏବଂ ସହରରେ ଜାମ ନିୟନ୍ତ୍ରଣ ପାଇଁ ଗାଡ଼ି ଚଳାଚଳ ଓ ପାର୍କିଂ ନେଇ ନିମ୍ନଲିଖିତ ନିୟମ ଲାଗୁ କରାଯାଇଛ। ବଡ଼ଦାଣ୍ଡର ମାର୍କେଟ ଛକଠାରୁ ଜଗାବଳିଆ ଲଜ୍ ଏବଂ ଶ୍ରୀମନ୍ଦିର ଚାରିପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ’ନୋ-ଭେହିକିଲ ଜୋନ୍’ ଘୋଷଣା କରାଯାଇଛି । ଏହି ସୀମା ମଧ୍ୟକୁ କୌଣସି ସାଧାରଣ ଗାଡ଼ି ପ୍ରବେଶ କରିପାରିବେ ନାହିଁ । କେବଳ ଜରୁରୀକାଳୀନ (ଆମ୍ବୁଲାନ୍ସ, ଅଗ୍ନିଶମ) ଓ ପାସ ଧାରୀ ଗାଡ଼ିକୁ ଅନୁମତି ମିଳିବ।



ଭୁବନେଶ୍ୱର, ବ୍ରହ୍ମଗିରି କିମ୍ବା କୋଣାର୍କ ଆଡୁ ଆସୁଥିବା ଦୁଇଚକିଆ ଯାନଗୁଡ଼ିକ ବଡ଼ଦାଣ୍ଡର ମାର୍କେଟ ଛକ ପର୍ଯ୍ୟନ୍ତ ଯାଇପାରିବେ । ଗାଡ଼ିଗୁଡ଼ିକୁ ପୌରସଂସ୍ଥା ମାର୍କେଟ କମ୍ପ୍ଲେକ୍ସ କିମ୍ବା ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ଅଞ୍ଚଳରେ ରଖିବାକୁ ହେବ । ଏଗୁଡ଼ିକ ପୂର୍ଣ୍ଣ ହେଲେ ଜେଲ୍ ରୋଡ୍ କିମ୍ବା ଶରଧାବାଲି ପଠାଯିବ । ଭୁବନେଶ୍ୱର ପଟୁ ଆସୁଥିବା ଗାଡି ବାଟଗାଁ, ଚାରିନାଳ, ଅଠାରନାଳ ଓ କୁମ୍ଭାରପଡ଼ା ଦେଇ ଜେଲ୍ ରୋଡ୍ ପାର୍କିଂ ଏବଂ ଶରଧାବାଲି ପଡ଼ିଆକୁ ଯିବେ । ବ୍ରହ୍ମଗିରି ପଟୁ ଆସୁଥିବା ଗାଡ଼ି ମଙ୍ଗଳାଘାଟଠାରୁ ଡାହାଣକୁ ବୁଲି ଷ୍ଟର୍ଲିଂ ଛକ ଓ ବେଳାଭୂମି ରାସ୍ତା ଦେଇ ’ଯାତ୍ରିକା ପାର୍କିଂ’ ଅଞ୍ଚଳକୁ ଯିବେ । ନିର୍ଦ୍ଧାରିତ ଛକ ଦେଇ ଶରଧାବାଲି ଖୋଲା ପଡ଼ିଆ, ତାଳବଣିଆ କିମ୍ବା ଆଇଟିଆଇ ପାର୍କିଂକୁ ଯିବେ । ଉପରୋକ୍ତ ସ୍ଥାନଗୁଡ଼ିକ ପୂର୍ଣ୍ଣ ହୋଇଗଲେ ଗାଡ଼ିଗୁଡ଼ିକୁ ଦିଗବାରେଣୀ, ବ୍ଲୁ-ଫ୍ଲାଗ୍ ବିଚ୍ କିମ୍ବା ନୀଳାଚଳ ଅଶୋକ ପାର୍କିଂ ଆଡ଼କୁ ଡାଇଭର୍ଟ କରାଯିବ। ଭକ୍ତମାନେ ଶ୍ରୀସେତୁ ଦେଇ ଜେବିପିସି ପର୍ଯ୍ୟନ୍ତ ମଧ୍ୟ ଯାଇପାରିବେ ।

ପୁରୀକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ବସ୍ ତାଳବଣିଆରେ ରହିବେ । ସାଧାରଣ ଯାତ୍ରୀବାହୀ ବସ୍ ଗୁଡ଼ିକ ପାଇଁ ମାଳତୀପାଟପୁର ବସ୍ ଟର୍ମିନାଲରେ ରହଣୀ ବ୍ୟବସ୍ଥା କରାଯାଇଛି । ସିଟି ରୋଡ୍‌ରେ କୌଣସି ବସ୍ ଚଳାଚଳ ପାଇଁ ଅନୁମତି ଦିଆଯିବ ନାହିଁ । ସହର ଭିତରେ କେବଳ ସିଟି ବସ୍

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ପିପିଲି ଟୋଲ୍ ଗେଟରେ ଦେବାକୁ ପଡ଼ିବନି ଟୋଲ୍ ଫି’
# ରଥଯାତ୍ରାରେ ମିଳିବ ମାଗଣା ଯାତାୟତ ସୁବିଧା

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ପିପିଲି ଟୋଲ୍ ଗେଟରେ କାହାରିକୁ ଦେବାକୁ ପଡ଼ିବ ନାହିଁ ଟୋଲ ଫି’। ସମସ୍ତ ପ୍ରକାରର ଗାଡ଼ି ପାଇଁ ଟୋଲ ଫି’ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ନିଷ୍ପତ୍ତି ହୋଇଛି। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରାଜ୍ୟ ସରକାର ଆଜି ସ୍ୱତନ୍ତ୍ର ଘୋଷଣା କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ପିପିଲି ଟୋଲ୍ ଗେଟରେ କାହାରିକୁ ଦେବାକୁ ପଡ଼ିବ ନାହିଁ ଟୋଲ ଫି’। ସମସ୍ତ ପ୍ରକାରର ଗାଡ଼ି ପାଇଁ ଟୋଲ ଫି’ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ଏହାସହିତ ଶ୍ରଦ୍ଧାଳୁଙ୍କ ଯାତ୍ରାକୁ ସୁଗମ କରିବା ନିମନ୍ତେ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ସୂଚନା ଅନୁସାରେ, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରଥଯାତ୍ରା ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରଦ୍ଧାଳୁଙ୍କୁ ପୁରୀରେ ପହଂଚାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଏକ ହଜାର ସ୍ପେଶାଲ୍ ବସକୁ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ।




ଏହି ସ୍ପେଶାଲ୍ ପରମିଟ୍ ଗୁଡ଼ିକ ରଥଯାତ୍ରାର(ଟଙ୍କକ୍ସସ ଜବସ୍ପଷବ ଣବସ୍ପକ୍ସବ) ସାତ ଦିନ ପାଇଁ ବୈଧ ରହିବ। ଏହା ବ୍ୟତୀତ ପୁରୀର ବିଭିନ୍ନ ପାର୍କିଂ ସ୍ଥଳରୁ ବଡ଼ଦାଣ୍ଡ ପର୍ଯ୍ୟନ୍ତ ଭକ୍ତଙ୍କୁ ମାଗଣାରେ ଆଣିବା ପାଇଁ ୪୦୦ଟି ଇଲେକ୍ଟ୍ରିକ୍ ଗାଡ଼ି ବା ଇଭି ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ଟ୍ରାଫିକ ନିୟନ୍ତ୍ରଣ ଓ ଯାତ୍ରୀଙ୍କ ସୁବିଧା ପାଇଁ ପୁରୀ ସହର ଉପକଣ୍ଠରେ ଥିବା ମାଳତୀପାଟପୁର ଓ ତାଳବଣିଆଠାରେ ବୃହତ୍ ପାର୍କିଂ ବ୍ୟବସ୍ଥା କରାଯାଉଛି। ଆନ୍ତଃ ରାଜ୍ୟ ଓ ପର୍ଯ୍ୟଟକ ବସଗୁଡ଼ିକ ମାଳତୀପାଟପୁର ବସ୍ ଟର୍ମିନାଲରେ ରହିବେ ଓ ନିୟମିତ ଚଳାଚଳ କରୁଥିବା ବସଗୁଡ଼ିକ ତାଳବଣିଆକୁ ଯିବେ। ଏହାସହିତ ମାଳତୀପାଟପୁରରୁ ପୁରୀ ସହର ମଧ୍ୟକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ସଟଲ୍ ବସ୍ ସେବା ଯୋଗାଇ ଦିଆଯିବ। ଭକ୍ତମାନଙ୍କ ସହାୟତା ପାଇଁ ଭୁବନେଶ୍ୱରର ବରମୁଣ୍ଡା ଓ କଳ୍ପନା ବସ୍ ଷ୍ଟପ୍, କଟକର ନେତାଜୀ ବସ୍ ଟର୍ମିନାଲ ସମେତ ପୁରୀର ତାଳବଣିଆ ଓ ମାଳତୀପାଟପୁରଠାରେ ସ୍ୱତନ୍ତ୍ର ‘ସୁବିଧା କେନ୍ଦ୍ର’ ବା ସହାୟତା ଡେସ୍କ ପ୍ରତିଷ୍ଠା କରାଯିବ। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, କଟକ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଚଣ୍ଡିଖୋଲ, ଢେଙ୍କାନାଳ ଓ ଅନୁଗୋଳ ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ହେବେ। ବେପରୁଆ ଗାଡ଼ି ଚାଳନା ଓ ଟ୍ରାଫିକ ନିୟମ ଉଲ୍ଲଂଘନକୁ ରୋକିବା ପାଇଁ ଜାତୀୟ ରାଜପଥ-୧୬ ଏବଂ ଜାତୀୟ ରାଜପଥ-୩୧୬ରେ ନିୟମିତ ପାଟ୍ରୋଲିଂ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଗାଡ଼ି ରାସ୍ତାରେ ଖରାପ ହୋଇଯାଏ, ତେବେ ତାକୁ ତୁରନ୍ତ ହଟାଇବା ପାଇଁ ଟୋଇଂ ଟ୍ରକର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏସବୁ ବ୍ୟତୀତ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାର୍କିଂ ସ୍ଥଳଗୁଡ଼ିକରେ ବିଶ୍ରାମ ଗୃହ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ। ସରକାରଙ୍କ ଏହି ସମସ୍ତ ପ୍ରସ୍ତୁତି ଯୋଗୁଁ ଚଳିତ ବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ପରିବହନ କମିଶନର ଆଶା ପ୍ରକଟ କରିଛନ୍ତି।

# ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲା : ଏସସିଆରଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୪ ନିଲମ୍ବିତ, ୬ଜଣଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଦୁଇ ହଜାରରୁ ଅଧିକ ତ୍ରୁଟି ମାମଲାରେ ରାଜ୍ୟ ସରକାର ଆଜି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସସିଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଅନ୍ୟ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହିତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉନ୍ନୟନ କମିଶନର ଦେଓରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ଏକ ଇଂରାଜୀ ସମ୍ବାଦପତ୍ରକୁ ସାକ୍ଷାତକାର ଦେଇ ଏହି ପାଠ୍ୟପୁସ୍ତକ ତ୍ରୁଟି ପଛରେ ସରକାରୀଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି ବୋଲି ଆଶଙ୍କା ବ୍ୟକ୍ତ କରିବା ସହ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ଅଣାଯିବ ବୋଲି କହିଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏସସିଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଓ ଅନ୍ୟ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରିଛନ୍ତି।



ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଓ ଡକ୍ଟର ସୁଦର୍ଶନ ସନ୍ତରାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

କମିଟିର ସୁପାରିଶ ଅନୁସାରେ, ଏସସିଆରଟି ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଏକ ‘ମାଷ୍ଟର ତ୍ରୁଟି ରେଜିଷ୍ଟର’ ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ। ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବା ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ବର୍ତ୍ତମାନଠାରୁ ଏସସିଇଆରଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ ‘କ୍ୱାଲିଟି ଆସ୍ୟୁରାନ୍ସ ସେଲ୍’ ଗଠନ କରାଯିବା ସହ ଏନସିଇଆରଟି ଢାଂଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ।

ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଂଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡ଼ିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡ଼ାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଙ୍ଗ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ। ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଡିଟିପି ଏଜେନ୍ସି ଓ ପ୍ରିଣ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଟି ଭୁଲ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ମାଟ୍ରିକ୍ସ ପ୍ରସ୍ତୁତ କରାଯାଇ ଦୋଷୀଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳାତାଲିକାଭୁକ୍ତ କରିବା ଭଳି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ଏକ ଇଂରାଜୀ ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତକାରରେ କହିଥିଲେ ଯେ, ପାଠ୍ୟପୁସ୍ତକରେ ତ୍ରୁଟିକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି। ପୂର୍ବରୁ ତ୍ରୁଟି ହେଉଥିଲା କିନ୍ତୁ ଏଥର ତ୍ରୁଟିର ପରିମାଣ ଅସାଧାରଣ ଭାବରେ ଅଧିକ। ସ୍କ୍ରିପଟ ପ୍ରସ୍ତୁତି ଓ ଯାଂଚ ଠାରୁ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ଯାଂଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସନ୍ଦେହ କରିବା ସହ ଏଥିରେ ଜଡିତ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ପାଇଁ ହୋଇଥିବା ଖର୍ଚ୍ଚ ଦୋଷୀ ବ୍ୟକ୍ତିମାନଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନକୁ ଆଜି ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି। ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ, ପ୍ରାଥମିକ ବହି ମୁଦ୍ରଣରେ ସାଂଘାତିକ ତ୍ରୁଟିକୁ ନେଇ ଗତକାଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ପଛରେ ଷଡ଼ଯନ୍ତ୍ର ହୋଇଛି। ତେବେ କିଏ ଷଡ଼ଯନ୍ତ୍ର କରିଛି, ଯେଉଁ ସମ୍ପାଦନାମଣ୍ଡଳୀ ଗଠନ ହୋଇଥିଲା ତାହା ତ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ହୋଇଥିଲା। କିଏ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇବାକୁ ଉଦ୍ୟମ କରିଛନ୍ତି ତାହା ସେ ବାହାର କରନ୍ତୁ। ତାଙ୍କ ହାତରେ ତଦନ୍ତକାରୀ ଟିମ୍ ଅଛନ୍ତି। ଦଣ୍ଡବିଧାନ ବି ସେ କରିପାରିବେ। ଚାଲି ନଜାଣି ବାଟର ଦୋଷ କହିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି।

# ଗ୍ୟାସ୍ ଲିକ୍ ଘଟଣା : ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି

ତାମିଲନାଡୁ, ୨୭/୦୬ : ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ଦୀପାଞ୍ଜଳି ଜୁଆଙ୍ଗ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବରାହଗଡ଼ ପଞ୍ଚାୟତ ତଳ-ରାଇଡ଼ିହା ଗ୍ରାମରେ। ତାଙ୍କ ବାପାଙ୍କ ନାଁ ନୀଳାମ୍ବର ଜୁଆଙ୍ଗ। ଦୀପାଞ୍ଜଳି ଜୁଆଙ୍ଗଙ୍କ ମୃତ୍ୟୁ ସହିତ ଏହି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି। ସମସ୍ତ ମୃତକ କେନ୍ଦୁଝର ଜିଲ୍ଲାର। ସେହିପରି ସମସ୍ତ ମୃତକ ମହିଳା ଥିଲେ। ସେମାନେ ସମସ୍ତେ ଜୁଆଙ୍ଗ ଜନଜାତିର। ୧୦ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହକୁ ସେମାନଙ୍କୁ ଗାଁକୁ ଅଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ବିମଳା ପଞ୍ଚାୟତର ଟାଙ୍ଗିରି ଗାଁର ୫ ଜଣ ଯୁବତୀ ସେହି କାରଖାନାରେ କାମ କରୁଥିବା ବେଳେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ଜଣେ ସୁସ୍ଥ ଅଛନ୍ତି।

# ଏସ୍ଆଇଆର ଅଭିଯାନରେ ସଫଳ ୭ ବିଏଲଓଙ୍କୁ ପ୍ରଶଂସାପତ୍ର

ବଲାଙ୍ଗିର, ୨୭/୦୬ (ଜେଏନ୍ଏସ୍) : ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ୭ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

ଏସ୍ଆଇଆର୍ ପ୍ରକ୍ରିୟାରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ପରିଗଣନା ଫର୍ମ ବଣ୍ଟନ ଏବଂ ଶତପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବାରୁ ଏହି ବିଏଲଓମାନଙ୍କୁ ସମ୍ମାନିତ କରାଯାଇଛି। ବଲାଙ୍ଗିର ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଆଲୋକ କୁମାର ପଟେଲ ପ୍ରଶଂସାପତ୍ର ପ୍ରଦାନ କରି ସେମାନଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବିଏଲଓମାନଙ୍କ ମଧ୍ୟରେ ଶକମା-୧ ବୁଥ୍ ନଂ-୨୫ର ବିଜୟଲକ୍ଷ୍ମୀ ସ୍ୱାଇଁ, ଶକମା-୨ ବୁଥ୍ ନଂ-୨୬ର ସନ୍ତୋଷିନୀ ସାହୁ, ଘୁଟୁପାଲି ବୁଥ୍ ନଂ-୪୬ର ଶାନ୍ତିଲତା ବରିହା, କାଳିଝରନ ବୁଥ୍ ନଂ-୬୫ର ପ୍ରମିଳା ସୁନା, ଗୁଡେଲଗୁମା ବୁଥ୍ ନଂ-୧୮୯ର ପ୍ରମିଳା ନାଗ, ନୂଆପାଲି ବୁଥ୍ ନଂ-୧୪୯ର ମମତା ଶତପଥୀ ଏବଂ




ବଲାଙ୍ଗିର ପୌରପରିଷଦ ଟିକିରାପଡ଼ା ୱାର୍ଡ ନଂ-୧୬ର ବୁଥ୍ ନଂ-୨୪୮ର ହୃଷୀକେଶ ସାଇ ପ୍ରମୁଖ ରହିଛନ୍ତି। ବିଏଲଓମାନଙ୍କ ନିଷ୍ଠାପର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବଲାଙ୍ଗିର ପୌରପରିଷଦର ଇଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସନ୍ତୋଷ ବେହେରା, ବଲାଙ୍ଗିର ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ହୃଷୀକେଶ ଗଣ୍ଡ ଏବଂ ଦେଓଗାଁ ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପ୍ରିୟ ରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଅଗଷ୍ଟରେ ବନ୍ଦ ହେବ ସିମେଣ୍ଟ କାରଖାନା

ବରଗଡ, ୨୭/୦୬ (ଜେଏନ୍ଏସ୍) : ଜିଲ୍ଲାରେ ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହେବା ପରେ ଶେଷ ସନ୍ତକ ଭାବେ କାର୍ଯ୍ୟକ୍ଷମ ଥିଲା ଇଉଉ ସିମେଣ୍ଟ କାରଖାନା। ହେଲେ ଏବେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଦିନ ଥିଲା ବରଗଡ଼କୁ ପଶ୍ଚିମ ଓଡ଼ିଶାର ଶିଳ୍ପ ନଗରୀ କୁହାଯାଉଥିଲା। ହେଲେ ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହେବା ପରେ ଶେଷ ସନ୍ତକ ଭାବେ କାର୍ଯ୍ୟକ୍ଷମ ଥିଲା ଏସିସି ସିମେଣ୍ଟ କାରଖାନା। ହେଲେ ଏବେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ଅଗଷ୍ଟ ୧୯ ତାରିଖରେ କମ୍ପାନୀ ଏହାକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ବରଗଡ଼ ସିମେଣ୍ଟ କାରଖାନା ଚୂନପଥର ଖଣିର ସଂରକ୍ଷିତ ଭଣ୍ଡାର ସମ୍ପୂର୍ଣ୍ଣଭାବେ ଶେଷ ହୋଇଯିବା, କ୍ଲିଙ୍କର ଉତ୍ପାଦନ ଖର୍ଚ୍ଚ ଅଧିକ ହେବା ତଥା କାରଖାନାଟି ଅତି ପୁରୁଣା ହୋଇଯାଇଥିବା କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଏହି ସିମେଣ୍ଟ କାରଖାନାରେ ପୂର୍ବରୁ ୩ ହଜାର ୫ଶହରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଏବେ ରେଗୁଲାର ଓ ଠିକା ସଂସ୍ଥାରୁ ୭ ଶହରୁ ଅଧିକ ଶ୍ରମିକ କାମ କରୁଛନ୍ତି। ଅଗଷ୍ଟ ୧୯ ତାରିଖରେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଶ୍ରମିକମାନଙ୍କର ନିଦ ହଜି ଯାଇଛି। ପରିବାର କେମିତି ପୋଷିବେ ସେ କଥା ଭାବି ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସେମାନେ କହିଛନ୍ତି ଯେ କମ୍ପାନୀ ଆମକୁ ବାହାର କରିବା ପୂର୍ବରୁ ନେଗୋସିଏସନ୍ କରୁଛି। ତେବେ ଆମେ କମ୍ପାନୀ ଚାଲୁ ରଖିବାକୁ ଦାବି କରୁଛୁ ଆମେ ଦାଦନ ଖଟିବାକୁ କାହିଁକି ଅନ୍ୟ ରାଜ୍ୟକୁ ଯିବୁ? ସାର କାରଖାନା ଚାଲିଲେ ଆମେ ଏଠି କାମ କରିବୁ ବୋଲି। ଏକଦା ଚିନି ମିଲ, ସୂତା ମିଲ, ପାୱାର ହ୍ୟାଣ୍ଡଲୁମ ଓ ସାର କାରଖାନା ବରଗଡ଼ ଜିଲ୍ଲାକୁ ସମୃଦ୍ଧ କରିବା ସହ ହଜାର ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଲାଭ ହେଉନଥିବା ଦର୍ଶାଇ ଏହି ସମସ୍ତ କାରଖାନାକୁ ବନ୍ଦ କରି ଦିଆଯାଇଥିଲା। ଆଉ ଶେଷରେ ସାର କାରଖାନା ସବୁ ଦିନ ପାଇଁ ବନ୍ଦ ହେବାକୁ ଯାଉଛି। ବନ୍ଦ ହୋଇଯାଇଥିବା ମିଲ୍ ଗୁଡ଼ିକୁ ପୁଣି ଚାଲୁ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। କିନ୍ତୁ କିଛି ଲାଭ ହୋଇନି। ଯଦି ଆଗାମୀ ଦିନରେ ଜିଲ୍ଲାରେ ଶିଳ୍ପର ପୁନରୁଦ୍ଧାର ନହୁଏ, ତା’ହେଲେ ବେକାରୀ ସମସ୍ୟା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ବରଗଡ଼ ନାଗରିକ ମଞ୍ଚ ବିଭିନ୍ନ ସଙ୍ଗଠନ ସହ ବୈଠକ କରି ଆଗାମୀ ଦିନରେ କିଭଳି ଭାବେ ସମସ୍ତ କଳର ପୁନରୁଦ୍ଧାର ହେବା ସହ ସିମେଣ୍ଟ କାରଖାନା ଚାଲୁ ହେବ ସେ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ନାଗରିକ ମଞ୍ଚ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# କୋଡ଼ିଙ୍ଗା ମାଳିରୁ ଖଣି ଖନନ ସମ୍ପ୍ରସାରଣ ପାଇଁ ଜନ ଶୁଣାଣୀ

କୋରାପୁଟ, ୨୭/୦୬ (ଜେଏନ୍ଏସ୍) : କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକକରେ ଥିବା କୋଡିଙ୍ଗା ମାଳି ଖଣିରୁ ବକ୍ସାଇଟ ଖଣି ଖନନ ୩.୫ ମିଲିୟନ ରୁ ୬ ମିଲିୟନ ଟ୍ରନ୍ କୁ ବୃଦ୍ଧି ପାଇଁ ଜନ ଶୁଣାଣୀ ଅନୁଷ୍ଠିତ ହୋଇଛି ଯାଇଛି। ଏହି ଅବସରରେ ବ୍ଲକର ଗମ୍ପି ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ଶୁଣାଣୀ ନିମନ୍ତେ ଏକ ଅସ୍ଥାୟୀ ଟିଣ ଘର ନିର୍ମାଣ କରାଯାଇଥିଲା। କୋଡ଼ିଙ୍ଗା ମାଳି ଖଣି ଖନନ ଦ୍ୱାରା ପ୍ରଭାବିତ ଲକ୍ଷ୍ମୀପୁର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ, ଓଡିଆପେଣ୍ଟ ପଞ୍ଚାୟତ ଓ ଚମ୍ପି ପଞ୍ଚାୟତ ସହିତ ଦଶମନ୍ତପୁର ବ୍ଲକର ମୁର୍କାର ପଞ୍ଚାୟତ କୁ ମିଶାଇ ୨୨ଖଣ୍ଡ ଗ୍ରାମର ଗ୍ରାମବାସୀ ଙ୍କ ଅଂଶଗ୍ରହଣ ସହିତ ସେମାନଙ୍କ ପକ୍ଷ ରଖିବା ନିମନ୍ତେ ଉକ୍ତ ଜନଶୁଣାଣି ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ସଭା ମଞ୍ଚ ସମ୍ମୁଖରେ ଗାଁ ଓ୍ୱାରି ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ ଦୀପେଶ କୁମାର ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ଖଣି ନିଗମର ବିଭିନ୍ନ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଯୋଗ ଦେଇଥିବା ଅନେକ ବ୍ୟକ୍ତି ବିଶେଷ ମାନେ ଅନେକ ୩.୫ ମିଲିୟନ ରୁ ୬ ମିଲିୟନ କୁ ସମ୍ପ୍ରସାରଣ ସମର୍ଥନ କରିଥିବାବେଳେ କେତେକ ପ୍ରଭାବିତ ଅଞ୍ଚଳ ବାସୀ ବିରୋଧ କରିଥିଲେ। ସେମାନଙ୍କ ଦାବି ଥିଲା ଖଣି ନିଗମ ପର୍ଯ୍ୟାୟ କ୍ରମେ ଖଣି ଖନନ ବୃଦ୍ଧି କରି ଚାଲିଥିବା ବେଳେ ଅଞ୍ଚଳର ବିକାଶ କ୍ଷେତ୍ରରେ କୌଣସି ଗୁରୁତ୍ୱ ଦେଉନାହିଁ। ଏପରିକି ଖଣି ପାଣ୍ଠି ସହିତ କମ୍ପାନୀ ସମାଜିକ ଉତ୍ତର ଦାୟୀତ୍ୱ ପାଣ୍ଠିରୁ ମଧ୍ୟ ସେଭଳି କିଛି ଅର୍ଥ ବ୍ୟୟ କରୁନାହିଁ। ଏଠାରୁ ଖଣି ଖନନ ହୋଇ ବାହାର ଅଞ୍ଚଳର ବିକାଶ ହେଉଥିବା ବେଳେ ପ୍ରଭାବିତ ଅଞ୍ଚଳ ଓ ବ୍ଲକ ପାଇଁ ନିଗମ ଆଖି ବୁଜି ଦେଉଛି ବୋଲି କିଛି ବ୍ୟକ୍ତି ଅଭିଯୋଗ କରିଥିଲେ। ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ଦୀଗରେ ଗୁଡ଼ିକ ପ୍ରତି ପ୍ରଥମେ ଗୁରୁତ୍ୱ ଦିଆଯିବା ପରେ ଯାଇ ଖଣି ଖନନ ହେଉ ବୋଲି ସେମାନେ ଦାବି କରିଥିଲେ। ସେହିପରି ଖଣି ଖନନ ହୋଇ ଏଠାରୁ ଅନ୍ୟତ୍ର ବେଦାନ୍ତ କମ୍ପାନୀକୁ ମାଲ ପରିବହନ ହେଉଥିଲେ ବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ମାନଙ୍କୁ କୌଣସି ନିଯୁକ୍ତି କିମ୍ବା ଅଞ୍ଚଳର ବିକାଶ ପାଇଁ କିଛି ଉନ୍ନୟନ କାର୍ଯ୍ୟ ହେଉନଥିବା ଅଭିଯୋଗ କରି ଏ କ୍ଷେତ୍ରରେ ଦୃଷ୍ଟି ଦେବା ପରେ ଯାଇ ଖନନ ବୃଦ୍ଧି ହେଉ ବୋଲି ଦାବି କରିଥିଲେ। ସେହିପରି ଖଣି ପ୍ରଭାବିତ ଅଞ୍ଚଳର ପିଲା ମାନଙ୍କ ନିମନ୍ତେ ଏକ ଆଦର୍ଶ ବିଦ୍ୟାଳୟ ଖଣି ନିଗମ ପକ୍ଷରୁ ଜୟପୁର ଠାରେ ହୋଇଥିଲା ବେଳେ ତାହାକୁ ଲୋକେ ବିରୋ କରି ଲକ୍ଷ୍ମୀପୁର ଅଞ୍ଚଳରେ ପ୍ରତିଷ୍ଠା କରିବା ପାଇଁ ଦାବି କରିଥିଲେ। କେତେ ଖଣି ଖନନ ଦ୍ୱାରା ପରିବେଶ ନଷ୍ଟ ହେଉଥିବା ଯୋଗୁଁ ବୃକ୍ଷ ରୋପଣ ପାଇଁ ଦାବି କରିଥିଲେ। ସେହିପରି କିଛି ବ୍ୟକ୍ତି ଯେଉଁ ମାନେ କି ହାଇଓ୍ୱା ଲଗାଇ ମାଲ ପରିବହନ କରୁଛନ୍ତି ସେମାନେ ଏହାକୁ ସମର୍ଥନ କରିଥିବା ବେଳେ ପକୃତ ପ୍ରଭାବିତ ଅଞ୍ଚଳର ଅନେକ ସଡ଼କ ପଥରେ ହାଇଓ୍ୱା ଯୋଗେ ମାଲ ପରିବହନ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ଧନଜୀବନ ହାନି ହେଉଛି ବୋଲି ଅଭିଯୋଗ କରି ବେଲ୍ଟ ସାହାଯ୍ୟରେ ମାଲ ପରିବହନ କରିବା ପାଇଁ ଦାବି କରିଥିଲେ। ତେବେ ଅତିତ ଦିନରେ କୋଡିଙ୍ଗା ମାଳିରୁ ଖଣି ଖନନ କୁ ବିରୋଧ କରୁଥିବା ବ୍ୟକ୍ତି ବିଶେଷ ମାନେ ବର୍ତମାନ ପଟ ପରିବର୍ତ୍ତନ କରିଥିବା ବେଳେ ଅନେକ ସମୟରେ ଅଞ୍ଚଳର ବିଭିନ୍ନ ଦଳର ରାଜ ନେତା ମାନେ ଯେଉଁ ମାନେ କି ବିଭିନ୍ନ ସମୟରେ କେତେବେଳେ କେଉଁ କମ୍ପାନୀ ବିରୋଧରେ ତ କେଉଁ କମ୍ପାନୀ ସମର୍ଥନରେ ଶୋଭାଯାତ୍ରା ଆଦି ବାହାର କରିଥିଲେ ଗୁରୁବାର ଅନୁଷ୍ଠିତ ଜନଶୁଣାଣି ପାଇଁ ପାଟି ଖୋଲି ନଥିଲେ କିମ୍ବା ସେମାନଙ୍କୁ ଦେଖିବାକୁ ମିଳି ନଥିଲା।




ସୂଚନା ଯୋଗ୍ୟ ୨୦୧୭ ରେ କୋଡିଙ୍ଗା ମାଳିରୁ ପ୍ରଥମେ ୩ ମିଲିୟନ ଟ୍ରନ୍ ଖନନ ଆରମ୍ଭ ହୋଇଥିଲା ବେଳେ ତାହାକୁ ବେଦାନ୍ତ କମ୍ପାନୀକୁ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା ୩.୫ କୁ ବୃଦ୍ଧି ପାଇବା ପରେ ସିଂହ ଭାଗ ବେଦାନ୍ତ ନେଉଥିବା ବେଳେ କିଛି ପ୍ରତିଶତ ପାଇନର କମ୍ପାନୀ କୁ ଦିଆ ଯାଉଥିଲା। ବର୍ତ୍ତମାନ ୬ ମିଲିୟନ ଟ୍ରନ୍ ବୃଦ୍ଧି ହେଲେ ସିଂହ ଭାଗ ବେଦାନ୍ତ ଓ ଆଦିତ୍ୟ ଆଲୁମିନା ନେବାକୁ ସରକାର ନେଲେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଆଦିତ୍ୟ ଆଲୁମିନା କମ୍ପାନୀ ଯେକି ପ୍ରଥମେ ୨୦୦୬ ରେ କୋଡିଙ୍ଗା ମାଳି କୁ ଲିଜ୍ ନେଇ ଧାର୍ଯ୍ୟ ଅବଧି ଭିତରେ କାରଖାନା ଓ ଖଣି ଖନନ ନ କରିବା କାରଣରୁ ତାହାକୁ ବାତିଲ୍ କରାଯାଇ ବେଦାନ୍ତ କମ୍ପାନୀକୁ ବକ୍ସାଇଟ୍ ଦିଆଯାଉଛି। କିନ୍ତୁ କଂସାରୀଗୁଡାରେ କମ୍ପାନୀ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୩.୫ ମିଲିୟନ ଟ୍ରନ୍ ରୁ ୬ ମିଲିୟନ ଟ୍ରନ୍ କୁ ବୃଦ୍ଧି ହେଲେ ଅଳ୍ପ ବର୍ଷ ମଧ୍ୟରେ କଞ୍ଚାମାଲ ଶେଷ ହୋଇଯିବା ଆଶଂକା କରି ଉଭୟ କମ୍ପାନୀ ମଧ୍ୟରେ ବଳ କଷାକଷି ଚାଲିଛି। କାର୍ଯ୍ୟକ୍ରମର ଅଂଶ ଗୁଡ଼ିକୁ ଭିଡିଓ କ୍ୟାମେରାରେ ଉତ୍ତୋଳିତ କରାଯାଇଥିଲା। ସମସ୍ତ ବିଷୟର ଅବଗତ କୁ ଅବଗତ ହେବା ସହିତ ଏହାକୁ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ କୁ ପଠାଯିବା ପରେ ଖଣି ଖନନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ଶବର ଓ ଖଣି ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ଏନେଇ ଦୁଇ ଦିନ ହେଲା ଅଞ୍ଚଳରେ ଗହଳ ଚହଳ ଲାଗି ରହିଥିଲା। ଜିଲା ପ୍ରଶାସନ ଏହାକୁ କିପରି ଶେଷ କରି ସେଥିପାଇଁ ଜୋରସୋର ଲାଗି ପଡ଼ିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଆରକ୍ଷୀ ଅଧିକ୍ଷକ ରୋହିତ କୁମାର ବର୍ମା ଙ୍କ ନେତୃତ୍ୱରେ ୪ ଜଣ ଅତିରିକ୍ତ ଏସପି, ୧୦ଡିଏସପି, ୨୦ ଇନିସପେକ୍ଟର ଙ୍କ ସମେତ ପ୍ରାୟ ୪୦ ପ୍ଲାଟୁନ୍ ପୁଲିସ ମୁତୟନ ସହିତ ମାଜିଷ୍ଟ୍ରେଟ ଦାୟୀତ୍ୱରେ ୧୧ ଜଣ ଙ୍କୁ ନିଯୁକ୍ତ କରାଯାଇଥିଲା। ଲକ୍ଷ୍ମୀପୁର ଏସଡିପିଓ ମନୋଜ କୁମାର ବେହେରା ଓ ଥାନା ଅଧିକାରୀ ସୁଜ୍ଞାନୀ ସାହୁ ପ୍ରତ୍ୟକ୍ଷ ଭୂମିକା ନିଭାଇ ଥିଲେ। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ହେବ ୧୦୭ ଦଫାରେ ୧୧୨ ଜଣଙ୍କୁ ନୋଟିସ ଦିଆଯାଇଥିଲା। ସୂଚନା ଯୋଗ୍ୟ ଉକ୍ତ ଜନ ଶୁଣାଣୀ ପ୍ରଥମେ ମେ ୧୬ ତାରିଖରେ ହେବାକୁ ଥିଲାବେଳେ ପରବର୍ତ୍ତୀ ସମୟରେ ଜୁନ ୨୦ ଓ ପରେ ଜୁନ ୨୫ ତାରିଖ କୁ ଘୁଞ୍ଚା ଯାଇଥିଲା।

## ବିଶ୍ୱର ସବୁଠାରୁ ବୟସ୍କ କଇଁଛ 'ଜୋନାଥନ୍'କୁ ଭେଟିବେ ମୋଦୀ



ନୂଆଦିଲ୍ଲୀ, ୨୭/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ସେଚେଲ୍ସ ଗସ୍ତରେ ଥିବା ବେଳେ ସେଠାରେ ସେ ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ୍' ନାମକ ଏକ ବିଶାଳକାୟ କଇଁଛକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଭାରତ ଓ ସେଚେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ ବର୍ଷ ପୂର୍ତ୍ତି ବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଚେଲ୍ସର ଜାତୀୟ ଦିବସ ସମାରୋହରେ 'ମୁଖ୍ୟ ଅତିଥି' ଭାବେ ନିମନ୍ତ୍ରଣ କରାଯାଇଛି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସେଠାକାର ଜାତୀୟ ବଟାନିକାଲ୍ ଗାର୍ଡେନ୍ ପରିଦର୍ଶନ କରିବା ସହ ପରିବେଶ ସଂରକ୍ଷଣର ବାର୍ତ୍ତା ଦେଇ ଏକ ବୃକ୍ଷରୋପଣ ମଧ୍ୟ କରିବେ। ଗିନିଜ୍ ୱାର୍ଲଡ୍ ରେକର୍ଡସ ପକ୍ଷରୁ ପୃଥିବୀର ସବୁଠାରୁ ଦୀର୍ଘଜୀବୀ ସ୍ଥଳଚର ପ୍ରାଣୀର ମାନ୍ୟତା ପାଇଥିବା ଏହି ସେଚେଲ୍ସ ଜାତୀୟ କଇଁଛ 'ଜୋନାଥନ୍'ର ଜନ୍ମ ଆନୁମାନିକ ୧୮୩୨ ମସିହାରେ ହୋଇଥିଲା ଏବଂ ବର୍ତ୍ତମାନ ତା'ର ବୟସ ପ୍ରାୟ ୧୯୪ ବର୍ଷ। ବିଗତ ଦୁଇ ଶତାବ୍ଦୀ ଧରି ବିଶ୍ୱର ଅନେକ ଐତିହାସିକ ପରିବର୍ତ୍ତନର ମୂକସାକ୍ଷୀ ସାଜିଥିବା ଏହି ଜୀବଟି ବାର୍ଦ୍ଧକ୍ୟ ଜନିତ କାରଣରୁ ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି ହ୍ରାସ ପାଇଥିଲେ ମଧ୍ୟ ସ୍ୱତନ୍ତ୍ର ଯତ୍ନ ଯୋଗୁଁ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଓ ସେଚେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଉଚ୍ଚସ୍ତରୀୟ ଗସ୍ତ ଦ୍ୱାରା ଦ୍ୱିପାକ୍ଷିକ ଆଲୋଚନା ସହ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ବ୍ଲୁ ଇକୋନୋମି ଏବଂ ଜଳବାୟୁ ପ୍ରତିରୋଧକ ଶକ୍ତି ବୃଦ୍ଧି କ୍ଷେତ୍ରରେ ରଣନୈତିକ ସହଯୋଗ ଆହୁରି ମଜବୁତ ହେବ।

## ମହାରାଷ୍ଟ୍ର ରାଜନୀତି : ସଫଳ ହେଲା ସିନ୍ଦେଙ୍କ 'ଅପରେସନ୍ ଟାଇଗର'

ମୁମ୍ବାଇ, ୨୭/୦୬ : ମହାରାଷ୍ଟ୍ର ରାଜନୀତିରେ ଦେଖିବାକୁ ମିଳିଛି ହାଇ-ଭୋଲେଟଜ ଡ୍ରାମା। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଶିବସେନାର ୬ ବିଦ୍ରୋହୀ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶାସକ ଶିବସେନାରେ ସାମିଲ ହୋଇଛନ୍ତି। ମୁମ୍ବାଇରେ ଏକ ସମ୍ବାଦିକ ସମ୍ମିଳନୀରେ ଏହି ସାଂସଦମାନେ ନିଜର ନୂଆ ରାଜନୈତିକ ନିଷ୍ପତ୍ତି ସଂପର୍କରେ ଘୋଷଣା କରିଛନ୍ତି । ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଥିବା ସାଂସଦଙ୍କ ମଧ୍ୟରେ ସଞ୍ଜୟ ହରିଭାଉ ଜାଧବ, ଭାଉସାହେବ ରାଜାରାମ ୱାକଚୌରେ, ଓମ୍ ପ୍ରକାଶ ଭୂପାଲସିଂହ ନିମ୍ବଲକର, ସଞ୍ଜୟ ଦିନା ପାଟିଲ, ସଞ୍ଜୟ ଉତ୍ତମରାଓ ଦେଶମୁଖ ଏବଂ ନାଗେଶ ବାପୁରାଓ ପାଟିଲ ଅଷ୍ଟିକର ସାମିଲ । ବିଦ୍ରୋହୀ ସାଂସଦମାନେ ପ୍ରଥମେ ଏକନାଥ ସିନ୍ଦେଙ୍କ ସହ ନନ୍ଦନବନ ବଙ୍ଗଳାରେ ବୈଠକ କରିଥିଲେ । ଏହାପରେ ସାମ୍ବାଦିକ ସମ୍ମିଳନୀ ଲାଗି ୱାଇବି ଚୌହାନ ସେଣ୍ଟର ପହଞ୍ଚିଥିଲେ। ଏହି ସମୟରେ ସିନ୍ଦେ କହିଥିଲେ ଯେ, 'ଅପରେସନ୍ ଟାଇଗର' ସଫଳ ହୋଇଛି । ଏଠାରେ ଜଣେ ନୁହନ୍ତି, ୬ ଜଣ 'ଟାଇଗର ଉପସ୍ଥିତ ଅଛନ୍ତି। ୪ ବର୍ଷ ପୂର୍ବରୁ ସେ ଦଳ, ବାଲାସାହେବଙ୍କ ବିଚାରଧାରା ଏବଂ ଧନୁ-ବାଣ ଚିହ୍ନକୁ ବଞ୍ଚାଇବାକୁ ବିଦ୍ରୋହ କରିଥିଲେ। ସେତେବେଳେ ୪୦ ଜଣ ବିଧାୟକ ତାଙ୍କ ସହ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିବସେନାର ବିସ୍ତାର ହୋଇଛି। ସେହିପରି ବିଗତ ୪ ବର୍ଷ ମଧ୍ୟରେ ତାଙ୍କ ଗୋଷ୍ଠୀ ଶିବସେନାକୁ ଦୃଢ଼ କରିବାକୁ କାମ କରିଛି । ହିନ୍ଦୁତ୍ୱ ବିଚାରଧାରା ପ୍ରତି ପ୍ରତିବଦ୍ଧ ରହିଛି। ତାଙ୍କ କାମ ଦ୍ୱାରା ପ୍ରଭାବିତ ହୋଇ ଏହି ସାଂସଦମାନେ ଆଜି ଅସଲି ଶିବସେନା ପରିବାରରେ ସାମିଲ ହୋଇଛନ୍ତି। ନୂଆ କରି ସାମିଲ ହୋଇଥିବା ସାଂସଦଙ୍କ ଚିନ୍ତା ଏବଂ ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶମୂଳକ ଆବଶ୍ୟକତାକୁ ପୂରଣ କରାଯିବ। ଦଳରେ କେହି ସୁପ୍ରିମ ଲିଡର ନାହାନ୍ତି ବୋଲି ସିନ୍ଦେ ପ୍ରକାଶ କରିଛନ୍ତି । ୨୦୨୨ ପରେ ଏହାକୁ ମିଶାଇ ଶିବସେନା ଦ୍ୱିତୀୟ ଥର ଭାଙ୍ଗିଛି । ଏହି ସଂସଦଙ୍କୁ ମିଶାଇଲେ ଲୋକସଭାରେ ସିନ୍ଦେ ଗୋଷ୍ଠୀର ସାଂସଦଙ୍କ ସଂଖ୍ୟା ୭ରୁ ୧୩କୁ ବୃଦ୍ଧି ପାଇଛି। ଉଦ୍ଧବଙ୍କ ଗୋଷ୍ଠୀରେ ୯ଜଣଙ୍କ ମଧ୍ୟରୁ ମାତ୍ର ୩ ଜଣ ସାଂସଦ ରହିଯାଇଛନ୍ତି । ସେପଟେ ଏହି ସାଂସଦଙ୍କ ବିରୋଧରେ ଦଳବଦଳ ଆଇନ ଲାଗୁ ହେବନାହିଁ । କାରଣ କୌଣସି ଦଳ ଭାଙ୍ଗିଲେ ସାଂସଦଙ୍କୁ ଅଯୋଗ୍ୟତାକୁ ରକ୍ଷା ପାଇବା ଲାଗି ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ଜରୁରି ହୋଇଥାଏ ।

## ଚଳଚଞ୍ଚଳ ରାଜ୍ୟ କଂଗ୍ରେସ : ଲାଲାଜୀ ଦେଶାଇଙ୍କୁ ଓଡ଼ିଶା ଦାୟିତ୍ୱ



ନୂଆଦିଲ୍ଲୀ, ୨୭/୦୬ : ଓଡ଼ିଶା ପ୍ରଦେଶ କଂଗ୍ରେସର ନୂଆ ପ୍ରଭାରୀ ଭାବେ ଗୁଜୁରାଟର ଟାଣୁଆ ନେତା ଦୃଢ଼ ସଂଗଠକ ଲାଲାଜୀ ଦେଶାଇଙ୍କୁ ନିଯୁକ୍ତି ମିଳିଛି। ୧୬ମାସ ତଳେ ଓଡ଼ିଶାରେ କଂଗ୍ରେସର ପ୍ରଭାରୀ ଭାବେ ଦାୟିତ୍ୱ ନେଇଥିବା ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ପିସିସି ସଭାପତି ଭକ୍ତ ଦାସ ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବାରେ ବିଫଳ ହୋଇଥିବା ଏବଂ ଅଜୟ ଲଲ୍ଲୁଙ୍କ ସହ ଛକାପଞ୍ଝା ଯୋଗୁ ଗୁଜୁରାଟର ଦୃଢ଼ ସଂଗଠକ ଭାବେ ପରିଚିତ ଲାଲାଜୀ ଦେଶାଇଙ୍କୁ ଦାୟିତ୍ୱ ଦଳୀୟ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟରେ ବିଜେପି ସରକାରର ବିଫଳତାକୁ ସଠିକ୍ ଢଙ୍ଗରେ ପ୍ରମୁଖ ବିରୋଧୀ ଦଳ ଭାବେ ବିଜେଡି ତୁଲାଇବାରେ ସକ୍ଷମ ହେଉନଥିଲେ ମଧ୍ୟ କଂଗ୍ରେସ ଏହି ସୁଯୋଗକୁ ହାତଛଡ଼ା କରୁଥିବାରୁ ଏଆଇସିସି ପକ୍ଷରୁ ଦେଶାଇଙ୍କ ଭଳି ଜଣେ ଅଭିଜ୍ଞ, ଦକ୍ଷ ଓ ତୃଣମୂଳସ୍ତରର ସଂଗଠକଙ୍କୁ ଦଳ ଓଡ଼ିଶା ପଠାଇଥିବା କୁହାଯାଉଛି। ଶ୍ରୀ ଦେଶାଇ ଦାୟିତ୍ୱ ନେବା ପରେ ପିସିସି ସଭାପତି ପରିବର୍ତ୍ତନର ସମ୍ଭାବନା ରହିଛି ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନରେ ଦଳର ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ନିର୍ଦ୍ଦେଶରେ ଓଡ଼ିଶାର ପ୍ରଭାରୀ ଭାବେ ଲାଲାଜୀ ଦେଶାଇଙ୍କୁ ନିଯୁକ୍ତି ମିଳିଛି । ସେ ଅଜୟ ଲଲ୍ଲୁଙ୍କ ସ୍ଥାନରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ସାଂଗଠନିକ ପରିବର୍ତ୍ତନ ପଛରେ ଓଡ଼ିଶାରେ କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଓ ରାଜନୀତିକ ସଙ୍କଟ ଲୁଚି ରହିଥିବା ଜଣାପଡ଼ିଛି। ପିସିସି ସୂତ୍ରରୁ ଜଣାପଡ଼ିଛି ଯେ, ବରିଷ୍ଠ ନେତା ଭକ୍ତ ଦାସ ପିସିସି ସଭାପତି ଦାୟିତ୍ୱ ଗ୍ରହଣ କରିବାର ଦେଢ଼ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ରାଜ୍ୟରେ କଂଗ୍ରେସକୁ କୌଣସି ପ୍ରକାରର ଆଖିଦୃଶିଆ ସାଂଗଠନିକ ଫାଇଦା ମିଳିପାରି ନାହିଁ। ବରଂ ଦଳ ଏବେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହିଛି। ଭକ୍ତଙ୍କ ନେତୃତ୍ୱରେ ଦଳ ଏପର୍ଯ୍ୟନ୍ତ ଓଡ଼ିଶାରେ ନିଜର ପ୍ରଦର୍ଶନ ସୁଧାରିବାରେ କିମ୍ବା ଶାସକ ଦଳ ବିରୋଧରେ ବୃହତ୍ ଜନଆନ୍ଦୋଳନ ସୃଷ୍ଟି କରିବାରେ ବିଫଳ ରହିଛି। ବିଜେପି ସରକାରର ବିରୁଦ୍ଧରେ ମାଳମାଳ ଅଭିଯୋଗ ଆସୁଥିଲେ ମଧ୍ୟ ବିଜେଡି ଭଳି କଂଗ୍ରେସ ରାଜ୍ୟରେ ନିରବଦ୍ରଷ୍ଟା ସାଜିଛି। ଭକ୍ତଙ୍କ ଏଭଳି ମତିଗତିକୁ ଦଳର ଅଧିକାଂଶ ବରିଷ୍ଠ ନେତା ମଧ୍ୟ ନାପସନ୍ଦ କରୁଥିବା ଜଣାପଡ଼ିଛି। ଏପରିକି ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁଙ୍କ ସହ ଭକ୍ତଙ୍କ ଦୀର୍ଘଦିନ ଧରି ଛକାପଞ୍ଝା କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ବି ବ୍ୟଥିତ କରିଥିବା ଚର୍ଚ୍ଚା ହେଉଛି। ଏସବୁ କାରଣକୁ ଦୃଷ୍ଟିରେ ରଖି ରାଜ୍ୟରେ କଂଗ୍ରେସକୁ ପୁନଃ ସଂଗଠିତ କରିବା ଓ ନେତୃତ୍ୱର ବିଫଳତାକୁ ଦୂର କରିବା ନିମନ୍ତେ ଗୁଜୁରାଟର ଟାଣୁଆ ନେତା ଲାଲାଜୀ ଦେଶାଇଙ୍କୁ ଏଆଇସିସି ହାଇକମାଣ୍ଡ ଓଡ଼ିଶା ପଠାଇଥିବା ଦଳୀୟ ମହଲରୁ ଜଣାପଡ଼ିଛି। ଶ୍ରୀ ଦେଶାଇ ଗୁଜୁରାଟ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ନିଜର ନିର୍ବାଚନୀ ପରିଚାଳନା ଓ ଦଳୀୟ ବିବାଦର ସମାଧାନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି। ସେ କଂଗ୍ରେସ କାର୍ଯ୍ୟକାରୀ କମିଟିର ଜଣେ ସକ୍ରିୟ ସଦସ୍ୟ ଅଛନ୍ତି।

ବିଗତ ୮ବର୍ଷ ଧରି କଂଗ୍ରେସ ସେବା ଦଳର ଜାତୀୟ ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି। ହରିୟାଣା ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଦଳ ଭିତରେ ଶୃଙ୍ଖଳା ରକ୍ଷା କରିବାରେ ମଧ୍ୟ ସକ୍ଷମ ହୋଇଥିଲେ ବୋଲି ଜଣାପଡ଼ିଛି।

ଶ୍ରୀ ଦେଶାଇଙ୍କ ନିଯୁକ୍ତି ପ୍ରସଙ୍ଗରେ ପିସିସି ଜଣେ ବରିଷ୍ଠ ନେତା ନିଜ ନାମ ଗୁପ୍ତ ରଖିବା ସର୍ତ୍ତରେ କହିଛନ୍ତି ଯେ, ଲାଲାଜୀ ଦେଶାଇ କୌଣସି ପାରମ୍ପରିକ ରାଜନୀତିକ ମ୍ୟାନେଜର ନୁହଁନ୍ତି। ସେ ସେବାଦଳର ପୃଷ୍ଠଭୂମିରୁ ଆସିଥିବାରୁ କ୍ଷମତା ରାଜନୀତି ଅପେକ୍ଷା ବୁଥସ୍ତରରୁ ଦୀର୍ଘକାଳୀନ ସଂଗଠନ ଉପରେ ଗୁରୁତ୍ୱ ଦିଅନ୍ତି। ରାଜ୍ୟରେ ବର୍ତ୍ତମାନ ସ୍ଥିତିରେ ବିଜେପି ଓ ବିଜେଡି ଭାଇଭାଇ ହୋଇ ଚାଲୁଥିବାରୁ କଂଗ୍ରେସ କର୍ମୀମାନଙ୍କୁ ସକ୍ରିୟ କରିବା ଓ ବୁଥସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରି ରାଜ୍ୟରେ ବିକଳ୍ପ ଭାବେ କଂଗ୍ରେସକୁ ଛିଡ଼ା କରାଇବା ଉପରେ ନିଶ୍ଚୟ ଗୁରୁତ୍ୱ ଦେବେ। ପିସିସି ସଭାପତିଙ୍କ କାର୍ଯ୍ୟଶୈଳୀକୁ ନେଇ ଦଳ ଭିତରେ ଏକ ବୃହତ୍ ଗୋଷ୍ଠୀ ଅସନ୍ତୁଷ୍ଟ ଥିବାରୁ ତାଙ୍କୁ ମଧ୍ୟ ପରିବର୍ତ୍ତନ କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ଇବୋଲା ଆଶଙ୍କା : ବିଦେଶୀ ଯାତ୍ରୀଙ୍କ ପାଇଁ 'ଏୟାର ସୁବିଧା ୨.୦' ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୭/୦୬ : ଇବୋଲା ଆଶଙ୍କା ପରେ କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି। ବିଦେଶରୁ ଭାରତକୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏୟାର ସୁବିଧା ୨.୦ ପୋର୍ଟାଲ ବାଧ୍ୟତାମୂଳକ କରାଯାଇଛି। ଏହା ଜରିଆରେ ସ୍ୱାସ୍ଥ୍ୟ ସ୍ୱଘୋଷଣା କରିବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ଏନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଡିଜିସିଏକୁ ଚିଠି ଲେଖି ସମସ୍ତ ବିମାନ ସେବା ସଂସ୍ଥାକୁ ତୁରନ୍ତ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ କୁହାଯାଇଛି। ଏହାର ଲକ୍ଷ୍ୟ ହେଉଛି ଦେଶର ପ୍ରବେଶ ପଏଣ୍ଟଗୁଡ଼ିକରେ ସଂକ୍ରାମକ ରୋଗ ନିରୀକ୍ଷଣକୁ ଆହୁରି ସୁଦୃଢ଼ କରିବା। ବି ଇବୋଲା ଭାଇରସ ଭଳି ରୋଗର ସମ୍ଭାବ୍ୟ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ଭାରତକୁ ଆସୁଥିବା ପ୍ରତ୍ୟେକ ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ଯାତ୍ରାର ୨୪ ଘଣ୍ଟା ପୂର୍ବରୁ ଅନଲାଇନରେ ଏୟାର ସୁବିଧା ୨.୦ ପୋର୍ଟାଲରେ ସ୍ୱଘୋଷଣା ଫର୍ମ ପୂରଣ କରିବାକୁ ପଡ଼ିବ। ଫର୍ମରେ ଗତ ୨୧ ଦିନର ଭ୍ରମଣ ଇତିହାସ, ସଂକ୍ରମିତ ବ୍ୟକ୍ତିଙ୍କ ସହ ସମ୍ପର୍କ ଓ ସ୍ୱାସ୍ଥ୍ୟ ଲକ୍ଷଣ ସମ୍ବନ୍ଧୀୟ ସୂଚନା ଦେବାକୁ ହେବ। ଏହି ତଥ୍ୟ ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀ, ଇମିଗ୍ରେସନ ବିଭାଗ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥାଙ୍କ ସହ ତୁରନ୍ତ ସେୟାର ହେବ।

## ଧମକ ଦେଲେ ଟ୍ରମ୍ପ : ଲାଗୁ କର ୧୦୦% ଡିଜିଟାଲ୍ ଟିକସ

ନୂଆଦିଲ୍ଲୀ, ୨୭/୦୬ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ଏକ କଡ଼ା ଚେତାବନୀ ଦେଇଛନ୍ତି। ସୋସିଆଲ ମିଡିଆରେ ଏକ ବିବୃତିରେ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଆମେରିକୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ଉପରେ କୌଣସି ପ୍ରକାରର ଟିକସକୁ ସହ୍ୟ କରାଯିବ ନାହିଁ। ଯଦି କୌଣସି ଦେଶ ଏପରି ନୂତନ ଡିଜିଟାଲ୍ ସେବା ଟିକସ ଲାଗୁ କରେ, ତେବେ ଆମେରିକା ସେହି ଦେଶରୁ ଆମଦାନି ହେଉଥିବା ସମସ୍ତ ସାମଗ୍ରୀ ଉପରେ ଭାରୀ ଟିକସ ଲାଗୁ କରିବ। ଆମେରିକା ତୁରନ୍ତ ସେହି ଦେଶଗୁଡ଼ିକରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦୦% ଶୁଳ୍କ ଲାଗୁ କରିବ। ଟ୍ରମ୍ପ ତାଙ୍କ ଚେତାବନୀରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଅନେକ ୟୁରୋପୀୟ ଦେଶ ଏପରି ଡିଜିଟାଲ୍ ଟିକସ ଲାଗୁ କରିବା ପାଇଁ ଗମ୍ଭୀରତାର ସହିତ ବିଚାର କରୁଛନ୍ତି। କିଛି ଦେଶ ଏହି ନୂତନ ଟିକସକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ଫଳରେ ଉତ୍ତେଜନା ବୃଦ୍ଧି ପାଇଛି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି, ଏହି ବାଣିଜ୍ୟ ଚେତାବନୀ ସମସ୍ତ ଦେଶ ପାଇଁ ଉଦ୍ଦିଷ୍ଟ। ଏହାକୁ ଗମ୍ଭୀରତାର ସହିତ ନିଆଯିବା ଉଚିତ୍। ଟ୍ରମ୍ପଙ୍କ ଚେତାବନୀ ଯୋଗୁଁ ଆମେରିକା ଏବଂ ୟୁରୋପୀୟ ସଂଘ ମଧ୍ୟରେ ପୂର୍ବରୁ ଥିବା ଉତ୍ତେଜନାପୂର୍ଣ୍ଣ



ବାଣିଜ୍ୟ ସମ୍ପର୍କ ପୁଣି ଥରେ ବିଗିଡ଼ି ଯିବାର ଆଶଙ୍କା ରହିଛି। ଗତ ବର୍ଷ, ଆମେରିକା ଏବଂ ୟୁରୋପୀୟ ସଂଘ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ୟୁରୋପୀୟ ସାମଗ୍ରୀ ଉପରେ ଆମେରିକୀୟ ଶୁଳ୍କକୁ ୧୫ ପ୍ରତିଶତରେ ସୀମିତ କରିଥିଲେ। ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଆମେରିକୀୟ ଶିଳ୍ପ ଉତ୍ପାଦ ଉପରେ ଶୁଳ୍କକୁ ସମ୍ପୂର୍ଣ୍ଣ ହ୍ରାସ କରିବାକୁ ରାଜି ହୋଇଥିଲା। ତେବେ ୟୁରୋପୀୟ ସଂଘର ଲମ୍ବା ଆଇନଗତ ପ୍ରକ୍ରିୟା ଚୁକ୍ତିନାମାର ପୂର୍ଣ୍ଣ କାର୍ଯ୍ୟକାରୀତାକୁ ଯଥେଷ୍ଟ ବିଳମ୍ବ କରିଥିଲା। ଫଳରେ ଡୋନାଲ୍ଡ ଟ୍ରମ୍ପ ଅସନ୍ତୁଷ୍ଟ ହୋଇଥିଲେ। ସେ ପୂର୍ବରୁ କିଛି ୟୁରୋପୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ପୁନଃ ଲାଗୁ କରିବାକୁ ଧମକ ଦେଇ ସାରିଛନ୍ତି।

ଏହି ନୂତନ ବାଣିଜ୍ୟ ବିବାଦ ଫ୍ରାନ୍ସ ଯୋଗୁଁ ସୃଷ୍ଟି ହୋଇଛି। ଆମେରିକୀୟ କମ୍ପାନିଗୁଡ଼ିକ ଉପରେ ଫ୍ରାନ୍ସ ଟିକସ ଲାଗୁ କରିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦେଶ କେବେବି ଆମେରିକୀୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ ଏବଂ ନିଜର ଡିଜିଟାଲ୍ ସେବା ଟିକସକୁ ଉଚ୍ଛେଦ କରିବ ନାହିଁ। ୨୦୧୯ ରେ, ଫ୍ରାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଡିଜିଟାଲ୍ ସେବାରୁ ଆୟ ଉପରେ ୩ ପ୍ରତିଶତ ଟିକସ ଲାଗୁ କରିଥିଲା, ଏହି ଟିକସ ଫ୍ରାନ୍ସରେ ବାର୍ଷିକ ରାଜସ୍ୱ ୨.୫ କୋଟି ୟୁରୋରୁ ଅଧିକ ଏବଂ ବିଶ୍ୱ ରାଜସ୍ୱ ୭୫ କୋଟି ୟୁରୋରୁ ଅଧିକ ଥିବା କମ୍ପାନିଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଗତ ବର୍ଷ,ଫରାସୀ ଆଇନ ସାଂସଦମାନେ ମଧ୍ୟ ଏହି ବିବାଦୀୟ ଟିକସକୁ ୩ ପ୍ରତିଶତରୁ ୬ ପ୍ରତିଶତକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଟ୍ରମ୍ପ ପୂର୍ବରୁ ଏକ କଠୋର ଚେତାବନୀ ଦେଇଥିଲେ ଯେ, ଯଦି ଫ୍ରାନ୍ସ ଏହି ନୂତନ ଟିକସ ପ୍ରତ୍ୟାହାର ନ କରେ ତେବେ ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ବିବାଦର ଜବାବରେ ଫରାସୀ ମଦ ଉପରେ ଆମେରିକା ସିଧାସଳଖ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ବିଚାର କରିପାରେ। ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଫ୍ରାନ୍ସ, ୟୁକେ, ଅଷ୍ଟ୍ରିଆ ଏବଂ ସ୍ପେନ୍ ଦ୍ୱାରା ଲାଗୁ କରାଯାଇଥିବା ଏହି ଡିଜିଟାଲ୍ ସେବା ଟିକସକୁ ଦୀର୍ଘ ସମୟ ଧରି ଦୃଢ଼ ବିରୋଧ କରାଯାଉଛି। ଆମେରିକୀୟ ପ୍ରଶାସନ ଯୁକ୍ତି ଦର୍ଶାଉଛନ୍ତି ଯେ, ଏହି ଡିଜିଟାଲ୍ ଟିକସଗୁଡ଼ିକ ମୁଖ୍ୟତଃ ଆମେରିକୀୟ ପ୍ରଯୁକ୍ତିବିଦ୍ୟାର ବଡ଼ ବଡ଼ କମ୍ପାନିଗୁଡ଼ିକୁ ଟାର୍ଗେଟ କରୁଛି। ବିଶ୍ୱ ଡିଜିଟାଲ୍ ସେବା କ୍ଷେତ୍ରରେ ଆମେରିକୀୟ କମ୍ପାନିଗୁଡ଼ିକର ପ୍ରାଧାନ୍ୟକୁ ଦୃଷ୍ଟିରେ ରଖି , ସେମାନଙ୍କ ଉପରେ ଏହି ଟିକସ ଲାଗୁ କରିବା ପକ୍ଷପାତପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପଙ୍କ ଚେତାବନୀ ଆମେରିକା ଏବଂ ୟୁରୋପ ମଧ୍ୟରେ ଏକ ବଡ଼ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଏହା ଭବିଷ୍ୟତର ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ବିଶ୍ୱର ପ୍ରମୁଖ ଅର୍ଥନୀତି ପାଇଁ ଗମ୍ଭୀର ପରିଣାମ ଆଣିପାରେ ବୋଲି ଅନୁମାନ କରାଯାଉଛି।

# ଆମେ କ'ଣ ସତରେ ବିକାଶ କରୁଛୁ ?



ଲକି ସ୍ୱାଇଁ

ଆମେ କଣ ସତରେ ବିକାଶ କରୁଛୁ? ଜିଡିପି ବୃଦ୍ଧି କି ପ୍ରକୃତ ବିକାଶର ପର୍ଯ୍ୟାୟବାଚୀ?

ନା ଆମେ କେବଳ ସଂଖ୍ୟାର ଚମକରେ ବାସ୍ତବତାକୁ ଲୁଚାଇ ରଖୁଛୁ? ହାର୍ଭାର୍ଡର ପ୍ରଥମ ଶିକ୍ଷା : ଜିଡିପି ଓ ସମୃଦ୍ଧି ଏକ ନୁହେଁ। ହାର୍ଭାର୍ଡ ବିଜନେସ ସ୍କୁଲ ଏବଂ ଆଇଆଇଏମ୍ ଗୁଡ଼ିକରେ ଦେଶର ଆର୍ଥିକ ବିକାଶ ବିଶ୍ଳେଷଣ କରିବା ବେଳେ ଏକ ମୂଳ ପ୍ରଶ୍ନ ପଚରାଯାଏ 'ଗୋଟିଏ ଦେଶ ଲୋକସଂଖ୍ୟାରେ ଧନୀ ନ ହୋଇ ସଂଖ୍ୟାରେ ଧନୀ ହୋଇପାରିବ।' ଅର୍ଥାତ୍ ଏକ ଦେଶର ଜିଡିପି ବଢ଼ିପାରେ, କିନ୍ତୁ ଲୋକମାନଙ୍କ ଜୀବନମାନ ସେହି ଅନୁପାତରେ ଉନ୍ନତ ନ ହୋଇପାରେ। ଯଦି ଜିଡିପି ବଢ଼େ କିନ୍ତୁ— ଚାକିରି ସୃଷ୍ଟି ନହୁଏ, କୃଷକଙ୍କ ଆୟ ନ ବଢ଼େ, ଶିକ୍ଷାର ମାନ ଉନ୍ନତ ନହୁଏ, ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କ ପହଞ୍ଚରେ ନ ଥାଏ, ତେବେ ସେହି ବିକାଶ କେବଳ ପରିସଂଖ୍ୟାନରେ ରହିଯାଏ।

ଜିଡିପିର ଚମକ, ନା ଜାତୀୟ ସମ୍ପଦର ପ୍ରକୃତ ନିର୍ମାଣ? 'ଏକ ଦେଶର ପ୍ରକୃତ ଶକ୍ତି ତାହାର ଉଚ୍ଚ ଅଟ୍ଟାଳିକାରେ ନୁହେଁ, ବରଂ ତାହାର କାରଖାନା, ଗବେଷଣା କେନ୍ଦ୍ର, ବିଦ୍ୟାଳୟ ଓ ଦକ୍ଷ ନାଗରିକଙ୍କ ମଧ୍ୟରେ ଲୁଚି ରହିଥାଏ।' ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି। ଏକ୍ସପ୍ରେସୱେ, ମେଟ୍ରୋ ରେଳ, ବନ୍ଦେ ଭାରତ, ବିମାନବନ୍ଦର, ଡିଜିଟାଲ ପେମେଣ୍ଟ ଏବଂ ସ୍ମାର୍ଟ ସିଟି ପ୍ରକଳ୍ପ ଦେଖି ଆମେ ବିକାଶର ଏକ ନୂତନ ଚିତ୍ର ଦେଖୁଛୁ। କିନ୍ତୁ ଅର୍ଥନୀତିର ଏକ ମୌଳିକ ପ୍ରଶ୍ନ ଆଜି ମଧ୍ୟ ଉତ୍ତର ଖୋଜୁଛି

କେସ୍ ଷ୍ଟଡି ୧- ଚୀନ : ଶେନଜେନରୁ ବିଶ୍ୱ କାରଖାନା ପର୍ଯ୍ୟନ୍ତ ୧୯୮୦ରେ



ଶେନଜେନ ଏକ ଛୋଟ ମାଛଧରା ଗ୍ରାମ ଥିଲା। ଜନସଂଖ୍ୟା ଥିଲା ମାତ୍ର ୩୦ ହଜାର। ଚୀନ ସରକାର ସେଠାରେ ସ୍ପେସିଆଲ ଇକୋନମିକ ଜୋନ୍ ଗଠନ କଲେ।

ସରକାରଙ୍କ ଲକ୍ଷ୍ୟ ଥିଲା ବିଦେଶୀ ନିବେଶ ଆଣିବା, ଉତ୍ପାଦନ ବୃଦ୍ଧି, ରପ୍ତାନି ବଢ଼ାଇବା, ପ୍ରଯୁକ୍ତି ଶିଖିବା। ଆଜି ଶେନଜେନର ଏଉଚ ଅନେକ ଦେଶର ଜିଡିପି ଠାରୁ ଅଧିକ। ଏହି ସହର ବିଶ୍ୱର ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ହୃଦୟ। ଆଇଆଇଏମର ଏକ ଲୋକପ୍ରିୟ କେସ୍ ଷ୍ଟଡିର ନିଷ୍କର୍ଷ— 'ଚୀନ ଅଧିକ ବ୍ୟବହାର କରିବା ଯୋଗୁଁ ଧନୀ ହୋଇନାହିଁ। ଚୀନ ଅଧିକ ଉତ୍ପାଦନ କରିବା ଯୋଗୁଁ ଧନୀ ହୋଇଛି।'

କେସ୍ ଷ୍ଟଡି – ୨ : ଜାପାନ ମେଇଜି ରିଷ୍ଟରେସନର ଅର୍ଥନୈତିକ ଚମତ୍କାର । ୧୮୬୮ରେ ଜାପାନ ପ୍ରାୟ ଏକ ସାମନ୍ତବାଦୀ ରାଷ୍ଟ୍ର ଥିଲା। କିନ୍ତୁ ମେଇଜି ରିଷ୍ଟରେସନ ପରେ ଜାପାନ ତିନୋଟି କାମ କଲା— ୧. ସର୍ବସାଧାରଣ ଶିକ୍ଷା, ୨. ଶିଳ୍ପାୟନ, ୩. ପ୍ରଯୁକ୍ତି ହସ୍ତାନ୍ତର। ମାତ୍ର ୪୦ ବର୍ଷ ମଧ୍ୟରେ ଜାପାନ ଏସିଆର ପ୍ରଥମ ଶିଳ୍ପଶକ୍ତି ହେଲା।

ଆଜି ମଧ୍ୟ ହାର୍ଭାର୍ଡ କେନେଡି ସ୍କୁଲରେ ଏହାକୁ 'ମାନବ ପୁଞ୍ଜି ମାଧ୍ୟମରେ ରାଷ୍ଟ୍ର ନିର୍ମାଣ' ଭାବରେ ପଢ଼ାଯାଏ।

କେସ୍ ଷ୍ଟଡି – ୩ : ଦକ୍ଷିଣ କୋରିଆ- ଯୁଦ୍ଧବିଧ୍ୱସ୍ତ ଦେଶରୁ ଟେକ୍ନୋଲୋଜି ମହାଶକ୍ତି। ୧୯୫୩ରେ କୋରିଆ ଯୁଦ୍ଧ ପରେ ଦକ୍ଷିଣ କୋରିଆ ବିଶ୍ୱର ସବୁଠାରୁ ଦରିଦ୍ର ଦେଶ ମଧ୍ୟରୁ ଗୋଟିଏ ଥିଲା। ସେତେବେଳେ ତାହାର ମୁଣ୍ଡପିଛା ଆୟ ଭାରତଠାରୁ କମ ଥିଲା। ଆଜି ସେହି ଦେଶ ବିଶ୍ୱକୁ ସାମସଙ୍ଗ, ହୁଣ୍ଡାଇ, ଏଲଜି, କିଆ ଭଳି ବ୍ରାଣ୍ଡ ଦେଇଛି। ସେମାନେ ବୁଝିଥିଲେ 'ପ୍ରଯୁକ୍ତିବିଦ୍ୟା ଏକ ଖର୍ଚ୍ଚ ନୁହେଁ। ଏହା ଏକ ଜାତୀୟ ନିବେଶ।'

କେସ୍ ଷ୍ଟଡି – ୪ : ସିଙ୍ଗାପୁର- ଭୂମି ନାହିଁ, ସମ୍ପଦ ନାହିଁ, ତଥାପି ସମୃଦ୍ଧ। ସିଙ୍ଗାପୁର ପାଖରେ ନାହିଁ ଖଣିଜ। ନାହିଁ ବିଶାଳ କୃଷି ଜମି। ନାହିଁ ବିଶାଳ ଜନସଂଖ୍ୟା। କିନ୍ତୁ ଅଛି ସୁଶାସନ, ଦୁର୍ନୀତି ବିରୋଧୀ ନୀତି, ଦକ୍ଷ ପ୍ରଶାସନ, ଗୁଣାତ୍ମକ ଶିକ୍ଷା। ଏହି ଚାରୋଟି ଜିନିଷ ଏକ ଦେଶକୁ ପ୍ରାକୃତିକ ସମ୍ପଦଠାରୁ ମଧ୍ୟ ଅଧିକ ଧନୀ କରିପାରେ।

କେସ୍ ଷ୍ଟଡି – ୫ : ଭାରତ- ୧୯୯୧ ଆର୍ଥିକ ସଂସ୍କାରରୁ ୨୦୨୫। ୧୯୯୧ରେ ଭାରତ ବୈଦେଶିକ ମୁଦ୍ରା ସଙ୍କଟରେ ପଡ଼ିଥିଲା। ଦେଶ ପାଖରେ ମାତ୍ର କିଛି ସପ୍ତାହର ଆମଦାନୀ ପାଇଁ ଅର୍ଥ ଥିଲା। ସେତେବେଳେ ଆର୍ଥିକ ଉଦାରୀକରଣ ଆରମ୍ଭ ହେଲା। ଏହା ପରେ ଆଇ ଟି କ୍ଷେତ୍ରର ବିକାଶ, ସେବା କ୍ଷେତ୍ରର ବିସ୍ତାର, ବିଦେଶୀ ନିବେଶ ବୃଦ୍ଧି, ଅର୍ଥନୀତିର ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଲା। କିନ୍ତୁ ଏକ ପ୍ରଶ୍ନ ଆଜି ମଧ୍ୟ ରହିଛି ଭାରତ କି ଚୀନ ଭଳି ଉତ୍ପାଦନ ଶକ୍ତି ହୋଇପାରିଛି ? ଉତ୍ତର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହଁ ନୁହେଁ। ଭାରତର ପ୍ରକୃତ ଚ୍ୟାଲେଞ୍ଜ ଆଜି ଭାରତର ଜନସଂଖ୍ୟା ପ୍ରାୟ ୧୪୩ କୋଟି। ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ଚାକିରି ବଜାରକୁ ଆସୁଛନ୍ତି।

ଏହି ପରିସ୍ଥିତିରେ ଦେଶକୁ ଆବଶ୍ୟକ ଉତ୍ପାଦନମୂଳକ ଶିଳ୍ପ, ରପ୍ତାନି ବୃଦ୍ଧି, କୃଷି ଆଧୁନିକୀକରଣ, ଗବେଷଣା ଓ ନବସୃଜନ, ଉଚ୍ଚମାନର ବୈଷୟିକ ଶିକ୍ଷା, ଉର୍ଜା ସୁରକ୍ଷା, ଦୀର୍ଘମିଆଦୀ ଅର୍ଥନୈତିକ ଯୋଜନା।

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜେମେଣ୍ଟର ଫାଇନାନ୍ସିଆଲ ମ୍ୟାନେଜମେଣ୍ଟର ସବୁଠାରୁ ବଡ଼ ଶିକ୍ଷା। ଯେଉଁ ଦେଶ ଉତ୍ପାଦନ କରେ, ସେ ସମୃଦ୍ଧ ହୁଏ। ଯେଉଁ ଦେଶ ଗବେଷଣା କରେ, ସେ ନେତୃତ୍ୱ ନିଏ। ଯେଉଁ ଦେଶ ଶିକ୍ଷାରେ ବିନିଯୋଗ କରେ, ସେ ଭବିଷ୍ୟତ ଜିତେ। ଯେଉଁ ଦେଶ କେବଳ ଉପଭୋଗ କରେ, ସେ ଅନ୍ୟର ବଜାର ହୋଇ ରହିଯାଏ।

ଚୀନ, ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଭିଏତନାମର ଇତିହାସ ଆମକୁ ଗୋଟିଏ ସ୍ପଷ୍ଟ ବାର୍ତ୍ତା ଦେଉଛି ବିକାଶର ଅର୍ଥ କେବଳ ଏଉଚ ନୁହେଁ; ବିକାଶର ଅର୍ଥ ହେଉଛି ଜାତୀୟ କ୍ଷମତା ନିର୍ମାଣ। ଏକ ଦେଶର ଭବିଷ୍ୟତ ରାଜନୈତିକ ନାରାରେ ନୁହେଁ, ବରଂ ତାହାର ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କାରଖାନା, ଗବେଷଣା କେନ୍ଦ୍ର, ବନ୍ଦର, ବିଦ୍ୟୁତ ପ୍ରକଳ୍ପ ଓ ଦକ୍ଷ ନାଗରିକଙ୍କ ଉପରେ ନିର୍ଭର କରେ। ତେଣୁ ଆଜିର ପ୍ରଶ୍ନ କେବଳ ସରକାରଙ୍କ ପାଇଁ ନୁହେଁ, ଆମ ସମସ୍ତଙ୍କ ପାଇଁ ଆମେ କଣ ସତରେ ବିକାଶ କରୁଛୁ, ନା କେବଳ ବିକାଶର ସ୍ୱପ୍ନ ଦେଖୁଛୁ ?


**ଯୁବ ସମାଜସେବୀ**
**ଭୁବନେଶ୍ୱର**

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ

# କ୍ଷମତା ଓ ସମ୍ପତ୍ତି ଲୋଭ

କ୍ଷମତା ଓ ସମ୍ପତ୍ତି ଲୋଭ ମଣିଷ ଜାତିକୁ ଆଦିମ ଯୁଗରୁ ହନ୍ତସନ୍ତ କରିଆସିଛି। ଅଧିକ ଜମି ପାଇବା ପାଇଁ ବିଶ୍ୱବ୍ୟାପୀ ରାଜା ମହାରାଜାମାନେ ଯୁଗଯୁଗରୁ ଯୁଦ୍ଧ କରିଆସୁଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଓ ଲୁଣ୍ଠନ କରିବା ନାମରେ ଉପନିବେଶ ଚିନ୍ତାଧାରା ଜନ୍ମନେଲା, ଯାହାକି ଅନେକ ଶହ ବର୍ଷ ପର୍ଯ୍ୟନ୍ତ ରହିଆସିଲା। ଇତିହାସ ଦେଖିଲେ ଆଲେକ୍‌ଜାଣ୍ଡାର, ବେନିଟୋ ମୁସୋଲିନ, ହିଟ୍‌ଲରଙ୍କଠାରୁ ଆରମ୍ଭ କରି ଏବର ସମୟରେ କିମ୍ ଜଙ୍ଗ୍ ଉନ୍, ପୁଟିନ୍, ଜିନ୍‌ପିଙ୍ଗ୍, ଟ୍ରମ୍ପଙ୍କ ଭଳି ଅନେକ ନେତା ଜନ୍ମ ନେଇଛନ୍ତି ଏବଂ କ୍ଷମତାରେ ମତ୍ତ ରହିଆସିଛନ୍ତି। କିଛି ସମୟ ଅର୍ଥାତ୍ ସେମାନଙ୍କ ଜୀବନକାଳରେ ଏହି ବ୍ୟକ୍ତିମାନେ ଅତି ଶକ୍ତିଶାଳୀ ଲାଗନ୍ତି, କିନ୍ତୁ ଢଗ ଅଛି–'ସମୟ ବଡ଼ ବଳବାନ୍'। ଯେଉଁଥିରୁ ବୁଝିବାକୁ ହେବ ଯେ ମଣିଷର ଜୀବନ କ୍ଷଣକ ପାଇଁ ହୋଇଥିବା ବେଳେ ସେହି ମଣିଷର ଲୋଭ ଅସରନ୍ତି ହୋଇଯାଏ। ମନେହୁଏ ଏହିଭଳି ନେତାମାନେ ଭାବନ୍ତି ସେମାନଙ୍କର ଛବି ସବୁଆଡ଼େ ଲଗାଇଲେ ସେମାନେ ସର୍ବଦା ଜୀବିତ ରହିବେ। ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗ୍‌ଙ୍କ ଆଜୀବନ ଶାସକ ରହିବାର ଚିନ୍ତା ଓ ସମ୍ପ୍ରସାରଣ ମାନସିକତା ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ତାଙ୍କୁ ନକାରାତ୍ମକ ଭାବେ ଚର୍ଚ୍ଚିତ ରଖିଛି। ଅନୁରୂପ ଭାବେ ରୁଷିଆର ଭ୍ଲାଡିମିର ପୁଟିନ୍ ଏବଂ ଉତ୍ତର କୋରିଆର ସର୍ବୋଚ୍ଚ ନେତା କିମ୍ ଜଙ୍ଗ୍ ଉନ୍ ଯେଉଁଭଳି ଭାବେ ମୃତ୍ୟୁ ଯାଏ ଶାସକ ଆସନରେ ବସିବାର ମୋହରେ ପାଗଳପ୍ରାୟ ହୋଇପଡ଼ିଛନ୍ତି ତାହା ବର୍ତ୍ତମାନର ପିଢ଼ିଙ୍କୁ ହିଟ୍‌ଲର ଓ ମୁସୋଲିନଙ୍କ ଭଳି ଶାସକଙ୍କ ଅବତାରକୁ ମନେପକାଇ ଦେଉଛି।

ଏବେ ଅନ୍ତର୍ଜାତୀୟ ସ୍ତରରେ ଆମେରିକାର ଏଲନ୍ ମସ୍କ ପୃଥିବୀର ସର୍ବପ୍ରଥମ ଟ୍ରିଲିୟନେୟାର ଭାବେ ଘୋଷିତ ହୋଇଛନ୍ତି। ଯେଉଁଦିନ ତାଙ୍କ ସ୍ପେସ୍ ଏକ୍ସ କମ୍ପାନୀର ବଜାରରେ ଅଂଶଧନ ପ୍ରବେଶ ହେଲା, ସେଥିରୁ ତାଙ୍କ ସମଗ୍ର ସମ୍ପତ୍ତିର ଅଭୂତପୂର୍ବ ବୃଦ୍ଧି ଘଟିଲା। ଏହି ପରିପ୍ରେକ୍ଷୀରେ ଦେଖିଲେ ଭାରତ ବର୍ଷର ଜିଡିପି ଏବେ ୪ ଟ୍ରିଲିୟନ୍ ଡଲାର ବୋଲି କୁହାଯାଉଛି। ଏଲନ୍ ମସ୍କଙ୍କ ସମ୍ପତ୍ତି ଭାରତର ୪ ଭାଗରୁ ଭାଗେ। କେବଳ ଏଲନ୍ ମସ୍କ ନୁହନ୍ତି, ମେଟାର ମାର୍କ ଜୁକରବର୍ଗ, ଓପନ୍ ଏଆଇର ସାମ୍ ଅଲ୍‌ଟମ୍ୟାନ୍, ଭାରତର ଗୌତମ ଆଦାନୀଙ୍କ ଭଳି କମ୍ପାନୀ ଇତିହାସର ରାଜା ମହାରାଜାଙ୍କ ପରି ଆଧୁନିକ ବ୍ୟବସାୟ ପାଇଁ ଡାଟା ସେଣ୍ଟର ନାମରେ ଜମି ଦଖଲ କରିବାରେ ବ୍ୟସ୍ତ। ପରିବର୍ତ୍ତନ ଘଟୁଛି, କିନ୍ତୁ ତାହା କେବଳ ନାମ ଓ ସାଙ୍ଗିଆରେ। ଲୋଭ ରାଜାଙ୍କଠୁ ଡେଇଁ ନୂତନ ରାଜନେତା ଓ ଶିଳ୍ପପତିଙ୍କୁ ଘାରୁଛି।

ଲୋଭ ଓ କ୍ଷମତାର ବିସ୍ତାର ଭାରତୀୟ ଆଇନ ବ୍ୟବସ୍ଥା ଯାଏ ଲମ୍ବିଛି। ନ୍ୟାୟସଙ୍ଗତ ନିଷ୍ପତ୍ତି ଦେଇ ବିଚାରପତିମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥାଆନ୍ତି। କିନ୍ତୁ ଲୋଭରେ ପଡ଼ି ଅନେକେ କ୍ଷମତାର ଅପବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ବଡ଼ବଡ଼ିଆଙ୍କ ମାମଲା ପାଇଁ ରାତିଅଧ ଯାଏ ଅଦାଲତ ବସାଇ ଦେଇଥାଆନ୍ତି। ଖରାଛୁଟିରେ ମଧ୍ୟ ବିଚାରପତିମାନେ ନିଜ ତରଫରୁ ପ୍ରଭାବଶାଳୀ ଶିଳ୍ପପତିମାନଙ୍କ ଶୁଣାଣି କରିଦିଅନ୍ତି। ନିରା ରାଡିଆ ମାମଲାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁଭଳି ଭାବେ ରତନ ଟାଟାଙ୍କ ସପ୍ତାହକ ମଧ୍ୟରେ ଶୁଣାଣିକରି ନିର୍ଦ୍ଦେଶ ଜାରି କରିଥିଲେ ତାହା ଅନେକଙ୍କ ମନେଥିବ। ତେଣେ ନ୍ୟାୟ ପାଇବା ପାଇଁ ସାଧାରଣ ଲୋକର ଗୋଟିଏ ବି ଜୀବନ ଯଥେଷ୍ଟ ହୋଇ ନ ଥାଏ। ଏଠି ଆଇନ ବ୍ୟବସ୍ଥାରେ କୌଣସି କାର୍ଯ୍ୟ ବେଆଇନ ବୋଲି କହିବା କଷ୍ଟକର। ବିଶେଷକରି ଯେତେବେଳେ ଦେଶବ୍ୟାପୀ ପ୍ରବଳ ତାପମାତ୍ରା ବୃଦ୍ଧି ଯୋଗୁ ଦିଲ୍ଲୀଠାରୁ ଇନ୍ଦୋର ପର୍ଯ୍ୟନ୍ତ ପାନୀୟଜଳର ଅଭାବ ଦେଖାଯାଉଛି ସେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଅଧିକାଂଶ ବିଚାରପତି ଏବଂ ବଡ଼ବଡ଼ିଆ ଓକିଲ କରଦାତାଙ୍କ ଖର୍ଚ୍ଚରେ ଲଣ୍ଡନ ଯାଇ ସେଠାରେ ନିଜ ନିଜ ମଧ୍ୟରେ ବ୍ୟାଡ଼ମିଣ୍ଟନ ଖେଳୁଛନ୍ତି।

ଉପରଲିଖିତ ବ୍ୟକ୍ତିଙ୍କ ଭଳି ଧର୍ମଗୁରୁ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ କ୍ଷମତା, ଧନ ଓ ମାନ ଲୋଭ ମଧ୍ୟ ଅସରନ୍ତି। ସବୁ ଧର୍ମଗୁରୁ ଲୋଭ ଛାଡ଼ିବା ପାଇଁ ବାଣୀ ଶୁଣାଉଥିବା ବେଳେ ନିଜେ ବିରାଟକାୟ ଆଶ୍ରମ ଏବଂ ଭକ୍ତଙ୍କର ଗୋଠ ଯୋଗାଡ଼ କରିବାରେ ଲାଗିଥାନ୍ତି। ମୃତ୍ୟୁ ପରେ ସେମାନଙ୍କର ଚେଲାମାନେ ସମ୍ପତ୍ତିର ମାଲିକ ହୁଅନ୍ତି ଏବଂ ସେହି ଚେଲାଙ୍କ ଲୋଭ ଆହୁରି ଅଧିକ ସମ୍ପତ୍ତି ପାଇଁ ଜାଗ୍ରତ ହୋଇଥାଏ। ତେବେ ଲୋଭକୁ ସ୍ୱୀକାର କରି ତାହାର ସୀମା ଚିହ୍ନିବା ହେଉଛି ବାସ୍ତବ ଆଧ୍ୟାତ୍ମିକତା। ସେହି ଆଧ୍ୟାତ୍ମିକତା କୌଣସି ଧର୍ମରେ ଶିଖାଯାଏ ନାହିଁ। ଯିଏ ଲୋଭକୁ ଆୟତ୍ତ କରିପାରିବ ତାହାର ଜୀବନ ଶାନ୍ତିରେ ବିତିବ।

## 'ବହି ତ୍ରୁଟି ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ଲାଗୁଛି'

ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ବହି ତ୍ରୁଟି ପଛରେ ଷଡ଼ଯନ୍ତ୍ର ଥିବା ଭଳି ଲାଗୁଛି। ଫେରାଯିବ ଭୁଲ ଛପା ଥିବା ସମସ୍ତ ବହି। ଏକ ଇଂରାଜୀ ଦୈନିକ ଖବରକାଗଜର କାର୍ଯ୍ୟକ୍ରମରେ ଏକଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବହି ତ୍ରୁଟି ପଛରେ ଷଡ଼ଯନ୍ତ୍ର ଥିବା ଭଳି ଲାଗୁଛି। ଫେରାଯିବ ଭୁଲ ଛପା ଥିବା ସମସ୍ତ ବହି। ଏକ ଇଂରାଜୀ ଦୈନିକ ଖବରକାଗଜର କାର୍ଯ୍ୟକ୍ରମରେ ଏକଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଦେଖାଦେଇଥିବା ତ୍ରୁଟିକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି। ପୂର୍ବରୁ ତ୍ରୁଟି ଘଟିଥିଲା, କିନ୍ତୁ ଏଥର ପରିମାଣ ଅସାଧାରଣ ଭାବରେ ଅଧିକ ରହିଛି। ସ୍କ୍ରିପ୍ଟ୍ ପ୍ରସ୍ତୁତି ଏବଂ ଯାଞ୍ଚ ଠାରୁ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ଯାଞ୍ଚ ଆବଶ୍ୟକ। ସେ କହିଛନ୍ତି ଯେ ରାଜ୍ୟ ସରକାରକୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର କରାଯାଇଥିବା ସନ୍ଦେହ ହେଉଛି। ବହି ତ୍ରୁଟି ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ୭ ଦିନରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ଯେଉଁମାନେ ଏଥିରେ ଜଡିତ ଥିବା ଜଣାପଡିବେ, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଏବଂ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ। ନୂତନ କପି ମୁଦ୍ରିତ ଏବଂ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ ତେବେ ମୁଦ୍ରଣ ପାଇଁ ହୋଇଥିବା ଖର୍ଚ୍ଚ ଦୋଷୀଙ୍କ ଠାରୁ ଆଦାୟ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଶୁଦ୍ଧିପତ୍ର ଜାରି କରାଯାଇ ବହିରେ ଥିବା ଭୁଲ୍ ଗୁଡ଼ିକୁ ସୁଧାରିବା ପାଇଁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ବହି ତ୍ରୁଟି ପଛରେ କିଏ ଷଡ଼ଯନ୍ତ୍ର କରିଛି ପ୍ରଶ୍ନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ସମ୍ପାଦନା ମଣ୍ଡଳୀ ଗଠନ ହୋଇଥିଲା। ସେ ବାହାର କରନ୍ତୁ କିଏ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇବାକୁ ଉଦ୍ୟମ କରିଥିଲେ। ତାଙ୍କ ହାତରେ ତଦନ୍ତକାରୀ ଟିମ୍ ଅଛନ୍ତି, ଦଣ୍ଡ ବିଧାନ ବି ସେ କରିପାରିବେ। ଏହି ପ୍ରସଙ୍ଗରେ ଚାଲି ନଜାଣି ବାଟର ଦୋଷ କହିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଅଶୋକ ପଣ୍ଡା।

# ଶକ୍ତିର ଯାତ୍ରା : ଜାଳ କାଠରୁ ଉଦଜାନ ଯାଏଁ- ଅଗ୍ନୀମୀଳେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ

ଡଃ ଗୌରୀଶଙ୍କର ସାହୁ

ହୋତାରଂ ରତ୍ନଧାତମମ। (ଋକବେଦର ପ୍ରଥମ ଶ୍ଳୋକ) (ଅଗ୍ନି, ଦେବତାମାନଙ୍କୁ ଧରାପୃଷ୍ଠକୁ ନିମନ୍ତ୍ରିତ କରେ ଓ ଦେବତାମାନେ ପୃଥିବୀକୁ ଆସି ମଣିଷ ଜାତିକୁ ସମ୍ପଦ ପ୍ରଦାନ କରନ୍ତି।)

ଯଜ୍ଞବେଦୀରେ କାଠ ଜାଳି ଅଗ୍ନି ସୃଷ୍ଟି କରାଯାଏ ଓ ଏହି ଅଗ୍ନି ଦେବତାମାନଙ୍କୁ ପୃଥିବୀକୁ ଆଣିଥାଏ ବୋଲି ଆମର ସର୍ବପ୍ରାଚୀନ ଧର୍ମଗ୍ରନ୍ଥ ଋକବେଦରେ ବର୍ଣ୍ଣନା କରାଯାଇଛି। ବୈଦିକ ଯୁଗ ଆଜକୁ ପ୍ରାୟ ୩୫୦୦ ବର୍ଷ ପୁରୁଣା ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି। ସଭ୍ୟତାର ଆରମ୍ଭରେ କାଠରୁ ଜାତ ନିଆଁ, ଶକ୍ତିର ବାହକ ଥିଲା। କାଠ ଜାଳି ନିଆଁ ଲଗାଯାଉଥିଲା ଓ ବୈଦିକ ସମାଜ ପାଇଁ ନିଆଁ ଥିଲା ଶକ୍ତିର ସ୍ୱରୂପ। ହେଲେ କାଠର ଶକ୍ତି ସାନ୍ଦ୍ରତା ଅତି ଗୌଣ। ଅର୍ଥାତ ନିର୍ଦ୍ଦିଷ୍ଟ ପରିମାଣର ଶକ୍ତି ଜାତ କରିବା ପାଇଁ ଅତ୍ୟଧିକ ଆୟତନର ଓ ଓଜନର କାଠ ଆବଶ୍ୟକ ହୁଏ। ଅଧିକ ଆୟତନ ଯୋଗୁଁ ରଖିବା ପାଇଁ ଅଧିକ ସ୍ଥାନର ଆବଶ୍ୟକତା। ତଥାପି କାଠ, ବହୁବର୍ଷ ଧରି ମାନବ ଜାତିର ଶକ୍ତି ଆବଶ୍ୟକତା ପୂରଣ କରୁଥିଲା, କାରଣ କାଠ ଏକ ଶସ୍ତା ଓ ମାଗଣାରେ ମିଳୁଥିବା ବସ୍ତୁ କହିଲେ ଅତ୍ୟୁକ୍ତି ହେବନାହିଁ ଓ ବିଶ୍ୱର କୋଣ ଅନୁକୋଣରେ ଗଛ ଉଠେ ଓ କାଠ ମିଳେ। ଭୌଗୋଳିକ ଏକାଧିପତ୍ୟ ଠାରୁ ନିରାପଦ ଦୂରତାରେ ଥାଏ କାଠ। ଆମ ବାଡ଼ିପଟେ, ଖେତରେ, ଖଳାରେ କାଠ ସାଇତି ରଖାଯାଇପାରେ।

ପ୍ରାୟ ୧୭୫୦ରୁ ୧୮୩୦ ମଝିରେ ଶିଳ୍ପ ବିପ୍ଲବ ଦାନା ବାନ୍ଧେ। ମଝିରେ ହାଲକା ବିଶ୍ରାମ ନେଇ ୧୮୫୦ ପାଖାପାଖି ଦ୍ୱିତୀୟ ଶିଳ୍ପ ବିପ୍ଲବ ଆରମ୍ଭ ହୁଏ। ଶିଳ୍ପ ବିପ୍ଲବ ମଣିଷ ଜାତିକୁ ଗାଁରୁ ସହରାଭୀମୁଖୀ କରାଏ। ସହରରେ ଅଳ୍ପ ଜାଗାରେ ଅଧିକ ଲୋକ ରହନ୍ତି। ଗଛଲତାର ଘନତା ନଥିଲା ପରି। ତେଣୁ ସହରରେ କାଠ ମହରଗ ଯୁଗେଯୁଗେ। ମଣିଷ ରହିବା ପାଇଁ ଜାଗା ନାହିଁ, କାଠ ଜଙ୍ଗଲରୁ ଆଣିଲେ ବି ରଖିବ କେଉଁଠି ସହରୀ ସଭ୍ୟତାରେ? ତେଣୁ ଶିଳ୍ପ ବିପ୍ଳବ ସମୟରେ କାଠର ବିକଳ୍ପ ଭାବେ ଉଭାହେଲା କୋଇଲା। ଏହାଛଡ଼ା ଶିଳ୍ପପାଇଁ କୋଇଲା ଏକ ବଳିଷ୍ଠ ଜାଳେଣି ଭାବେ ବିକଳ୍ପ ସାଜିଲା। କୋକକୁ ଲୌହଶିଳ୍ପରେ ଜାଳେଣି ଭାବେ ବ୍ୟବହାର କରାଗଲା, ୧୭୦୯ ବେଳକୁ। ବ୍ରିଟେନର ଶ୍ରୋପସାୟାରରୁ ଆରମ୍ଭ ଏହି ପରୀକ୍ଷଣ ୧୮୫୦ ବେଳକୁ ବ୍ରିଟେନର ଲୌହ ଉତ୍ପାଦନ କ୍ଷମତା ୨୫୦୦ ଟନରୁ ବଢ଼ାଇ ୨୫ ଲକ୍ଷ ଟନକୁ ପହଁଚାଇବାରେ ସକ୍ଷମ ହେଲା। କାଠରୁ କୋଇଲାକୁ ଲମ୍ୱାଡିଆଁ ଆଧୁନିକ ପୁଞ୍ଜିବାଦର ସମସାମୟିକ କାଳଖଣ୍ଡ ଥିଲା। ଏହି ଯାତ୍ରା ଖଣିଜ ତୈଳ ପାଖରେ ପହଁଚିବା ବେଳକୁ ବିଶ୍ୱରେ ପୁଞ୍ଜିବାଦର ଏକାଧିପତ୍ୟର ଦୃଶ୍ୟ ଆଖି ଆଗରେ ନାଚୁଥାଏ। ଖଣିଜ ତେଲ ପାଇପ ଦେଇ ବହିଯିବ ଓ ପରିବହନ ପାଇଁ ସୁବିଧାଜନକ ହୋଇଥିବାରୁ କୋଇଲାର ବିକଳ୍ପ ଭାବେ ଉଭାହେଲା। ଖଣିଜ ତେଲର ଶକ୍ତି ସାନ୍ଦ୍ରତା କୋଇଲା ଠାରୁ ଅଧିକ, ତେଣୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଉତ୍ତମ। କୋଇଲାର ଶକ୍ତି ସାନ୍ଦ୍ରତା କାଠ ଠାରୁ ଭଲ। ଖଣିଜ ତେଲର ସଂରକ୍ଷଣ ଓ ବଣ୍ଟନ ଏକ ସମସ୍ୟା ବହୁଳ ବ୍ୟାପାର। ତଥାପି ମଣିଷ ଜାତିର ଆଉ ବିକଳ୍ପ ବା କ'ଣ ଥିଲା ନବ୍ୟ ଆଧୁନିକ ସମାଜରେ?

ସେ କାଠ ହେଉ କି କୋଇଲା ଅବା ଖଣିଜ ତୈଳ, ଜାଳେଣି ମାତ୍ରେ ଅଙ୍ଗାରକ ବା ଉଦଜାନ। ଅଙ୍ଗାରକ ଓ ଉଦଜାନ ଉଭୟ ଜଳି ଶକ୍ତି ସୃଷ୍ଟି ହୁଏ। କାଠର ୫୦ ପ୍ରତିଶତ ଅଙ୍ଗାରକ, ୪୨ ପ୍ରତିଶତ ଅମ୍ଳଜାନ, ୬ ପ୍ରତିଶତ ଉଦଜାନ ଓ ବାକି ୨ ପ୍ରତିଶତ ଅନ୍ୟାନ୍ୟ। କାଠରେ ୧୦ଟି ଅଙ୍ଗାରକରେ ଗୋଟିଏ ଉଦଜାନ ପରମାଣୁ, କୋଇଲାରେ ଦୁଇଟି ଅଙ୍ଗାରକରେ ଗୋଟିଏ ଉଦଜାନ, ଖଣିଜ ତୈଳରେ ୪ଟି ଉଦଜାନରେ ଗୋଟିଏ ଅଙ୍ଗାରକ ପରମାଣୁ। ଅଙ୍ଗାରକ ଓ ଉଦଜାନର ଅନୁପାତ ହ୍ରାସ, ଶକ୍ତି ସାନ୍ଦ୍ରତା ବୃଦ୍ଧିର ଦ୍ୟୋତକ। ଉଦଜାନ ଜାଳେଣୀର ବିକଳ୍ପ ଭାବେ ଠିଆ ହେବାର ସୂତ୍ର ବାହାରିଛି ଏଇ ତାତ୍ତ୍ୱିକ ପୃଷ୍ଠଭୂମିରୁ। ଅଙ୍ଗାରକ ଶକ୍ତିର ଉତ୍ସ ବି ଓ ପ୍ରଦୂଷଣର ବି। ଅଙ୍ଗାରକ ଅମ୍ଳଜାନର ଉପସ୍ଥିତିରେ ଜଳି ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷିତ ଗ୍ୟାସ ସୃଷ୍ଟିକରେ। ଏହା ବାୟୁ ପ୍ରଦୂଷଣ ସହ ବିଶ୍ୱ ତାପନର କାରଣ ସାଜିଥାଏ। ଅଙ୍ଗାରକ ରହିତ ଜାଳେଣି ପରିବେଶ ପ୍ରଦୂଷଣରୁ ରକ୍ଷା କରିବା ସହ ବିଶ୍ୱର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରିଥାଏ। ପାରମାଣବିକ, ସୌର ଶକ୍ତିର ବ୍ୟବହାର ଆମ ପୃଥିବୀକୁ ଅତ୍ୟଧିକ ଉତ୍ତପ୍ତ ହେବାରୁ ବଞ୍ଚାଇବା ସହ ପ୍ରଦୂଷଣ ରୋକିବାରେ ସହାୟକ ହେବ।

ଅର୍ନ୍ତ- ସରକାରୀ ଜଳବାୟୁ ପରିବର୍ତ୍ତନ ପରିଷଦ(ଆଇପିସିସି) ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବାର ଲକ୍ଷ୍ୟ ରଖିଛି। ଆମର ଶକ୍ତି ଚାହିଦାର ୪୦ ପ୍ରତିଶତ ଅଣ ପାରମ୍ପରିକ ଅକ୍ଷୟ ଶକ୍ତିରୁ ଭରଣା ହୋଇପାରିଲେ ହିଁ ଏହି ଲକ୍ଷ୍ୟ ସାଧିତ ହୋଇପାରିବ। ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ପୂର୍ତ୍ତୀ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ୨୦୪୦ ସୁଦ୍ଧା ଶକ୍ତି ଚାହିଦାର ଶହେ ପ୍ରତିଶତ ଅକ୍ଷୟ ଶକ୍ତିରୁ ଭରଣା କରିବାର ଲକ୍ଷ୍ୟ ରହିଛି। ସବୁଜ ଶକ୍ତି ଅର୍ଥ, ୧୦୦ ପ୍ରତିଶତ ଉଦଜାନରୁ ଶକ୍ତି ସର୍ଜନା।

ଉଦଜାନ ସୃଷ୍ଟିର ଉପାୟ ବହୁବିଧା ଓ ରାସାୟନିକ ଓ ଜାଳେଣି କୋଷ ଉଭୟରେ ଉଦଜାନ ବ୍ୟବହୃତ। ୭୦୦-୧୦୦୦ ଡିଗ୍ରୀ ସେଲସିୟସର ବାମ୍ଫ ମିଥେନ ସହ ରାସାୟନିକ ପ୍ରତିକ୍ରିୟା କରି ଉଦଜାନ, ଅଙ୍ଗାରକାମ୍ଳ ଓ କାର୍ବନ ମନୋକ୍ସାଇଡ ସୃଷ୍ଟିକରେ ଉତପ୍ରେରକର ଉପସ୍ଥିତିରେ। ଏଇ ଉପାୟରେ "ଧୂସର ଉଦଜାନ" ମିଳେ। ଆଗକୁ ଗଲେ "ନୀଳ ଉଦଜାନ" ଓ ପରେ "ସବୁଜ ଉଦଜାନ" ମିଳିଥାଏ। ପ୍ଲାଟିନମ ଉତପ୍ରେରକର ଉପସ୍ଥିତିରେ ଜଳର ବିଦ୍ୟୁତ ବିଶ୍ଳେଷଣ ଉଦଜାନ ଓ ଅମ୍ଳଜାନ ସୃଷ୍ଟିକରେ। ସବୁଜ ଉଦଜାନର ସାମ୍ପ୍ରତିକ ବଜାର ଦର କେଜିପିଛା ୪ ଡଲାରରୁ ୬ ଡଲାର। ଅଟୋମୋବାଇଲରେ ଉଚ୍ଚ ସାନ୍ଦ୍ରତା ବିଶିଷ୍ଟ ପଲିମର ଓ କାର୍ବନ ଫାଇବରକୁ ଉଦଜାନ ସଂରକ୍ଷଣ କୋଷ ଭାବେ ବ୍ୟବହାର କରାଯାଏ। ଧାତବ ହାଇଡ୍ରାଇଡର ଉଦଜାନ ସଂରକ୍ଷଣ ସାନ୍ଦ୍ରତା ଉଲ୍ଲେଖନୀୟ। କେତେକ ନାନୋ ମାଟେରିଆଲର ଉଦଜାନ ଅବଶୋଷଣ ଆୟତନ, ଉତପ୍ରେରକର ଉପସ୍ଥିତିରେ ଅଭୂତପୂର୍ବ।

ଫୁଏଲ ସେଲ (ଜାଳେଣି କୋଷ) ବ୍ୟବହାର ପୂର୍ବକ ଉଦଜାନରୁ ବିଦ୍ୟୁତ ଶକ୍ତି ସୃଷ୍ଟି ହୋଇପାରୁଛି। ଯୁକ୍ତ ବିଦ୍ୟୁତାଗ୍ର ସଂସ୍ପର୍ଶରେ ଆସି ଉଦଜାନ ପରମାଣୁ ଯୁକ୍ତ ଆୟନରେ ରୂପାନ୍ତରିତ ହୁଏ ଓ ଇଲେକ୍ଟ୍ରନ ଉତ୍ପନ୍ନ ହୋଇଥାଏ। ଏଇ ଇଲେକ୍ଟ୍ରନ ସ୍ରୋତ ପରିପଥରେ ବୈଦ୍ୟୁତିକ ସ୍ରୋତ ସୃଷ୍ଟି କରିଥାଏ। ବିଯୁକ୍ତ ବିଦ୍ୟୁତାଗ୍ର ପାଖରେ ପ୍ରୋଟନ, ଇଲେକ୍ଟ୍ରନ ଓ ଅମ୍ଳଜାନ ଯୋଡ଼ିହୋଇ ଜଳ ଅଣୁ ଉତ୍ପନ୍ନ କରିଥାଏ। ଏଇ ଜାଳେଣି କୋଷ ଅତି ଉପଯୋଗୀ ସାବ୍ୟସ୍ତ ହୋଇଛି। ଲୌହ ଶିଳ୍ପ ୨୫ ପ୍ରତିଶତ ଶିଳ୍ପଜ ଅଙ୍ଗାରକ ଉତ୍ପନ୍ନର କାରଣ। ବିଶ୍ୱରେ ବାର୍ଷିକ ୧୮୦ କୋଟି ଟନ ଷ୍ଟିଲ ଉତ୍ପାଦନ ସହ ୩୭୦ କୋଟି ଟନ ଅଙ୍ଗାରକାମ୍ଳ ଗ୍ୟାସ ଉତ୍ପନ୍ନ ହେଉଛି! ତଥାପି ଆମେ ଉଦଜାନ ଜାଳେଣି ଆଡ଼କୁ ଏଥିପାଇଁ ଯାଇ ପାରୁନାହିଁ, କାରଣ ଏହା ଉଚ୍ଚଦରର। ଭାରତ ସରକାର ଆଠଲକ୍ଷ କୋଟି ପୁଞ୍ଜି ବିନିଯୋଗ ପୂର୍ବକ ୬୦-୧୦୦ ଜିଗାୱାଟ କ୍ଷମତା ବିଶିଷ୍ଟ ଉଦଜାନ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ ପୂର୍ବକ ବାର୍ଷିକ ୫୦ ଲକ୍ଷ ମେଟ୍ରିକ ଟନ ଉଦଜାନ ଜାଳେଣି ଉତ୍ପାଦନର ଆକାଂକ୍ଷା ରଖିଛନ୍ତି। ସମ୍ଭବତଃ ଏଥିପାଇଁ ପଚାଶବର୍ଷ ଲାଗିପାରେ। ଆମେ ନହେଲେ ନାହିଁ, ଆମ ପୁଅ ନାତି ତ ଏଇ ସ୍ୱପ୍ନକୁ ସତ ହେବା ଦେଖିବେ। ଏହା ଆମ ଭବିଷ୍ୟତ ବଂଶଜଙ୍କ ଭବିଷ୍ୟତ ସୁରକ୍ଷିତ ରଖିବ ବୋଲି ଆଶା ଓ ବିଶ୍ୱାସ।

ଅଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ହିମାଚଳ ପ୍ରଦେଶ, ଧର୍ମଶାଳା
ଦୂରଭାଷ- ୭୯୭୮୪୨୧୮୩୫

# ନିଟ୍ ପ୍ରଶ୍ନପତ୍ର ପ୍ରଘଟ : ଦୋଷୀ ବନାମ ବିଦ୍ୟାର୍ଥୀ

ପ୍ରଫେସର (ଡଃ) ଶ୍ରୀରୂପ ଗୋସ୍ୱାମୀ



"ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବା ମଣିଷର କ୍ଷମତାତୀତ ହେଲେ ବି ବିଜ୍ଞ ବ୍ୟକ୍ତି ନିଜର ତ୍ରୁଟି ଓ ଭୁଲ୍‌ରୁ ପ୍ରଜ୍ଞାଲାଭ କରିଥାନ୍ତି' – ପ୍ଲୁଟାର୍ଚ । ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ପରୀକ୍ଷା ସମ୍ପାଦିତ କରିବାପାଇଁ ଶିକ୍ଷା ପ୍ରଶାସକମାନେ ସଦାସର୍ବଦା ପ୍ରୟାସ କରିଆସିଛନ୍ତି; ଏବଂ ପ୍ରଭାବଶାଳୀ ସ୍ୱାର୍ଥାନ୍ଧ ବ୍ୟକ୍ତିବିଶେଷ ନିଜର ସନ୍ତାନସନ୍ତତି ଓ ପରିଚିତମାନଙ୍କୁ ବେଆଇନ୍ ଭାବେ ପରୀକ୍ଷାରେ ଭଲ ପ୍ରଦର୍ଶନ କରାଇବାକୁ ଅସଦ୍ ମାର୍ଗର ସହାୟତା ଯୋଗାଇ ଆସିଛନ୍ତି । ପଚାଶବର୍ଷ ପୂର୍ବେ ପରୀକ୍ଷା କେନ୍ଦ୍ର ଅବୈଧ ଭାବେ କବଜା କରି କପି ଯୋଗାଇଦେବା, ଜଣଙ୍କ ପାଇଁ ଆଉ ଜଣେ ଦକ୍ଷ ବିଶେଷଜ୍ଞ ଉତ୍ତର ଲେଖିଦେବା ପରି କାଣ୍ଡକାରଖାନା ଘଟୁଥିବାର ଉଦାହରଣ ଆମ ପାଖରେ ଅଛି । ବିଗତ ବର୍ଷଗୁଡ଼ିକରେ ଆମେ ବହୁବାର ମେଟ୍ରିକ ପରୀକ୍ଷାରେ ଶହଶହ ପିଲା କପିକରି ଧରାପଡ଼ିବା ଓ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବା ଏବଂ ଏକାଧିକ ପରୀକ୍ଷାକେନ୍ଦ୍ର ସ୍କ୍ରାଚ ହେବା କଥା ଆମେ ଗଣମାଧ୍ୟମରୁ ଜାଣୁଥିଲେ । ସରକାର ଏସବୁ ଅବ୍ୟବସ୍ଥା ପାଇଁ ଅନ୍ୟକୁ ଦୋଷ ନଦେଇ ,କୌଣସି ବାହାନା ଦ୍ୱାରା ପ୍ରସଙ୍ଗକୁ ଆଡ଼େଇ ନଦେଇ, ଆତ୍ମସମୀକ୍ଷା ପୂର୍ବକ ପରୀକ୍ଷା ସଂସ୍କାରକୁ ତ୍ୱରାନିତ କରିଆସିଛନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକ ପରୀକ୍ଷା କରାଇବା ଦ୍ୱାରା ସମ୍ବଳ ଅଭାବରୁ ଯେଉଁସବୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିପାରୁନଥିଲେ, କେନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥା ଲାଗୁହେବା ପରେ, ପରୀକ୍ଷାରେ ଅପେକ୍ଷାକୃତ ସ୍ୱଚ୍ଛତା ଆସିଛି । ୟୁ.ପି.ଏ.ସି. ପରି ସଂସ୍ଥା ସ୍ୱଚ୍ଛତା ଓ ଦକ୍ଷତାର ସହ ପରୀକ୍ଷା ସଂପନ୍ନ କରିବାର ଅନନ୍ୟ ଆଦର୍ଶ ଆମ ପାଖରେ ଅଛି । ଉଚ୍ଚଶିକ୍ଷା ଲାଭପାଇଁ ଆମର ଯୁବବର୍ଗଙ୍କୁ ଇଞ୍ଜିନିୟରିଂ ଓ ମେଡ଼ିକାଲ ଆଦିରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷା ଦେବାକୁ ପଡୁଛି । ଆଇ.ଆଇ.ଟି ଓ ସମଗୋତ୍ରୀୟ ସୁନାମଧନ୍ୟ କେନ୍ଦ୍ରୀୟ ସରକାରୀ ସଂସ୍ଥା ଏହିସବୁ ପରୀକ୍ଷା ସଂପନ୍ନ କରାଉଥିଲେ । କିନ୍ତୁ, ଭାରତ ଭଳି ବିଶାଳ ଗଣରାଜ୍ୟରେ ସମସ୍ୟାର ଯଥାର୍ଥ ସମାଧାନ ମିଳିବା ସମ୍ଭବ ହେଉନଥିଲା । ବର୍ଷ ୨୦୧୭ରେ କେନ୍ଦ୍ର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି(ଏନ୍.ଟି.ଏ) ପ୍ରତିଷ୍ଠା କରି ଏହା ମାଧ୍ୟମରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ସମ୍ପାଦିତ କରୁଛନ୍ତି । ସମୟକ୍ରମେ ନିଜର ତ୍ରୁଟି ସୁଧାରି ଏନ.ଟି.ଏ ପ୍ରବେଶିକା ପରୀକ୍ଷାଗୁଡ଼ିକୁ ସ୍ୱଚ୍ଛ ଓ ନିର୍ମଳ କରିପାରିଛି ।

ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା, 'ନିଟ୍'କୁ ସ୍ୱଚ୍ଛ ଓ ନିରପେକ୍ଷ କରିବାପାଇଁ କେନ୍ଦ୍ର ଶିକ୍ଷାବିଭାଗ ବିଶିଷ୍ଟ ବୈଜ୍ଞାନିକ, ଇସ୍ରୋର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ କେ.ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ୨୦୨୪ ସାଲରେ ଏକ ଉଚ୍ଚସ୍ତରୀୟ ଆୟୋଗ ଗଠନ କରିଥିଲେ । ଏହି ଆୟୋଗର ସୁପାରିଶଗୁଡ଼ିକୁ ଏ ବର୍ଷ ନିଟ୍ ପରୀକ୍ଷା ପରିଚାଳନା ବେଳେ ସଂପୂର୍ଣ୍ଣ ଲାଗୁ କରାଯାଇଥିଲା । ଆଧାର ଲିଙ୍କ୍ ଓ ଏ.ଆଇ. ଯୁକ୍ତ ବାୟୋମେଟ୍ରିକ ଦ୍ୱାରା ଆବେଦକ ଛାତ୍ରଛାତ୍ରୀମାନଙ୍କ ପରିଚୟ ସୁନିଶ୍ଚିତ ପୂର୍ବକ ଜାଲି ପରୀକ୍ଷାର୍ଥୀମାନଙ୍କୁ ଛାଣିବା ପାଇଁ ଚେଷ୍ଟାକରାଯାଇଛି । ଏନ.ଟି.ଏ. ଭଳି ସଂସ୍ଥାକୁ ପୁନର୍ବିନ୍ୟାସ କରାଯାଇ ଏଠାରେ ଠିକା କର୍ମଚାରୀଙ୍କ ବଦଳରେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଚେଷ୍ଟା କରାଯାଇଛି । ଏନ.ଟି.ଏ. ସାମାଜିକ ଗଣମାଧ୍ୟମର ସହାୟତା ନେଇ ଆବେଦନକାରୀ ଶିକ୍ଷାର୍ଥୀମାନଙ୍କୁ ନିୟମିତ ଆବଶ୍ୟକୀୟ ସୂଚନା ପ୍ରଦାନ କରିଆସିଛି । ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ କମିଟି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ବୁଝାମଣାପୂର୍ବକ ଦକ୍ଷତାର ସହ ନିଟ୍ ପ୍ରବେଶିକା ପରୀକ୍ଷା ପରିଚାଳନା ପାଇଁ ପ୍ରୟାସ ହୋଇଛି । ପରୀକ୍ଷା କେନ୍ଦ୍ରରେ ଏ.ଆଇ. ଯୁକ୍ତ ସିସିଟିଭି ସର୍ଭେଲାନ୍ସ ଏବଂ ଜି.ପି.ଏସ. ଯୁକ୍ତ ଗାଡ଼ିର ବ୍ୟବହାର ପୂର୍ବକ ପରୀକ୍ଷା ପ୍ରଶ୍ନପତ୍ର ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ କରି ପରୀକ୍ଷାକୁ ଅଧିକା ପ୍ରଭାବୀ କରିବାକୁ ଉଚ୍ଚଶିକ୍ଷା ବିଭାଗ ଓ ସଂପୃକ୍ତ ସଂସ୍ଥା ପ୍ରୟାସ ମଧ୍ୟ କରିଛନ୍ତି ।

ମୂଷା ବିଲେଇ ଖେଳ ମଣିଷ ଜନ୍ମର ଯଥେଷ୍ଟ ଆଗରୁ ଧରାପୃଷ୍ଠରେ ଚାଲିଆସିଛି । ବିଲେଇମାନେ ନା ମୂଷାବଂଶ ଲୋପ କରିପାରିଲେ ନା ପୃଥିବୀରୁ ଆଜି ପର୍ଯ୍ୟନ୍ତ ବିଲେଇ ବଂଶ ଲୋପହେଲା । ସରକାରଙ୍କ ପରୀକ୍ଷା ପରିଚାଳନା, ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆତ୍ମସନ୍ତୋଷ ପୂର୍ବକ ପରୀକ୍ଷା ଦେଇ ଘରକୁ ଫେରିଆସିଲେ ଓ ୩ ମଇ ୨୦୨୬ରେ ସମ୍ପାଦିତ ନିଟ୍ ପରୀକ୍ଷାର ଫଳାଫଳକୁ ଅପେକ୍ଷା କରି ରହିଲେ ।

ଅବିଶ୍ୱସନୀୟ, ଅଚିନ୍ତନୀୟ କିଛି ଖବର କେନ୍ଦ୍ର ଶିକ୍ଷାବିଭାଗର ହସ୍ତଗତ ହେଲା । ଜଣାପଡ଼ିଲା ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତିରେ ନିଯୁକ୍ତ ଅସାଧୁ ଅଧ୍ୟାପକଙ୍କ ଦ୍ୱାରା ପ୍ରଶ୍ନପତ୍ର ଲିକ୍ ହୋଇଛି । ସରକାର ସହଜ ସୁଲଭ ମାର୍ଗ – ଖବରକୁ ଚପାଇଦେବାପାଇଁ ନିଜ କଳବଳ କୌଶଳ ପ୍ରୟୋଗ କରିପାରିଥାନ୍ତେ । ଜନସାଧାରଣ ତ, ଏ ଲିକ୍ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ନିଜର ପଛେ ବଦନାମୀ ହେଉ, ଯୋଗ୍ୟ ଛାତ୍ରଛାତ୍ରୀଙ୍କ ହକ୍‌ର ମେଡ଼ିକାଲ ସିଟ୍‌ଟି ଅସାଧୁ ଅଯୋଗ୍ୟ ଛାତ୍ରଜଣକ ଗଳାବାଟରେ ନଯାଇ ତାକୁ ସୁନିଶ୍ଚିତ କରିବାପାଇଁ ତା. ୧୨ ମଇ ୨୦୨୬ରେ ନିଟ୍ କର୍ତ୍ତୃପକ୍ଷ ୩ ମଇ'ର ପରୀକ୍ଷା ବାତିଲ୍ ହୋଇଛି ବୋଲି ଘୋଷଣା କଲେ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତା.୧୫ ମଇ ୨୦୨୬ରେ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ତା.୨୧ ଜୁନ୍ ୨୦୨୬ରେ ପୁନର୍ବାର ପରୀକ୍ଷା ସମ୍ପାଦିତ କରିବାପାଇଁ ଘୋଷଣାକଲେ । ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଆବ୍ରାହମ୍ ଲିଙ୍କନ ନିଜ ଜୀବନକୁ ଖାତିର ନକରି ରାଷ୍ଟ୍ରର ସାଧାରଣ ଲୋକଙ୍କ ପାଇଁ ଐତିହାସିକ ପଦକ୍ଷେପ ନେଇ ବଳିଦାନର ଶୂଳୀରେ ଚଢ଼ିଥିଲେ । ସେ କହିଛନ୍ତି, "ଚରିତ୍ର ଗଛଟିଏ ପରି ଓ ମାନ ଅପମାନ ଏହାର ଛାଇ ସଦୃଶ । ଛାଇ ସତ ହୋଇପାରେ ନପାରେ, ହେଲେ ଗଛ ସବୁବେଳେ ବାସ୍ତବ ।" ଲକ୍ଷ ଲକ୍ଷ ପିଲାଙ୍କ ଭାଗ୍ୟକୁ ଆଖି ଆଗରେ ରଖି କେନ୍ଦ୍ର ଶିକ୍ଷାବିଭାଗ ତାଡନା ଓ ଭର୍ତ୍ସନାର ବିଷକୁ ଯେପରି ପାନକରିଛନ୍ତି, ଏହା ସୁସ୍ପଷ୍ଟ । ଆହୁରି ପୁନଃ ପରୀକ୍ଷା କରିବାର ନିଷ୍ପତ୍ତି ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯେଉଁ ଚରିତ୍ରବତ୍ତା ଓ ସାଧୁତାର ନିଦର୍ଶନ ଛାଡ଼ିଛନ୍ତି, ଏହା କାଳର କପାଳରେ ଅମଳିନ ହୋଇ ରହିଯିବ ।

କେନ୍ଦ୍ର ସରକାର ଓ ଶିକ୍ଷାବିଭାଗକୁ ନିଟ୍ ପ୍ରଶ୍ନପତ୍ର ଲିକ୍ ପାଇଁ କାର୍ପେଟଦାର ସଜାଇ ରାଜରାସ୍ତାରୁ, ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଯେଉଁ ସରକାର ବିରୋଧି ବାତାବରଣ ସୃଷ୍ଟି କରାଯାଇଛି, ତା'ର ନେତୃମଣ୍ଡଳୀ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶ୍ନପତ୍ର ଲିକ୍‌ରେ କେନ୍ଦ୍ରସରକାର ବା ଶିକ୍ଷା ମନ୍ତ୍ରଣାଳୟର ସମ୍ପୃକ୍ତି ବା ଏହି ଲିକ୍‌ରୁ ଲାଭ ନେଇଥିବାର କୌଣସି ପ୍ରମାଣ ପ୍ରସ୍ତୁତ କରିବାରେ ସକ୍ଷମ ହେଲେଣି କି? ନାଁ । ନିରପେକ୍ଷ ଯାଞ୍ଚ ଏଜେନ୍ସି ସିବିଆଇ ବର୍ତ୍ତମାନ ସୁଦ୍ଧା ଯେଉଁମାନଙ୍କୁ ଗିରଫ କଲାଣି ସେମାନଙ୍କ ମଧ୍ୟରୁ ରସାୟନ ବିଜ୍ଞାନ ଅଧ୍ୟାପକ ପି.ଭି.କୁଲକର୍ଣ୍ଣୀ, ଯୁବ ବିଜ୍ଞାନ ଅଧ୍ୟାପକ ମନୀଷା ଗୁରୁନାଥ ସର୍କାର, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ମନୀଷା ସଞ୍ଜୟ ହାବଲଦାର, ନିଟ୍‌ର ଏକବର୍ଷର ପ୍ରଶ୍ନପତ୍ର ପ୍ରସ୍ତୁତି ସହ ଏ ବର୍ଷର ବିଶେଷଜ୍ଞ ଭାବେ ସମ୍ପୃକ୍ତ ଥିଲେ ଓ ସମସ୍ତେ ମହାରାଷ୍ଟ୍ରର ପୁନା ସହରରେ କାର୍ଯ୍ୟରତ । ନିଟ୍ ନିଜ ବିଶେଷଜ୍ଞ ପ୍ୟାନେଲରୁ କୌଣସି ପୂର୍ବାଗ୍ରହ ନରଖି ପ୍ରଶ୍ନପତ୍ର ପ୍ରସ୍ତୁତ କରିବାପାଇଁ ବିଶେଷଜ୍ଞ ଚୟନ କରେ । ପ୍ରଶ୍ନପତ୍ର ଲିକ୍ ଅଭିଯୁକ୍ତ ଦାଗୀ ବିଶେଷଜ୍ଞମାନେ ନା ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ରାଜ୍ୟ ଗୁଜୁରାଟରୁ ନା ମନ୍ତ୍ରୀଙ୍କ ରାଜ୍ୟ ଓଡ଼ିଶାରୁ ! ଏମାନେ ମହାରାଷ୍ଟ୍ରର ରାଜନୀତି ସହ କେବେବି ଜଡ଼ିତ ନଥିବାବେଳେ ମହାରାଷ୍ଟ୍ରରୁ ପ୍ରଶ୍ନପତ୍ର ଲିକ୍‌ର ଚେର ମିଳିବା ପରେ ବିରୋଧୀମାନେ କେଉଁ ନ୍ୟାୟରେ ପରୋକ୍ଷ ଭାବେ ମଧ୍ୟ ପ୍ରଧାନମନ୍ତ୍ରୀ,ଗୃହମନ୍ତ୍ରୀ, ବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରିପାରିବେ ।

ଜାତିର ପିତା ମହାତ୍ମାଗାନ୍ଧୀ ସଂସଦୀୟ ଗଣତନ୍ତ୍ରରେ ରହିଥିବା ଅଭାବବୋଧକୁ ଚିତ୍ରଣ କରି କହିଥିଲେ ''କ୍ଷମତା ଲାଳସାରେ ବିରୋଧୀମାନେ ସର୍ବଦା କ୍ଷମତାସୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପକୁ ମଧ୍ୟ କାଠଗଡ଼ାରେ ଠିଆ କରାଇଦିଅନ୍ତି । ଏଭଳି ପରିବେଶରେ ଯଥାର୍ଥ ଫଳର ଆଶା କରିବା କେବଳ ବିଡମ୍ବନା ନୁହେଁ କି? ଏଣୁ କେବଳ ବିରୋଧ ନାମରେ ବିରୋଧ ନୁହେଁ ବରଂ ଆସନ୍ତୁ ସଭିଏଁ ଏକାଠି ହୋଇ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ସହ କାନ୍ଧରେ କାନ୍ଧମିଳାଇ ଆଗାମୀ ତା.୨୧ ଜୁନ୍ ୨୦୨୬ରେ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାପାଇଁ ପ୍ରୟାସ କରିବା । ନକାରାତ୍ମକ ରାଜନୈତିକ ସର୍ବସ୍ୱ ପ୍ରଚାର ଠାରୁ ଦୂରେଇରହି ଛାତ୍ରଛାତ୍ରୀମାନଙ୍କୁ ଭଲ ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଓ ଉତ୍ସାହିତ କରିବା । ଜନସାଧାରଣ, ସରକାର, ବିରୋଧୀଦଳ ଗୋଟିଏ ମଞ୍ଚରୁ ସକାରାତ୍ମକ ଓ ସମ୍ମିଳିତ ପ୍ରୟାସ କଲେ ଅସାଧୁ ସ୍ୱାର୍ଥାନ୍ଧ ଅପରାଧୀମାନେ ଭବିଷ୍ୟତରେ ପ୍ରଶ୍ନପତ୍ର ଲିକ୍ କରିବାକୁ ଆଉ ସାହସ କରିବେ ନାହିଁ । ସରକାର ମଧ୍ୟ ଆଇନ ପ୍ରଣୟନ ଦ୍ୱାରା ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀ ସାବ୍ୟସ୍ତ ଅପରାଧିଙ୍କୁ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରନ୍ତୁ - ଏହା ଆଜିର ଆବଶ୍ୟକତା ।

ଦୂରଭାଷ-୯୪୩୭୨୯୫୬୨୪

# ଟ୍ରଷ୍ଟି ଉପରେ ଟ୍ରଷ୍ଟ ନାହିଁ : ରାମଙ୍କ ନାଁରେ ୨୦୦ କୋଟିର ସ୍କାମ

ଉତ୍ତର ପ୍ରଦେଶ, ୨୭/୦୬ : କୋଟି କୋଟି ସନାତନ ଧର୍ମଙ୍କ ଆରାଧ୍ୟ ଦେବତା ଶ୍ରୀରାମଙ୍କ ଜନ୍ମଭୂମି ମନ୍ଦିର ଟ୍ରଷ୍ଟରେ କୋଟି କୋଟି ଦାନ ଟଙ୍କା ହେରଫେର ଦେଶବାସୀଙ୍କୁ ଚମକାଇ ଦେଇଛି। ଶ୍ରୀରାମ ମନ୍ଦିର ନିର୍ମାଣ ନାମରେ ଦେଶରେ ରାଜୁତି କରୁଥିବା ବିଜେପି ସରକାରଙ୍କ ଅସଲ ଚେହେରା ଏବେ ପଦାରେ ପଡ଼ିଛି।

ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ବର୍ତ୍ତମାନ ଏକ ବଡ଼ ଧରଣର ଦାନ ଏବଂ ହୁଣ୍ଡି (ଟଙ୍କା ବାକ୍ସ) ଦୁର୍ନୀତି ଅଭିଯୋଗକୁ ନେଇ ବିବାଦ ଘେରକୁ ଆସିଛି । ଭକ୍ତମାନଙ୍କ ଦ୍ୱାରା ଦାନ କରାଯାଇଥିବା କୋଟି କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହେବା ପରେ, ଉତ୍ତର ପ୍ରଦେଶ ସରକାର ଏକ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ ଗଠନ କରିଛନ୍ତି, ଯିଏକି ନିଜର ପ୍ରାଥମିକ ରିପୋର୍ଟ ଦାଖଲ କରିସାରିଛି । ଆବେଦନକାରୀ ଏବଂ ସୂତ୍ର ଅନୁସାରେ, ନଗଦ ଟଙ୍କା, ସୁନା, ରୁପା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ମିଶାଇ ଏହି ଆର୍ଥିକ ଅନିୟମିତତା ପ୍ରାୟ ୨୦୦ କୋଟି ଟଙ୍କାରୁ ଅଧିକ ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଉଛି । ତଦନ୍ତ କମିଟି ଏହି ଘଟଣାର ପାଞ୍ଚ ବର୍ଷ ପୂର୍ବରୁ ରାମ ମନ୍ଦିର ନିର୍ମାଣ ଆରମ୍ଭ ଠାରୁ ମିଳିଥିବା ଦାନ ରାଶିର ତଦନ୍ତ ହେଉ ବୋଲି ଦର୍ଶାଇଛନ୍ତି। କେନ୍ଦ୍ର ସରକାର ଦ୍ୱାରା ଗଠିତ ଏହି ଟ୍ରଷ୍ଟରେ ଆରଏସଏସର ବହୁ ଲୋକ ସଦସ୍ୟ ଅଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଯୋଗୀଙ୍କ ଉପରକୁ ବଲ ଫିଙ୍ଗିଥିବା ବେଳେ ଯୋଗୀ ଏବେ କେନ୍ଦ୍ର ସରକାରଙ୍କ ଆଡକୁ ବଲ ଗଡ଼ାଇଛନ୍ତି। ଏଥି ପାଇଁ କିଏ ଦୋଷ ମୁଣ୍ଡାଇବ ଏବେ ସମସ୍ତଙ୍କ ମୁଣ୍ଡ ଗୋଳମାଳ ହୋଇଛି। ମାସିକ ମାତ୍ର ୧୮,୦୦୦ ରୁ ୨୦,୦୦୦ ଟଙ୍କା ଦରମା ପାଉଥିବା କିଛି ମନ୍ଦିର କର୍ମଚାରୀ ହଠାତ୍ ୧.୫ କୋଟି ଟଙ୍କାର ମୂଲ୍ୟବାନ ଜମି, ଦାମୀ ଗାଡ଼ି ଏବଂ ପ୍ରିମିୟମ ଆଇଫୋନ୍ କିଣିବା ପରେ ଏହି ଦୁର୍ନୀତି ସାମ୍ନାକୁ ଆସିଥିଲା । ଏସଆଇଟି ଚଢ଼ାଉ ବେଳେ ଟଙ୍କା ଗଣୁଥିବା ଜଣେ କର୍ମଚାରୀ (ଲବକୁଶ ମିଶ୍ର)ଙ୍କ ଘରୁ ଗୋବର ଗଦା ତଳେ ଏବଂ ଆଲମାରୀ ଭିତରେ ଲୁଚାଯାଇଥିବା ୧୦ ଲକ୍ଷ ଟଙ୍କା ଜବତ କରିଛି । ବର୍ତ୍ତମାନ ଟଙ୍କା ଗଣତି ପ୍ରକୋଷ୍ଠର ପ୍ରାୟ ୫୦ ଜଣ କର୍ମଚାରୀ ତଦନ୍ତ ପରିସରଭୁକ୍ତ ଅଛନ୍ତି ଏବଂ ୨ କୋଟିରୁ ଅଧିକ ଟଙ୍କା ସିଜ୍ କରାଯାଇଛି । ଟଙ୍କା ଗଣୁଥିବା କର୍ମଚାରୀ ଓ କିଛି ବ୍ୟାଙ୍କ ଅଧିକାରୀ ହୁଣ୍ଡିରୁ ଟଙ୍କା ନେଉଥିଲେ ମଧ୍ୟ ସେଗୁଡ଼ିକର କୌଣସି ଲଗବୁକ୍ ବା ରସିଦ୍ ପ୍ରସ୍ତୁତ କରୁନଥିଲେ, ଯାହାଦ୍ୱାରା ବହୁ ପରିମାଣର ନଗଦ ଟଙ୍କା ସରକାରୀ ରେକର୍ଡ ବାହାରେ ରହିଯାଉଥିଲା । ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ନିଜେ ସ୍ୱୀକାର କରିଛନ୍ତି ଯେ, ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ହୋଇଛି । ଏପରିକି ଟଙ୍କା ଗଣତି ପ୍ରକୋଷ୍ଠ ବାହାରେ ଥିବା ବାଥରୁମ ଭିତରୁ ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ନଗଦ ଟଙ୍କା ମିଳିଛି । ଟଙ୍କା ଗଣୁଥିବା କର୍ମଚାରୀଙ୍କ ପାଇଁ ପକେଟ୍ ନଥିବା ପୋଷାକ ପିନ୍ଧିବା ଅନିବାର୍ଯ୍ୟ ଥିଲେ ମଧ୍ୟ ସେମାନେ ନିୟମିତ ଭାବେ ଏହି ନିୟମ ଉଲ୍ଲଂଘନ କରୁଥିଲେ । ତଦନ୍ତକାରୀ ସଂସ୍ଥା ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ, ଦାନ ପ୍ରକୋଷ୍ଠର ସିସିଟିଭି ଫୁଟେଜ୍ ପ୍ରତି ୪୫ ଦିନରେ ସ୍ୱତଃପ୍ରବୃତ୍ତ ଭାବେ ଓଭରରାଇଟ୍ (ବା ପୁରୁଣା ଫୁଟେଜ୍ ଡିଲିଟ୍) ହୋଇଯାଏ, ଯାହାଫଳରେ ପୂର୍ବର ଚୋରିର କୌଣସି ଡିଜିଟାଲ୍ ପ୍ରମାଣ ମିଳୁନାହିଁ ।




ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମନ୍ଦିର ଟ୍ରଷ୍ଟକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ସାଧାରଣ ଜନତାଙ୍କ ଦାନ ଅର୍ଥ ଗାୟବ ହେବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର ।

ଏହି ମାମଲା ବର୍ତ୍ତମାନ ଭାରତର ସୁପ୍ରିମକୋର୍ଟରେ ପହଞ୍ଚିଛି, ଯେଉଁଠାରେ ତୁରନ୍ତ ଏଫଆଇଆର ରୁଜୁ କରିବା ସହ ସିବିଆଇ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଇଛି, ଯାହା ଦ୍ୱାରା ବିଶ୍ୱର କୋଟି କୋଟି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିପାରିବ । ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ପ୍ରଥମେ ଏହି ଅଭିଯୋଗଗୁଡ଼ିକୁ ରାଜନୈତିକ ଭାବେ ପ୍ରେରିତ ବୋଲି କହି ଏଡ଼ାଇ ଦେଇଥିଲେ ଏବଂ ନିୟମିତ ଅଡିଟ୍ ଚାଲିଛି ବୋଲି କହିଥିଲେ । ତେବେ ଯେଉଁ ବର୍ତ୍ତମାନ ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇଛି ।

ଅଯୋଧ୍ୟା ରାମ ମନ୍ଦିର ହୁଣ୍ଡି ଓ ଦାନ ଦୁର୍ନୀତି ମାମଲାରେ ଗଠିତ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍‌ର ତଦନ୍ତ ପରେ ମନ୍ଦିର ପ୍ରଶାସନର କିଛି କର୍ମଚାରୀ ଓ ସନ୍ଦିଗ୍ଧଙ୍କ ବିଷୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଲବକୁଶ ମିଶ୍ର ମନ୍ଦିରର ଦାନ ଗଣତି ବିଭାଗରେ କାର୍ଯ୍ୟରତ ଥିଲେ ଏବଂ ମିନାପୁର ଅଞ୍ଚଳର ଫାଗୌଲି ଗ୍ରାମର ବାସିନ୍ଦା । ଏସଆଇଟି ତାଙ୍କୁ ପ୍ରଥମେ ଅଟକ ରଖି ଜେରା କରିବା ପରେ ଗିରଫ କରିଥିଲା । ତାଙ୍କ ଘରେ ଚଢ଼ାଉ ବେଳେ ଆଲମାରୀ ଏବଂ ଗୋବର ଗଦା ତଳୁ ନଗଦ ୧୦ ଲକ୍ଷ ଟଙ୍କା ଜବତ କରାଯାଇଛି । ମାସିକ ମାତ୍ର ୧୮,୦୦୦ ଟଙ୍କା ଦରମା ପାଉଥିବା ଲବକୁଶ ମାତ୍ର କିଛି ମାସ ମଧ୍ୟରେ କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି କିଣିଥିବା ଜଣାପଡ଼ିଛି । ରାମଶଙ୍କର ଯାଦବ ଓରଫ୍ ଟିନ୍ନୁ ଯାଦବ ମଧ୍ୟ ମନ୍ଦିରର ଅନ୍ୟତମ ପ୍ରମୁଖ କର୍ମଚାରୀ ଯିଏ ଦୀର୍ଘ ଦିନ ଧରି ଦାନ ବାକ୍ସ ଓ ଅର୍ଥ ପରିଚାଳନା ସହ ଜଡ଼ିତ ଥିଲେ । ତାଙ୍କୁ ଏସ୍ଆଇଟି ଦ୍ୱାରା ହେପାଜତକୁ ନିଆଯାଇ ବ୍ୟାପକ ଜେରା କରାଯାଉଛି । ତାଙ୍କର ପ୍ରାୟ ୫୦ କୋଟି ଟଙ୍କାର ବେଆଇନ ସମ୍ପତ୍ତି ବର୍ତ୍ତମାନ ତଦନ୍ତ ସଂସ୍ଥାର ସ୍କାନରରେ ରହିଛି ।




ପ୍ରାଥମିକ ପର୍ଯ୍ୟାୟରେ ହିଁ ଠକେଇ ଓ ଚୋରି ଅଭିଯୋଗରେ ରାମ ମନ୍ଦିର ସହ ଜଡ଼ିତ ଦୁଇଜଣ ବରିଷ୍ଠ କର୍ମଚାରୀ/ଅଧିକାରୀଙ୍କୁ ଗିରଫ କରାଯାଇଛି । ସନ୍ଦେହଜନକ କାର୍ଯ୍ୟକଳାପ ଏବଂ ସୁରକ୍ଷା ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଟ୍ରଷ୍ଟ ପକ୍ଷରୁ ଟଙ୍କା ଗଣତି ପ୍ରକୋଷ୍ଠର ପ୍ରାୟ ୪୦ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ ବା ବାହାର କରାଯାଇଛି । ଏସ୍ଆଇଟି ତାର ଅନୁସନ୍ଧାନ କାଳରେ ମନ୍ଦିର ଟ୍ରଷ୍ଟର କର୍ମଚାରୀ, ସୁରକ୍ଷାକର୍ମୀ ଏବଂ ବ୍ୟାଙ୍କ ଅଧିକାରୀଙ୍କୁ ମିଶାଇ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିଛି ।

ଗିରଫ ଏବଂ ଅଟକ ହୋଇଥିବା କର୍ମଚାରୀମାନେ ମୁଖ୍ୟତଃ ଭିଆଇପି ଦର୍ଶନ ଓ ମହୋତ୍ସବ ସମୟରେ ମିଳୁଥିବା ମୋଟା ଅଙ୍କର ନଗଦ ଦାନକୁ ବ୍ୟାଙ୍କ ଖାତାରେ ଜମା ନକରି କିମ୍ବା ରସିଦ ନକାଟି ସିଧାସଳଖ ପକେଟରେ ଭରି ବାହାରକୁ ଚାଲାଣ କରୁଥିଲେ ।

ଅଯୋଧ୍ୟା ରାମ ମନ୍ଦିର ହୁଣ୍ଡି ଓ ଦାନ ଦୁର୍ନୀତି ମାମଲାରେ ଭାରତର ସୁପ୍ରିମକୋର୍ଟରେ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାକୁ ନେଇ ଆଇନଗତ ପ୍ରକ୍ରିୟା ତେଜିବାରେ ଲାଗିଛି। ଦୁଇଜଣ ପ୍ରତିଷ୍ଠିତ ଆଇନଜୀବୀ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନ ଉପରେ ସୁପ୍ରିମକୋର୍ଟ ଖୁବ ଶୀଘ୍ର ପ୍ରାଥମିକ ଶୁଣାଣି କରିବାକୁ ଯାଉଛନ୍ତି। ମାନ୍ୟବର ସୁପ୍ରିମକୋର୍ଟ ଆଗାମୀ ଶୁଣାଣିରେ କୋର୍ଟ ପ୍ରଥମେ ଏହି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଏବଂ ଦାୟିତ୍ୱରେ ଥିବା ସନ୍ଦିଗ୍ଧ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏକ ଆନୁଷ୍ଠାନିକ ଅପରାଧିକ ମାମଲା ରୁଜୁ କରିବା ପାଇଁ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଯେପରି ଅଯଥା ବିଳମ୍ବ ନହୁଏ, ସେଥିପାଇଁ କୋର୍ଟ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ ଆବେଦନ ହୋଇଛି।

ଆବେଦନକାରୀଙ୍କ ଯୁକ୍ତି ଅନୁସାରେ, ଏହା କେବଳ ସାଧାରଣ ଚୋରି ନୁହେଁ, ବରଂ ଏକ ଜଟିଳ ଆର୍ଥିକ ଅପରାଧ । ସେଥିପାଇଁ କେବଳ ପ୍ରଶାସନିକ ଅଧିକାରୀଙ୍କ ବଦଳରେ ସିବିଆଇ ନେତୃତ୍ୱରେ ଏକ ମଲ୍ଟି-ଡିସିପ୍ଲିନାରୀ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ ଗଠନ କରିବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଛି, ଯାହା ଉପରେ କୋର୍ଟ ନିଷ୍ପତ୍ତି ନେବେ।

## ବିଜେଡିରେ ମିଶିଲେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ଯେଉଁ ପାଣ୍ଡିଆନଙ୍କ ଜିଦ୍ ଓ କାର୍ଯ୍ୟଶୈଳୀ ପାଇଁ ବିଜେଡିର ୨୪ବର୍ଷର ଶାସନ ଗାଦି ଚାଲିଗଲା, ସେହି ବିପର୍ଯ୍ୟୟକାରୀ ପାଣ୍ଡିଆନ ପୁଣିଥରେ ନିଜ ପତ୍ନୀଙ୍କ ମାଧ୍ୟମରେ ଦଳକୁ ନିୟନ୍ତ୍ରଣକୁ ନେବାକୁ ଏଭଳି ମାଷ୍ଟରପ୍ଲାନ୍ କରିଥିବା ଚର୍ଚ୍ଚା ହେଉଛି । ଯାହା ଆଶା କରାଯାଉଥିଲା ତାହା ସତ ହୋଇଛି । ସବୁ ସସପେନ୍ସକୁ ହଟାଇ ଆଜି ବିଜେଡିର ଅଘୋଷିତ ସର୍ବେସର୍ବା



ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ରାଉତ ବିଧିବଦ୍ଧ ଭାବେ ଶଙ୍ଖ ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ଆଇଏଏସ ସୁଜାତା ଶଙ୍ଖଭବନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଆଗଧାଡ଼ିର ବରିଷ୍ଠ ନେତାମାନଙ୍କର ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ମିଶ୍ରଣ ପର୍ବକୁ ବିଜେଡି ଉତ୍ସବ ଭାବେ ପାଳନ କରିଛି। ସୁଜାତା ଶଙ୍ଖ ଭବନରେ ପହଞ୍ଚିବା ପୂର୍ବରୁ ବରିଷ୍ଠ ନେତାମାନେ ପ୍ରଥମେ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଦିନ ପ୍ରାୟ ୧୧.୫୫ ବେଳକୁ ସୁଜାତା ଶଙ୍ଖ ଭବନକୁ ଯାଇଥିଲେ। ଏହି ସମୟରେ ବିଜେଡି ନେତା ଓ କର୍ମୀମାନେ ତାଙ୍କ ବେଶ ଉତ୍ସାହର ସହ ସ୍ୱାଗତ କରିଥିଲେ। ଏହାର କିଛି ସମୟ ପରେ ନବୀନ ପଟ୍ଟନାୟକ ଶଙ୍ଖଭବନରେ ପହଞ୍ଚିଥିଲେ। ସେ ଦଳୀୟ ନେତାଙ୍କ ସହ କିଛି ସମୟ କଥା ହେବା ପରେ ସୁଜାତାଙ୍କୁ ବଧିବଦ୍ଧ ଭାବେ ବିଜେଡିରେ ସାମିଲ କରାଇଥିଲେ। ନବୀନଙ୍କ ଉପସ୍ଥିତିରେ ସୁଜାତା ବିଜେଡିର ସଦସ୍ୟତା ଗ୍ରହଣ କରିଛନ୍ତି। ତାଙ୍କୁ ଦଳର ନିର୍ବାଚିତ ବିଧାୟକ ଓ ସାଂସଦଙ୍କ ସମେତ ଆଗଧାଡ଼ିର ବରିଷ୍ଠ ନେତାମାନେ ମଧ୍ୟ ସ୍ୱାଗତ କରିଛନ୍ତି। ଯଦିଓ ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ସାମିଲ ହୋଇଛନ୍ତି, କିନ୍ତୁ ତାଙ୍କ ମିଶ୍ରଣ ପର୍ବର ଆୟୋଜନ ଅଲଗା କିଛି ସଙ୍କେତ ଦେଉଛି। କୁହାଯାଉଛି ଯେ ସେ ହିଁ 'ନବୀନଙ୍କ ଉତ୍ତରାଧିକାରୀ' ବା ଦଳର 'ନମ୍ବର-ଟୁ' ଭାବେ କାର୍ଯ୍ୟ କରିବେ। ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କୁ ରେଡ କାର୍ପେଟ ସ୍ୱାଗତ ପାଇଁ ଗତ ପ୍ରାୟ ଏକମାସ ଧରି ବ୍ୟାକଡୋରରେ ଆଲୋଚନା ଜାରି ରହିଥିଲା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚଳିତମାସ ପ୍ରଥମ ସପ୍ତାହରେ ଦିଲ୍ଲୀ ଗସ୍ତରେ ରହିଥିବାବେଳେ ଦଳର କିଛି ବରିଷ୍ଠ ନେତାମାନଙ୍କୁ ଦିଲ୍ଲୀ ଡକାଯାଇ ସୁଜାତାଙ୍କ ଏଣ୍ଟ୍ରି ସମ୍ପର୍କରେ ବିଚାରବିମର୍ଶ କରାଯାଇଥିଲା। ନବୀନ ନିବାସକୁ ମଧ୍ୟ ଦଳର ବରିଷ୍ଠ ନେତାମାନଙ୍କୁ ଦୁଇ ତିନି ପର୍ଯ୍ୟାୟରେ ଡାକି ସୁଜାତାଙ୍କ ଏଣ୍ଟ୍ରି ପାଇଁ ଚାଲିଥିବା ଯୋଜନା ସମ୍ପର୍କରେ ନିଜେ ନବୀନ ଅବଗତ କରାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣ୍ଡିଆନ ଏହି ପ୍ରକରଣ ପାଇଁ ଗୋଟିଚାଳନା କରୁଥିଲେ ମଧ୍ୟ ସେ ସାମ୍ନାକୁ ନଆସି ନବୀନଙ୍କ ମାଧ୍ୟମରେ ଏହି ଯୋଜନାକୁ ସଫଳ ରୂପ ଦେଇଛନ୍ତି। ଯେଉଁ ପାଣ୍ଡିଆନଙ୍କ ଜିଦ୍ ଓ କାର୍ଯ୍ୟଶୈଳୀ ପାଇଁ ବିଜେଡିର ୨୪ବର୍ଷର ଶାସନ ଗାଦି ଚାଲିଗଲା, ସେହି ବିପର୍ଯ୍ୟୟକାରୀ ପାଣ୍ଡିଆନ ପୁଣିଥରେ ନିଜ ପତ୍ନୀଙ୍କ ମାଧ୍ୟମରେ ଦଳକୁ ନିୟନ୍ତ୍ରଣକୁ ନେବାକୁ ଏଭଳି ମାଷ୍ଟରପ୍ଲାନ୍ କରିଥିବା ଚର୍ଚ୍ଚା ହେଉଛି।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳିମାଡ଼

କଟକ, ୨୭/୦୬ (ଜେଏନ୍ଏସ୍) : କଟକ ଜିଲ୍ଲା ମାଣିଆବନ୍ଧ ଥାନା ଅନ୍ତର୍ଗତ କୁଆଁକ୍ଷରପାଳ ଛକରେ ହୋଇଛି ଗୁଳିମାଡ଼। ସନ୍ତରାବଳି ସରପଞ୍ଚଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରକୁ ହୋଇଛି ଗୁଳିମାଡ଼। ୩ ଜଣ ଦୁର୍ବୃତ୍ତ ବାଇକ୍ ?ରେ ଆସି କରିଥିଲେ ଗୁଳିମାଡ଼। କଟକ ଜିଲ୍ଲା ମାଣିଆବନ୍ଧ ଥାନା ଅନ୍ତର୍ଗତ କୁଆଁକ୍ଷରପାଳ ଛକରେ ହୋଇଛି ଗୁଳିମାଡ଼। ସନ୍ତରାବଳି ସରପଞ୍ଚଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରକୁ ହୋଇଛି ଗୁଳିମାଡ଼। ୩ ଜଣ ଦୁର୍ବୃତ୍ତ ବାଇକରେ ଆସି କରିଥିଲେ ଗୁଳିମାଡ଼। ସେମାନେ ଶ୍ରୀକାନ୍ତ ଜେନାଙ୍କୁ ଲକ୍ଷ୍ୟ କରି ୪ ରାଉଣ୍ଡ ଗୁଳି କରିଥିଲେ। ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହୋଇଯାଇଥିବା ବେଳେ ଗୁରୁତର ଭାବେ ଆହତ ଶ୍ରୀକାନ୍ତ ଜେନାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ମାଣିଆବନ୍ଧ ଥାନା ପୁଲିସ ଘଟଣାସ୍ଥଳରେ ଛାନଭିନ୍ କରିଛି। ତଦନ୍ତ ଜାରି ରହିଥିବା ବେଳେ କିଏ ଓ କାହିଁକି ଶ୍ରୀକାନ୍ତ ଜେନାଙ୍କ ଉପରକୁ ଗୁଳି କଲା, ତାହା ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥାଇପାରେ ବୋଲି କୁହାଯାଉଛି।

## ବିଷ ବୋତଲ ଧରି ଚାଷୀଙ୍କ ପ୍ରତିବାଦ

ବରଗଡ, ୨୭/୦୬ (ଜେଏନ୍ଏସ୍) : ବିଷ ବୋତଲ ଧରି ଚାଷୀଙ୍କ ପ୍ରତିବାଦ। ବରଗଡ ଡିଆରସିଏସ୍ ଅଫିସ୍ ଆଗରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ଚାଷୀ ଆଜି ଡିଆରସିଏସ୍ ଅଫିସ୍ ଆଗରେ ଧାରଣାରେ ବସିଛନ୍ତି। ଏହି ସମୟରେ ଜଣେ ଚାଷୀ ବିଷ ପିଇବାକୁ ଧମକ ଦେଇଥିଲେ। ଧାନ ବିକ୍ରିରୁ ବଞ୍ଚିତ ହୋଇଥିବାରୁ ବିଷ ପିଇବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। କହିଥିଲେ, ଧାର କରଜ କରି ଚାଷ କରିଥିଲେ। ହେଲେ ଏପର୍ଯ୍ୟନ୍ତ ଧାନ ବିକ୍ରି ହୋଇପାରିନାହିଁ। କରଜ ଟଙ୍କା ଘରକୁ ମାଗିବାକୁ ଆସୁଛନ୍ତି ହେଲେ ତାଙ୍କ ପାଖରେ ପଇସା ନାହିଁ। ଏଥିପାଇଁ ବିଷ ବୋତଲ ସାଙ୍ଗରେ ନେଇ ଆସିଥିଲେ ଚାଷୀ। ପୋଲିସ ଚାଷୀଙ୍କଠାରୁ ବିଷ ବୋତଲ ଛଡାଇ ନେଇଥିବା ଦେଖିବାକୁ ମିଳିଛି।

## ୨୦୦ ଏକର ଜମି ଜାଲିଆତିରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ !

ମଧ୍ୟପ୍ରଦେଶ, ୨୭/୦୬ : ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ ଉକ୍ତି ଥିଲା 'ମେ ଖାଉଙ୍ଗା ନା କିସିକୋ ଖାନେ ଦୁଙ୍ଗା' ଏବେ ବିଜେପି ମହଙ୍ଗା ସାବସ୍ତ୍ୟ ହୋଇଛି। ରାମ ମନ୍ଦିର ନାମରେ ସ୍କାମ ଓ ମଧ୍ୟପ୍ରଦେଶରେ ଜମି ସ୍କାମ ଏବେ ରାମ ନାମ ଜପୁଥିବା ବିଜେପି ସରକାର ବଦନାମ ହୋଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ତାଙ୍କ ପରିବାର ବିରୋଧରେ ଉଜ୍ଜୟିନୀରେ ଏକ ବଡ଼ ଧରଣର ଜମି ଦୁର୍ନୀତି ଅଭିଯୋଗ ଆସିଛି। ମୋହନ ଯାଦବ ଡିସେମ୍ବର ୨୦୨୩ରେ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ତାଙ୍କ ପରିବାର (ସ୍ତ୍ରୀ, ପୁଅ, ବୋହୂ ଓ ସମ୍ପର୍କୀୟ) ଉଜ୍ଜୟିନୀ ଏବଂ ଏହାର ଆଖପାଖରେ ପ୍ରାୟ ୧୬୮ ଏକର ପରିମିତ ୧୩୭ଟି ପ୍ଲଟ୍ କିଣିଛନ୍ତି। ଅଭିଯୋଗ ଅନୁସାରେ, ଏହି ୧୬୮ ଏକର ମଧ୍ୟରୁ ୧୧୧ ଏକର ଜମି ସରକାରଙ୍କ ଦ୍ୱାରା ନୂତନ ଭାବେ ଘୋଷଣା କରାଯାଇଥିବା ହାଇୱେ, ଲିଙ୍କ୍ ରୋଡ୍ ଏବଂ ଇନଫ୍ରାଷ୍ଟ୍ରକ୍ଚର କରିଡରର ପାଖରେ ଅବସ୍ଥିତ। ସରକାରଙ୍କ 'ମାଷ୍ଟର ପ୍ଲାନ ୨୦୩୫' କୁ ବଦଳାଇ ଚାଷ ଜମିକୁ ଆବାସିକ ଜମିରେ ପରିଣତ କରାଯାଇଛି, ଯାହା ଦ୍ୱାରା ଏହି ଜମିଗୁଡ଼ିକର ଦାମ ରାତାରାତି ବହୁ ଗୁଣ ବଢ଼ିଯାଇଛି। ୨୦୨୮ରେ ଉଜ୍ଜୟିନୀରେ ହେବାକୁ ଥିବା 'ସିଂହସ୍ଥ କୁମ୍ଭମେଳା' ପାଇଁ ସେଠାରେ ବଡ଼ ଧରଣର ସରକାରୀ ପ୍ରକଳ୍ପ ଚାଲିଛି, ଯାହାର ଫାଇଦା ଏହି ଜମି କାରବାର ମାଧ୍ୟମରେ ନିଆଯାଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ଏହାକୁ 'ମହାକାଳ ଜମିର ଲୁଟ୍' ବୋଲି କହିଛି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ତୁରନ୍ତ ଇସ୍ତଫା ଦାବି କରିଛି। ବିରୋଧୀ ଦଳ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ସମାଜବାଦୀ ପାର୍ଟିର ଭିନ୍ନ ମତ: ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ବିଜେପିର ଏକ 'ଆଭ୍ୟନ୍ତରୀଣ ଷଡ଼ଯନ୍ତ୍ର' ବୋଲି କହି ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଡିସେମ୍ବର ୨୦୨୩ରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ତାଙ୍କ ପରିବାର କୌଣସି ନୂଆ ଜମି କିଣିନାହାନ୍ତି।



ବିଜେପି ନେତାମାନେ କହିଛନ୍ତି ଯେ ମୋହନ ଯାଦବଙ୍କ ପରିବାର ଦଶନ୍ଧି ଦଶନ୍ଧି ଧରି ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ସହ ଜଡ଼ିତ। ପରିବାରର କେହି ଜଣେ ମୁଖ୍ୟମନ୍ତ୍ରୀ ହେଲେ ପୁରୁଣା ବ୍ୟବସାୟ ବନ୍ଦ କରାଯାଇପାରିବ ନାହିଁ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପରିବାର ଏବଂ ସେମାନଙ୍କ ସହ ଜଡ଼ିତ ରିଅଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକର ଜମି କାରବାରର ଏକ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ତାଲିକା ସାମ୍ନାକୁ ଆସିଛି। ଡିସେମ୍ବର ୨୦୨୩ରେ ମୋହନ ଯାଦବ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ପ୍ରାୟ ୪୫ କୋଟି ଟଙ୍କା ବ୍ୟୟରେ ୧୩୭ଟି ପ୍ଲଟ୍ (୧୬୮ ଏକର) କିଣାଯାଇଛି। ତାଙ୍କର ନିଜସ୍ୱ ସମ୍ପତ୍ତି ଘୋଷଣା ଅନୁସାରେ, ଉଜ୍ଜୟିନୀରେ ତାଙ୍କ ନାମରେ ୧୭ ଏକର ଜମି ରହିଛି, ଯେଉଁଥିରୁ ୪ ଏକର ପୈତୃକ ସମ୍ପତ୍ତି ଏବଂ ୧୩ ଏକର ସେ ୧୯୯୮ ମସିହାରେ କିଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ୧୦.୬ ଏକର ଜମି ସିଧାସଳଖ ରହିଛି, ଯାହାକୁ ସେ ୨୦୦୮ ରୁ ୨୦୧୦ ମସିହା ମଧ୍ୟରେ କିଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପୁଅ ଏବଂ ବୋହୂଙ୍କ ନାମରେ ମଧ୍ୟ ବିପୁଳ ଜମି କିଣାଯାଇଛି। ବିଶେଷ କରି ୨୦୨୫ ମସିହାରେ ତାଙ୍କ ବୋହୂଙ୍କ ନାମରେ ପ୍ରାୟ ୧୦ ଏକର ଜମି କିଣାଯାଇଥିବା ତଥ୍ୟ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଭଉଣୀଙ୍କ ନାମରେ ମଧ୍ୟ ଉଜ୍ଜୟିନୀର ବିକାଶମୂଳକ ଅଞ୍ଚଳରେ ପ୍ଲଟ୍ ରହିଛି। ଗୋବିନ୍ଦ ଯାଦବ ସେ ଉଜ୍ଜୟିନୀର ଗଙ୍ଗେଡ଼ି ଅଞ୍ଚଳରେ ୪୧ ଏକର ଜମି କିଣିଛନ୍ତି। ଏହି ଜମିକୁ ସେ ପରବର୍ତ୍ତୀ ସମୟରେ ଇନ୍ଦୋରର 'ଶାନ୍ତି ମହାଲୋକ ବିଲ୍ଡର୍ସ'କୁ ବଡ଼ ଧରଣର ଆବାସିକ ପ୍ରକଳ୍ପ ନିର୍ମାଣ ପାଇଁ ହସ୍ତାନ୍ତର କରିଛନ୍ତି। ସେ ନିଜର 'ସାଓ୍ୱରିଆ' ବ୍ରାଣ୍ଡ ଅଧୀନରେ ଚାରୋଟି ବଡ଼ ହାଉସିଂ ସ୍କିମ୍ ବା ଆବାସିକ ପ୍ରକଳ୍ପ ମଧ୍ୟପ୍ରଦେଶ 'ରେରା'ରେ ୨୦୨୪ ଏବଂ ୨୦୨୫ ମସିହା ମଧ୍ୟରେ ପଞ୍ଜୀକୃତ କରାଇଛନ୍ତି। କେବଳ ୨୦୨୫ ମସିହା ଭିତରେ ହିଁ ମୁଖ୍ୟମନ୍ତ୍ରୀଙ୍କ ପରିବାର ଏବଂ ସେମାନଙ୍କ କମ୍ପାନୀଗୁଡ଼ିକ ଉଜ୍ଜୟିନୀରେ ୯୨ ଏକର ପରିମିତ ୬୨ଟି ପ୍ଲଟ୍ କିଣିଛନ୍ତି। ସମୁଦାୟ କିଣାଯାଇଥିବା ୧ ଏକର ମଧ୍ୟରୁ ୧୧୧ ଏକର ଜମି ସିଧାସଳଖ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଉଜ୍ଜୟିନୀ ରିଙ୍ଗ ରୋଡ୍, ହାଇୱେ ପ୍ରକଳ୍ପ ଏବଂ ଲିଙ୍କ୍ ରୋଡ୍ କଡ଼େର ଅବସ୍ଥିତ। ମାଷ୍ଟର ପ୍ଲାନ ଜୋନ୍: ଉଜ୍ଜୟିନୀ ସହରର ମାଷ୍ଟର ପ୍ଲାନ ୨୦୩୫ ଅଧୀନରେ ଯେଉଁ ସବୁ ଜୋନରେ ଜମିର ବ୍ୟବହାରକୁ କୃଷିରୁ ଆବାସିକ/ବ୍ୟବସାୟିକ କରାଯାଇଛି, ସେହି ସବୁ ପ୍ରମୁଖ ଜୋନରେ ଏହି ପ୍ଲଟଗୁଡ଼ିକ ରହିଛି। ମୋହନ ଯାଦବ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ (ଯେତେବେଳେ ସେ ରାଜ୍ୟର ଶିକ୍ଷା ମନ୍ତ୍ରୀ ଥିଲେ), ୨୦୨୧ ରୁ ୨୦୨୩ ମସିହା ମଧ୍ୟରେ ତାଙ୍କ ପରିବାର ୧୭୯ ଏକର ପରିମିତ ୧୦୮ଟି ପ୍ଲଟ୍ କିଣିଥିଲେ, ଯେଉଁଥିରୁ ୮୫ ଏକର ଜମି କେବଳ ସେ ମନ୍ତ୍ରୀ ଥିବା ସମୟରେ କିଣାଯାଇଥିଲା। ବିରୋଧୀ କଂଗ୍ରେସର ଅଭିଯୋଗ ଅନୁସାରେ, ଗତ କିଛି ବର୍ଷ ଭିତରେ ତାଙ୍କ ପରିବାରର ସମୁଦାୟ ଜମି ପରିମାଣ ୧୦୦ ଏକରରୁ ବୃଦ୍ଧି ପାଇ ପ୍ରାୟ ୩୩୫ ଏକରରେ ପହଞ୍ଚିଛି।

ଉଜ୍ଜୟିନୀ ଜମି ଦୁର୍ନୀତି ଅଭିଯୋଗକୁ ନେଇ କଂଗ୍ରେସ ଦଳ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ବିରୋଧରେ ଏକ ବ୍ୟାପକ ଏବଂ ରଣନୈତିକ ଆନ୍ଦୋଳନ ଆରମ୍ଭ କରିଛି. ରାଜ୍ୟ କଂଗ୍ରେସ ସଭାପତି ଜିତୁ ପଟୱାରୀ ଏବଂ ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାରଙ୍କ ନେତୃତ୍ୱରେ ଦଳ ଏହି ସ୍ୱରକୁ ଆହୁରି ତୀବ୍ର କରିବାକୁ ଯୋଜନା ପ୍ରସ୍ତୁତ କରିଛି। କଂଗ୍ରେସ ଏହି ଘଟଣାକୁ 'ମହାକାଳ ଜମିର ଲୁଟ୍' ବୋଲି ଆଖ୍ୟା ଦେଇଛି, ଯାହା ଦ୍ୱାରା ଲୋକଙ୍କ ଆବେଗକୁ ଯୋଡ଼ି ସରକାରଙ୍କୁ ଘେରାଯାଇପାରିବ। କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହାକୁ ବିଜେପିର ଡବଲ୍-ଇଞ୍ଜିନ ସରକାର ନୁହେଁ, ବରଂ 'ଲୁଟ୍‌ର ଇଞ୍ଜିନ' ବୋଲି ସୋସିଆଲ ମିଡିଆରେ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ଜିତୁ ପଟୱାରୀ ସ୍ପଷ୍ଟ କରିଛନ୍ତି ଯେ ଆଗାମୀ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଯିବ। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପରିବାରର ଜମି କିଣାବିକାର ସମସ୍ତ ସରକାରୀ ଦସ୍ତାବିଜ୍ ଓ ରେଜିଷ୍ଟ୍ରେସନ ତଥ୍ୟକୁ ସାର୍ବଜନୀନ କରିବା ପାଇଁ କଂଗ୍ରେସ ଗୃହରେ ସରକାରଙ୍କୁ ବାଧ୍ୟ କରିବ।

ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି। କଂଗ୍ରେସ କେବଳ ସାଧାରଣ ତଦନ୍ତ ନୁହେଁ, ବରଂ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କମିଟି ଗଠନ ପାଇଁ ଦାବି କରିଛି। କଂଗ୍ରେସ ଦଳ ପ୍ରଶ୍ନ ଉଠାଇଛି ଯେ, ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ଏହି ବଡ଼ ଧରଣର ଜମି ଦୁର୍ନୀତି ଉପରେ କାହିଁକି ଚୁପ୍ ରହିଛନ୍ତି ? ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱଚ୍ଛ ରାଜନୀତିର ଦୁହାଇ ଦେଇ ମୋହନ ଯାଦବଙ୍କ ଇସ୍ତଫା ତୁରନ୍ତ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି।

ରାଜପଥରୁ ଗଳିକନ୍ଦି ପର୍ଯ୍ୟନ୍ତ ଆନ୍ଦୋଳନ- ଭୋପାଳ ଏବଂ ଉଜ୍ଜୟିନୀ ସମେତ ସମଗ୍ର ମଧ୍ୟପ୍ରଦେଶର ପ୍ରମୁଖ ସହରଗୁଡ଼ିକରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ, ପୁତଳା ଦାହ ଏବଂ ସଚିବାଳୟ ଘେରାଉ ଭଳି କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଉଜ୍ଜୟିନୀର ସ୍ଥାନୀୟ ଜନସାଧାରଣ ଏବଂ ଚାଷୀମାନଙ୍କୁ (ଯେଉଁମାନଙ୍କ କୃଷି ଜମିକୁ ମାଷ୍ଟର ପ୍ଲାନ ଜରିଆରେ ହେରଫେର କରାଯାଇଛି) ଏହି ଆନ୍ଦୋଳନରେ ସାମିଲ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ମାନିଲେ ଭୀମସେନ, ଚନ୍ଦ୍ରିକାଙ୍କୁ ବିବାହ ହେବାକୁ ମନା କରିଥିଲେ



ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକ ତଥା ଟ୍ରେନି ଓଏଏସ୍ ? ଅଫିସର ଭୀମସେନ ଟୁଡୁଙ୍କ ବିରୋଧରେ ଲାଗିଲା ଇଘଝର ସଙ୍ଗିନ ଧାରା ୬୯ । ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଛନ୍ଦି ହୋଇଛନ୍ତି ଭୀମସେନ । ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକ ତଥା ଟ୍ରେନି ଓଏଏସ୍ ଅଫିସର ଭୀମସେନ ଟୁଡୁଙ୍କ ବିରୋଧରେ ଲାଗିଲା ଇଘଝର ସଙ୍ଗିନ ଧାରା ୬୯ । ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଛନ୍ଦି ହୋଇଛନ୍ତି ଭୀମସେନ । ବିଏନଏସ ଧାରା ୬୯ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ରହିଛି ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ପ୍ରାବଧାନ । ଅନ୍ୟପକ୍ଷରେ ଅଭିଯୁକ୍ତ ଭୀମସେନଙ୍କ ୨ ଦିନିଆ ପୁଲିସ ରିମାଣ୍ଡ ଶେଷ ହୋଇଛି । ଜେରା ବେଳେ ତାଙ୍କଠାରୁ ପୁଲିସ ଅନେକ କଥା ଆଦାୟ କରିଛି । ଫଳରେ ଏହି ମାମଲାକୁ ନେଇ ଥିବା ଅନେକ ଦ୍ୱନ୍ଦ୍ୱ ଦୂର ହୋଇଛି । କଟକ ଡିସିପିଙ୍କ ସୂଚନା ଅନୁଯାୟୀ, ମୃତ୍ୟୁ ପୂର୍ବରୁ ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ଉଭୟ ଭୁବନେଶ୍ୱରରେ ଥିବା ସମୟରେ ଏହି ଦେଖାସାକ୍ଷାତ ହୋଇଥିଲା । କେଉଁ ସ୍ଥାନରେ ସେମାନଙ୍କ ମଧ୍ୟରେ ଦେଖାସାକ୍ଷାତ ହୋଇଥିଲା ଭୀମସେନ ତାହା ମଧ୍ୟ କହିଛନ୍ତି । ପୁଲିସ ଉକ୍ତ ସ୍ଥାନକୁ ଯାଇ ମଧ୍ୟ ତଦନ୍ତ କରିବ । ତେବେ ଏହି ଦେଖାସାକ୍ଷାତ ବେଳେ ଚନ୍ଦ୍ରିକାଙ୍କୁ ବାହା ହେବାକୁ ମନା କରିଥିଲେ ଭୀମସେନ । ଏମିତିକି ଯେଉଁ ଦିନ ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟିଲା, ସେଦିନ ସକାଳେ ମଧ୍ୟ ସେମାନଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା ହୋଇଛି । ଜେରା ବେଳେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ଦୀର୍ଘଦିନରୁ ରିଲେସନ ଥିବା କଥାକୁ ସ୍ୱୀକାର କରିଛନ୍ତି ଭୀମସେନ । ଚନ୍ଦ୍ରିକାଙ୍କୁ ସେ ବାହା ହେବାକୁ ମନା କରିଥିବା କଥାକୁ ସ୍ୱୀକାର କରିଛନ୍ତି । ଚନ୍ଦ୍ରିକାଙ୍କ ମା'ଙ୍କ ସହିତ ଭୀମସେନଙ୍କର ଫୋନ୍‌ରେ ହୋଇଥିବା ବାର୍ତ୍ତାଳପର ରେକର୍ଡକୁ ପୁଲିସ ସିଜ୍ କରିଛି । ଜେରା ବେଳେ ସେହି ବାର୍ତ୍ତାଳପକୁ ସ୍ୱୀକାର କରିଛନ୍ତି ଭୀମସେନ । ସେଥିରେ ସେ ଚନ୍ଦ୍ରିକାଙ୍କୁ ବାହା ହେବାକୁ ମନା କରିଛନ୍ତି । ଦୁଇ ଦିନିଆ ରିମାଣ୍ଡରେ ଆଣି ଭୀମସେନଙ୍କୁ ଜେରା କରିବା ପରେ ଗୁଡ଼ାଏ ଜିନିଷରେ ସ୍ୱଷ୍ଟତା ଆସିଛି ବୋଲି ଡିସିପି କହିଛନ୍ତି । ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି ।

# ବିଶ୍ୱ ରେକର୍ଡ ଅଧିକାରୀ ଡ଼ଃ ପଙ୍କଜ କୁମାର ଜେନା ଦିଲ୍ଲୀରେ ପାଇଲେ କଳିଙ୍ଗ ରତ୍ନ ସମ୍ମାନ

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ବିଶ୍ୱରେ ପ୍ରଥମ କରି ନୈତିକ ଶିକ୍ଷା ଉପରେ କାମ କରି ବିଶ୍ୱ ରେକର୍ଡ ଆଉ ଆମେରିକା ବୋକ ଅଫ ରେକର୍ଡ ରେ ସ୍ଥାନ ପାଇଥିବା ଡ଼ଃ ପଙ୍କଜ କୁମାର ଜେନା ଙ୍କୁ ଦିଲ୍ଲୀ କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ କଳିଙ୍ଗ ରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଡ଼ଃ ଜେନା ଏଥିପାଇଁ ଏକ ଛ ମାସିଆ ପାଠ୍ୟକ୍ରମ ପ୍ରସ୍ତୁତ କରି ଚର୍ଚ୍ଚାରେ ଥିଲେ ।ବାପା ମା ବୃଦ୍ଧ ଅବସ୍ଥା ରେ କେମିତି ବୃଦ୍ଧାଶ୍ରମ ଯିବେନି, ସଫଳତା ପରେ ବି ବ୍ୟକ୍ତି କେମିତି ଆତ୍ମହତ୍ୟା କରୁଛି, ପୁଅ ବହୋ ମାନେ ବାପା ମା ଙ୍କ ର ବି ଶୁଦ୍ଧି କ୍ରିୟା କୁ ଆସୁନାହାନ୍ତି, ଏ ସବୁ ର ସମାଧାନ ପାଇଁ ଏକ ଛଅ ମାସିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ବିଶ୍ୱ ଦରବାର ରେ ଚର୍ଚ୍ଚାରେ ଅଛନ୍ତି । ପଇସା ରୋଜଗାର କରିବା ପାଇଁ ପାଠ ନ ପଢାଇ ଭଲ ମଣିଷ ହୋଇ ବାପା ମା ଙ୍କ ଯତ୍ନ ନେବାପାଇଁ ପାଠ ପଢ଼ାଇବା ଦରକାର ବୋଲି ଡ଼ଃ ଜେନା କୁହନ୍ତି । ପାଠ ପଢି ପଇସା ରୋଜଗାର ପାଇଁ ଦେଶ କୁ ବିକି ଦେବା, କୀଡୀନି ଚୋରି କରି ବିକିବା, ବାପା ମା ଙ୍କୁ ବୃଦ୍ଧାଶ୍ରମ ରେ ଛାଡି ବିଦେଶ ପଳାଇବା ପରି ଘୃଣ୍ୟ କାମ ନ କରି ଭଲ ମଣିଷ ହେବାପାଇଁ ଏହି ପାଠ୍ୟ କ୍ରମ ରେ ଯୋଡ଼ି ହେବା ପାଇଁ ଡ଼ଃ ଜେନା ଆହ୍ୱାନ ଦେଇଛନ୍ତି ଆଉ ଏହା ସମ୍ପୂର୍ଣ ମାଗଣା.ଦିଲ୍ଲୀ ଗୁରୁଗ୍ରାମ କମ୍ୟୁନିଟି ଭବନ ରେ ସ୍ଥାନୀୟ ବିଧାୟକ ମୁକେଶ ଶର୍ମା, ଟାସା ମାଇକ୍ରୋ ଏସ ର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ସେନ, ମେୟର ରାଜରାଣୀ ମାଲହୋତ୍ରା, ଇଟର୍ବାନ କର୍ପୋ ସାଇନ୍ସ ଲିମିଟେଡ଼ ନିର୍ଦ୍ଦେଶକ ଡ଼ଃ ନିଖିଲ ଅଗ୍ରୱାଲ, କ୍ୟାନ ଭାରନ ଫାଉଣ୍ଡେସନ ର ପ୍ରତିଷ୍ଠାତା ଡ଼ଃ ଡି ପି. ଗୋଏଲ, କଳିଙ୍ଗ ଭାରତୀ ଫୋଉଣ୍ଡେସନ ର ଜାତୀୟ ସଭାପତି ଇଞ୍ଜିନ୍ୟ ର ଅକ୍ଷୟ କୁମାର ସାମଲ, ସଂଗୀତଜ୍ଞ ସନ୍ତୋଷ କୁମାର ରାଉତ, ସଂଗ୍ରାମ କୁମାର ପାଣିଗ୍ରାହୀ, ମଧୁମିତା ମହାପାତ୍ର, ବିଜୟ ମିଶ୍ର, ଅନିଲ ଜେନା, ପ୍ରଳୟ ବାହାଲି ଓ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ମାନଙ୍କ ଉପସ୍ଥିତ ରେ ଡ଼ଃ ପଙ୍କଜ କୁମାର ଜେନା କଳିଙ୍ଗ ରତ୍ନ ସମ୍ମାନ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ପାଇଁ ଗର୍ବ ଆଉ ଗୌରବ ଆଣିଥିଲେ ଓ ସେଠାରେ ସମସ୍ତ ଙ୍କୁ ପ୍ରଥମେ ଭଲ ମଣିଷ ହେବା ପାଇଁ ବକ୍ତବ୍ୟ ରଖିଥିଲେ । ପିଲା ମାନଙ୍କୁ ପଇସା ରୋଜଗାର କରିବା ପାଇଁ ଖାଲି ପାଠ ନ ପଢାଇ, ବାପା ମା ଓ ଦେଶ ର କେମିତି ଯତ୍ନ ନେବେ ସେହି ଶିକ୍ଷା ଦେବାକୁ ସମସ୍ତ ଙ୍କୁ ଡ଼ଃ ଜେନା ଅନୁରୋଧ କରିଥିଲେ ।

# ରେଣୁ ଏଲ୍ଡରଲି କେୟାରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ



କଟକ,୨୭/୦୬ (ଜେଏନ୍ଏସ୍) : କଟକ ସିଡିଏ ସେକ୍ଟର–୯ ସ୍ଥିତ କଳିଙ୍ଗ ପ୍ୟାଲେସ ରେଣୁ ଏଲ୍ଡରଲି କେୟାର ପକ୍ଷରୁ ଏହାର ପ୍ରଥମ ବାର୍ଷିକ ଉତ୍ସବ ଆଜି ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା, ଯତ୍ନ ଓ ସହଯୋଗ ଯୋଗାଇ ଦେବା କ୍ଷେତ୍ରରେ ଏହି ସଂସ୍ଥା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଏହାର ବାର୍ଷିକ ଉତ୍ସବ ଅବସରରେ ସେବା କାର୍ଯ୍ୟକ୍ରମର ସମୀକ୍ଷା ଓ ଭବିଷ୍ୟତ ଯୋଜନା ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁଦୀପ୍ତ ନନ୍ଦ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ପାଇଁ ସୁସଂଗଠିତ ଓ ମାନବିକ ସେବା ବ୍ୟବସ୍ଥାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ଓ ମାନସିକ ସୁସ୍ଥତା ପ୍ରତି ବିଶେଷ ଯତ୍ନ ନେବା ଆବଶ୍ୟକ । ଏହି ଦିଗରେ ରେଣୁ ଏଲ୍ଡରଲି କେୟାର ନିଷ୍ଠାର ସହିତ କାର୍ଯ୍ୟ କରୁଥିବାରୁ ସେମାନେ ସଂସ୍ଥାର ପ୍ରଶଂସା କରିଥିଲେ । ସଂସ୍ଥା ପକ୍ଷରୁ କୁହାଯାଇଥିଲା ଯେ, ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ଘରୋଇ ପରିବେଶରେ ଉନ୍ନତ ସ୍ୱାସ୍ଥ୍ୟ ସେବା, ଯତ୍ନ ଓ ପରାମର୍ଶ ପ୍ରଦାନ କରିବା ହେଉଛି ସଂସ୍ଥାର ମୁଖ୍ୟ ଲକ୍ଷ୍ୟ । କାର୍ଯ୍ୟକ୍ରମରେ ବହୁ ସମାଜସେବୀ, ବିଶିଷ୍ଟ ବ୍ୟକ୍ତି ଓ ଆମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ଏଲ ଟି ପି ନାରାୟଣ, ସୁଦୀପ୍ତ ନନ୍ଦ, ଅମ୍ରିଶା ନାରାୟଣ, ଆକୃତି, ପ୍ରିୟଙ୍କା, ଆର୍ଯ୍ୟ ଗୌରବ, ରୁପେଶ ସିହ୍ନା, ଆରନୀୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସଂସ୍ଥା ପକ୍ଷରୁ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଯାଇଥିଲା ।

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷ ଯାତ୍ରା ପ୍ରସ୍ତୁତି ବୈଠକ

ନୀଳଗିରି, ୨୭/୦୬ (ଜେଏନ୍ଏସ୍) : ଅପରାହ୍ନ ସାଢେ ଚାରି ଘଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ ନୀଳଗିରି , ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିକ୍ରମ କେଶରୀ ପରିଡ଼ା, ଏନ୍.ଏ.ସି.ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା,ଅତିରିକ୍ତ ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନା, ଏନ୍.ଏ.ସି.କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ ।ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟା/ସଦସ୍ୟା ମାନଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ



ଆଲୋଚନା ଓ ପରାମର୍ଶ କ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି ।ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତ୍ତରରେ ମହାରଣା ଓ ସହଯୋଗୀ ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟର ସମ୍ପନ୍ନ ହେବ ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ବା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ।ରଥାରୂଢ଼ ସଦସ୍ୟ ଓ ବକ୍ତା ରଥ ଉପରେ କେଉଁ ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ଏବଂ ପ୍ରବଚକ କେଉଁମାନେ ବକ୍ତବ୍ୟ ପ୍ରଦାନ କରିବେ, ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି ।ଜଳ ଓ ବିଦ୍ୟୁତ ସେବା ନିରବିଚ୍ଛିନ୍ନ ଭାବେ ଜାରି ରଖିବା ।ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବା, ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତି ହୋଇଛି । ରଥ ଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବା ପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡ଼ା ? ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଞ୍ଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ,ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯାଇ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେ.ସି. ହାଇ ସ୍କୁଲ ପଡିଆ ରେ ପାରମ୍ପରିକ ନୃତ୍ୟ ଓ ଜିଲ୍ଲା ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ । ଏହି ମହାପ୍ରଭୁଙ୍କ ପ୍ରଥମ ପର୍ଯ୍ୟାୟ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ,ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ବୈଠକର ସଫଳତା ନିମନ୍ତେ ଉପଜିଲ୍ଲାପାଳ ତଥା ଅଧକ୍ଷ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନୋଜ କୁମାର ରାଉତ : ଓଡ଼ିଶା ପୋଲିସର ଜଣେ ଅନନ୍ୟ ପ୍ରତିଭା

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ଦୁନିଆରେ ବହୁତ କମ ଲୋକ ସୁନା ଚାମଚ ଧରି ଜନ୍ମ ହୋଇଥାନ୍ତି ଆଉ କେତେ ଜଣ ନିଜ ପରିଶ୍ରମ, ଧି-ଶକ୍ତି ବଳରେ ନିଜ ପ୍ରତିଭାର ପରିଚୟ ଦେଇ ଜନ ମାନସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥାନ୍ତି । ସେମାନଙ୍କ ମଧ୍ୟରେ ବିଶିଷ୍ଟ ବୈଜ୍ଞାନିକ ମିଶାଇଲ ମ୍ୟାନ ଅବଦୁଲ କାଲାମ ହୁଅନ୍ତୁ କି ପ୍ରଖ୍ୟାତ ରାଜନେତା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ହୁଅନ୍ତୁ କି ବିଶିଷ୍ଟ କଥାବିତ୍ ଫକୀର ମୋହନ ସେନାପତି ହୁଅନ୍ତୁ । ସର୍ବୋପରି ଓଡ଼ିଶା ପୋଲିସର ଯେଉଁ କେତେ ଜଣ ଦକ୍ଷ ସୈନିକ ଅଛନ୍ତି ସେମାନଙ୍କ ମଧ୍ୟରେ ଦକ୍ଷ



ଓପିଏସ୍ ଅଫିସର ତଥା ଭଦ୍ରକ ର ବର୍ତ୍ତମାନ ଏସ୍ ପି ମନୋଜ କୁମାର ରାଉତ ଅଟନ୍ତି । ଜଣେ ସାଧାରଣ ସବ୍- ଇନିସପେକ୍ଟର ହିସାବରେ ଓଡ଼ିଶା ପୋଲିସରେ ଭର୍ତ୍ତି ହୋଇଥିବା ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହେଉଛନ୍ତି ବର୍ତ୍ତମାନର ଭଦ୍ରକ ଏସ୍ ପି ମନୋଜ କୁମାର ରାଉତ । ବିରଜାକ୍ଷେତ୍ର ଯାଜପୁରର ଯୋଗ୍ୟ ଦାୟଦ୍ ମନୋଜ କୁମାର ରାଉତ ସବ୍ ଇନିସପେକ୍ଟରରୁ ଇନିସପେକ୍ଟରରୁ, ଡିଏସ୍ ପି, ଏଏସ୍ ପି କୁ ପୂର୍ଣ୍ଣ କରି ପୂର୍ବରୁ ଥିବା ନିଜର କର୍ମ କ୍ଷେତ୍ର କୁ ଅଧୁନା ନିଜ କର୍ମଭୂମି ଜିଲ୍ଲା ରେ ପରିଣତ କରିବାରେ ସେ ସିଦ୍ଧହସ୍ତ । ବହୁତ କମ୍ ଅଫିସର ଅଛନ୍ତି, ଯେଉଁମାନେ ଚାକିରୀ-କାଳ ମଧ୍ୟରେ ଏଭଳି ପଦବୀ ମଣ୍ଡନ କରିବାରେ ଖୁବ୍ କୋଚିତ୍ ଦେଖା ଯାଆନ୍ତି । ସେମାନଙ୍କ ମଧ୍ୟରେ ମୋନଜ କୁମାର ରାଉତ୍ ଖୁବ୍ ନିଆରା । ସଂପୂର୍ଣ୍ଣ ମିଷ୍ଟଭାଷୀ, ତିର୍ଯ୍ୟକ୍ ଚାହାଣି ତଥା ଅପରାଧି ମାନଙ୍କର ଅନ୍ୟ ଏକ ସତର୍କ ଘଣ୍ଟି ହେଉଛନ୍ତି ସମସ୍ତଙ୍କର ପ୍ରିୟ ମନୋଜ ସାର୍ ।

# ବିଜେଡି ଶାସନ କାଳର ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ୩ଜଣ ଠିକାଦାରଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର, ୨୭/୦୬ (ଜେଏନ୍ଏସ୍) : ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ସେମାନେ ହେଲେ ବାରିପଦାର ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ । ବିଜେଡି ଶାସନକାଳରେ ପ୍ରତି ପଂଚାୟତରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ବ୍ୟାପକ ଦୁର୍ନୀତି ଓ ସରକାରୀ ଅର୍ଥ ହରିଲୁଟ୍ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଜି ୩ଜଣ ଠିକାଦାରଙ୍କୁ ଗିରଫ କରିଛି । ଗତକାଲି ଭିଜିଲାନ୍ସର ୨୪ଟି ଟିମ୍ ଏକକାଳୀନ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ଚଢ଼ାଉ କରିଥିଲା । ଭିଜିଲାନ୍ସ ଏହି ମାମଲାରେ ଅଧିକ ଲୋକଙ୍କୁ ଗିରଫ କରିବାର ଆଶଙ୍କା ରହିଛି । ଭିଜିଲାନ୍ସ ପକ୍ଷରୁ ଜାରି ସୂଚନା ଅନୁସାରେ, ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରାୟ ୩କୋଟି ଟଙ୍କାର ଦୁର୍ନୀତିରେ ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ସ ଆଣ୍ଡ କନଷ୍ଟ୍ରକସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ । ଏହି ୩ଜଣ ଠିକାଦାରଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ତଦନ୍ତବେଳେ ଏହି ୩ଜଣ ଠିକାଦାର ଉକ୍ତ ୩ଟି ଜିଲ୍ଲାରେ ଠିକା କାମ ନେଇ ସରକାରୀ ଅର୍ଥ ହରିଲୁଟ୍ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି । ଭିଜିଲାନ୍ସର ସୂଚନା ଅନୁସାରେ, ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ପାଣ୍ଠିରୁ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ କେନ୍ଦୁଝର, ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ପ୍ରାୟ ୧୦୦୦ଟି କ୍ଲଷ୍ଟରରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ ଲାଇଟ୍ ଲଗାଇବାର ନିୟମ ଥିଲା । ମାତ୍ର ଏହି କାର୍ଯ୍ୟକାରିତାରେ ବ୍ୟାପକ ହେରଫେର କରାଯାଇ ପ୍ରାୟ ୩ କୋଟି ଟଙ୍କା ଆତ୍ମସାତ କରାଯାଇଥିବାର ପ୍ରମାଣ ମିଳିଛି । ଏବେ ପ୍ରତ୍ୟେକ କ୍ଲଷ୍ଟରରେ ହୋଇଥିବା କାମର ଯାଂଚ ଓ ହରିଲୁଟର ସଠିକ୍ ପ୍ରମାଣ ସଂଗ୍ରହ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଅନୁଧ୍ୟାନ କରାଯାଉଛି । ଏହା ସହିତ ଟଙ୍କା ମଞ୍ଜୁରୀ ପ୍ରକ୍ରିୟା ଓ ଏଥିରେ କେଉଁ ସରକାରୀ ବାବୁ ବା କର୍ମଚାରୀଙ୍କର ସମ୍ପୃକ୍ତି ରହିଛି, ତାହା ଖୋଜି ବାହାର କରିବା ପାଇଁ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକୁ ଜବତ କରାଯାଇଛି । ଏହି ମାମଲାରେ ଭିଜିଲାନ୍ସ ନିଜର ତଦନ୍ତ ଜାରି ରଖିଥିବା କହିଛି । ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଂଚାୟତର ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ତେବେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଘଂନ ହୋଇଥିବା ନେଇ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଗତକାଲି ବଡ଼ଧରଣର ଚଢ଼ାଉ ହୋଇଥିଲା ।

# 'ବିକାଶର ଧାରା ଓଡ଼ିଶା ସାରା' ଉତ୍ସବ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

ନୀଳଗିରି, ୨୭/୦୬ (ଜେଏନ୍ଏସ୍) : ଅଦ୍ୟ ଅପରାହ୍ନ ସାଢେ ତିନି ଘଟିକା ସମୟରେ ନୀଳଗିରି ଏନ୍. ଏ. ସି.ଅନ୍ତର୍ଗତ ୫ ନମ୍ବର ୱାର୍ଡ ବରିସାହି ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିକାଶର ଧାରା ଓଡ଼ିଶା ସାରା' ଉତ୍ସବ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ବେହେରା, ଏନ୍.ଏ.ସି.କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନ୍.ଏ.ସି.କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପରେ ଜଗନ୍ନାଥଙ୍କ ନିକଟରେ ପୁଷ୍ପା ର୍ଘ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ




ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଏନ୍. ଏ.ସି.କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ପୌରୋହିତ୍ୟ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ ।ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକର କାର୍ଯ୍ୟ ତଥା ଜନ କଲ୍ୟାଣ,ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ କି,ସରକାରଙ୍କ ସୁଶାସନ ଫଳରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବିକାଶ ପହଞ୍ଚାଇବା ପାଇଁ ଏ ସରକାର ପ୍ରତିଶ୍ରୁତିବୋଦ୍ଧ ।ନିଜ ଅଞ୍ଚଳର ବିକାଶ ଅଭିବୃଦ୍ଧି ପାଇଁ ନିଜକୁ ଉତ୍ସର୍ଗ ଏବଂ ଉତ୍ତରଦାୟୀ ଧାରାବାହିକ ଭାବେ ନିରନ୍ତର ବିକାଶ ଜାରି ରଖିଛି ବୋଲି କହିଥିଲେ । ନିଜ ଅଞ୍ଚଳର ଚାଷୀ ହୁଅନ୍ତୁ ବା ଜଣେ ଗରିବ ଅସହାୟ ବ୍ୟକ୍ତି ସମସ୍ତଙ୍କ ନିକଟରେ ସରକାରଙ୍କ ଯୋଜନାର ସୁଫଳ ପାଇବେ । ଏହି କ୍ରମରେ ନୀଳଗିରି ଏନ୍. ଏ.ସି.ରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରାରମ୍ଭିକ ସ୍ତରରେ ପ୍ରାପ୍ତ ୨ କୋଟି ରାଶିରେ ୧୦୦୦ସିଟ୍ ର ଟାଉନ ହଲ, ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଇ. ଟି. ଆଇ.ସ୍କୁଲ ୨୦ କୋଟି ବ୍ୟୟରେ, ଫୁଟବଲ ଖେଳାଳୀ ମାନଙ୍କ ପାଇଁ ସଜନାଗଡ଼ ଠାରେ ୧୩କୋଟି ଅର୍ଥ ରାଶିରେ ଛାତ୍ରାବାସ ଓ ପ୍ରଶିକ୍ଷଣ କେନ୍ଦ୍ର,ଜାମୁଡ଼ିହା ଠାରେ ଶିକ୍ଷା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ୨୦ ଏକର ଜମିରେ, ବଣଭୂଇଁ ଠାରେ ୩୦ କୋଟି କର୍ମଜୀବୀ ମହିଳା,ବୃଦ୍ଧାଶ୍ରମ ସହ ଛେଉଣ୍ଡ ପିଲା ମାନଙ୍କ ପାଇଁ ସ୍ଥାନ ନିରୂପଣ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏତଦ୍ ଭିନ୍ନ ମୁଖ୍ୟ ଅତିଥି ସମେତ ବରେଣ୍ୟ ଅତିଥି ଗଣ ୧୮୪ ଜନ ବାଟ ବିକାଳୀଙ୍କୁ ଚିହ୍ନଟ କରି ପି. ଏମ.ସୁନିଧି ଯୋଜନାରେ ହିତାଧିକାରୀଙ୍କୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ, ଏକ୍ସିସ ବ୍ୟାଙ୍କ୍ ଜରିଆରେ ଋଣ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ, ପି. ଏମ. ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ବ୍ୟବସାୟ ଲାଇସେନ୍ସ ସହ ସ୍ୱୟଂ ସହାୟକ ଗୋଷ୍ଠୀ, ସହଯୋଗୀ, ସ୍ୱଚ୍ଛ ସାଥୀ, ବ୍ୟାଟେରୀ ଚାଳିତ ଗାଡି ଚାଳକ, ବି.ଏଲ.ଓ. ସୁପର ଭାଇଜୋର୍ ଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ପରେ ପରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମକୁ ଆଭାସୀ କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟା/ସଦସ୍ୟ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା, ନୀଳଗିରି ଏନ୍. ଏ.ସି.ର କର୍ମକର୍ତ୍ତା, ଗଣ ମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ଯୋଗ ଦେଇ ଥିଲେ ।

# ଏକାଦଶୀ : ହିନ୍ଦୁ ଧର୍ମରେ ଏହାର ମହତ୍ତ୍ୱ ଓ ବୈଜ୍ଞାନିକ ଭିତ୍ତି



ଅଭିଷେକ ଯୋଶୀ

ଏକାଦଶୀ ସନାତନ ହିନ୍ଦୁ ଧର୍ମର ଗୋଟିଏ ପବିତ୍ର ବ୍ରତ-ତିଥି। ଚନ୍ଦ୍ର ମାସ ଅନୁସାରେ ପ୍ରତିମାସ ଦୁଇଟି ଏକାଦଶୀ ପଡ଼େ—ଗୋଟିଏ କୃଷ୍ଣ ପକ୍ଷରେ ଓ ଅନ୍ୟଟି ଶୁକ୍ଳପକ୍ଷରେ, ଫଳରେ ବର୍ଷକୁ ସାଧାରଣତଃ ୨୪ଟି ଏକାଦଶୀ ହୁଏ । ଏହି ବ୍ରତକୁ ଭକ୍ତି, ସଂଯମ, ଶୁଦ୍ଧତା, ଓ ଆତ୍ମ ନିୟନ୍ତ୍ରଣର ପ୍ରତୀକ ବୋଲି ଦେଖାଯାଏ । ହିନ୍ଦୁ ପରମ୍ପରାରେ ଏକାଦଶୀ କେବଳ ଉପବାସର ଦିନ ନୁହେଁ, ଏହା ଜୀବନକୁ ଅନୁଶାସନ, ମନକୁ ସଂଯମ, ଓ ଆତ୍ମାକୁ ଶୁଦ୍ଧ କରିବାର ଏକ ଉତ୍ତମ ପଦ୍ଧତି । ଧାର୍ମିକ ଦୃଷ୍ଟିରୁ ଏକାଦଶୀ ବ୍ରତର ସବୁଠାରୁ ବଡ଼ ମହତ୍ୱ ହେଉଛି ଭଗବାନ ବିଷ୍ଣୁଙ୍କ ପ୍ରୀତି ଲାଭ। ଅନେକ ପୁରାଣ ଓ ବ୍ରତକଥାରେ ଏହି ତିଥିକୁ ବିଷ୍ଣୁ ଭକ୍ତିର ସର୍ବୋତ୍କୃଷ୍ଟ ଦିନ ବୋଲି କୁହାଯାଇଛି । ଭକ୍ତମାନେ ଏହି ଦିନ ଉପବାସ, ପୂଜା, ମନ୍ତ୍ରଜପ, ହରିନାମ ସଂକୀର୍ତ୍ତନ, ଓ ଦାନ-ପୁଣ୍ୟ କରି ନିଜ ଜୀବନକୁ ପବିତ୍ର କରିବାକୁ ଚେଷ୍ଟା କରନ୍ତି । ପରମ୍ପରା ଅନୁସାରେ, ଏକାଦଶୀ ବ୍ରତ ପାଳନ କଲେ ପାପକ୍ଷୟ ହୁଏ, ମନର ଅଶୁଦ୍ଧତା ଦୂର ହୁଏ, ଓ ମୋକ୍ଷମାର୍ଗ ସୁଗମ ହୁଏ । ମୋକ୍ଷଦା ଏକାଦଶୀ ପରି କେତେକ ଏକାଦଶୀର ନାମ ନିଜେ ତାହାର ଆଧ୍ୟାତ୍ମିକ ଲକ୍ଷ୍ୟକୁ ପ୍ରକାଶ କରେ—ମୋକ୍ଷ ଦେବା, ଦୁଃଖ ଦୂର କରିବା, ଓ ପିତୃଉଦ୍ଧାର ସହିତ ଯୋଡ଼ିତ ଥିବା ।

ଏକାଦଶୀ ତିଥିକୁ ନିୟମିତ ଆଚରଣ, ଉପବାସ, ଓ ଆତ୍ମ ନିୟନ୍ତ୍ରଣର ଏକ ସୁନ୍ଦର ସମ୍ମିଳନ ବୋଲି ବିବେଚନା କରାଯାଏ। ଏହି ଦିନ ଅନେକ ଭକ୍ତ ଅନ୍ନ ତ୍ୟାଗ କରନ୍ତି, କେହି ଫଳାହାର କରନ୍ତି, କେହି ନିର୍ଜଳ ରହନ୍ତି, ଆଉ କେହି ଧାର୍ମିକ ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ସାତ୍ତ୍ୱିକ ଆହାର ଗ୍ରହଣ କରନ୍ତି । ଏହାର ମୂଳ ଲକ୍ଷ୍ୟ ହେଉଛି ଭୋଗ ବାସନାକୁ କମାଇ ଭଗବତ୍‌ଚିନ୍ତନକୁ ବଢ଼ାଇବା । ଭକ୍ତି ମାର୍ଗରେ ଏକାଦଶୀକୁ ଏକ ଏମିତି ଦିନ ଭାବେ ଦେଖାଯାଏ ଯେଉଁଥିରେ ସାଧାରଣ ଖାଦ୍ୟାଭ୍ୟାସ ଉପରେ ନିୟନ୍ତ୍ରଣ ରଖି ମନକୁ ପ୍ରାର୍ଥନା, ପାଠ, ଓ ସାଧନାରେ କେନ୍ଦ୍ରିତ କରାଯାଏ । ଏହା ଆତ୍ମ ଶିକ୍ଷାର ଏକ ପ୍ରାକ୍ଟିକାଲ୍ ରୂପ, ଯାହା ଦ୍ୱାରା ମନୁଷ୍ୟ ନିଜ ଇଚ୍ଛାଶକ୍ତି କୁ ମଜବୁତ କରେ ।

ବର୍ଷର ୨୪ଟି ଏକାଦଶୀ ମଧ୍ୟରେ କେତେକର ମହତ୍ୱ ବିଶେଷ ଭାବରେ ପ୍ରସିଦ୍ଧ। ଉଦାହରଣ ସ୍ୱରୂପ, ଉତ୍ପନ୍ନା ଏକାଦଶୀକୁ ଏକାଦଶୀ ବ୍ରତର ଆରମ୍ଭ ସହ ଯୋଡ଼ାଯାଇଥାଏ । ମୋକ୍ଷଦା ଏକାଦଶୀ ମୋକ୍ଷପ୍ରଦାୟିନୀ ଭାବରେ ପରିଚିତ । ସଫଳା ଏକାଦଶୀ, ପୁତ୍ରଦା ଏକାଦଶୀ, ଷଟ୍‌ତିଳା ଏକାଦଶୀ, ଓ ନିର୍ଜଳା ଏକାଦଶୀ ମଧ୍ୟ ଭକ୍ତମାନଙ୍କ ପାଖରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ( ଏହି ମାସ ଜୁନ୍ ୨୫ ତାରିଖ ରେ ନିର୍ଜଳା ଏକାଦଶୀ ଥିଲା )। ନିର୍ଜଳା ଏକାଦଶୀକୁ ବିଶେଷ କଠୋର ବ୍ରତ ଭାବେ ଗଣାଯାଏ, କାରଣ ଏହି ଦିନ ଜଳ ମଧ୍ୟ ତ୍ୟାଗ କରାଯାଏ । ଶାସ୍ତ୍ରୀୟ ଭାବେ ଏହାକୁ ସବୁଠାରୁ ପୁଣ୍ୟଦାୟୀ ଏକାଦଶୀମାନଙ୍କ ମଧ୍ୟରୁ ଗୋଟିଏ ଭାବେ ଦେଖାଯାଏ । ଏହାର ପଛରେ ଅଛି ତୀବ୍ର ସଂଯମ, ଅନୁଶାସନ, ଓ ଦେବୋପାସନାର ଭାବନା ।

ଏକାଦଶୀ ଦିନ ସକାଳେ ସ୍ନାନ କରି ସାତ୍ତ୍ୱିକ ପରିବେଶରେ ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ। ତୁଳସୀ ପତ୍ର, ଫୁଲ, ଧୂପ, ଦୀପ, ଓ ଫଳ ଅର୍ପଣ କରାଯାଏ। ଅନେକ ଭକ୍ତ ଏହି ଦିନ ଭାଗବତ ପାଠ, ବିଷ୍ଣୁ ସହସ୍ରନାମ, ହରେକୃଷ୍ଣ ଜପ, କିମ୍ବା ଏକାଦଶୀ ମାହାତ୍ମ୍ୟ ପାଠ କରନ୍ତି । ସନ୍ଧ୍ୟାରେ ମନ, ବଚନ, କାୟା—ତିନୋଟିକୁ ଶୁଦ୍ଧ ରଖିବାର ପ୍ରୟାସ ହୁଏ ।

ଏକାଦଶୀର ପାରଣ, ଅର୍ଥାତ ବ୍ରତ ଭଙ୍ଗ, ନିର୍ଦ୍ଦିଷ୍ଟ ସମୟରେ କରାଯିବା ଉଚିତ। ଏହାକୁ ନିୟମ ମାନ୍ୟ କରିବା ଦ୍ୱାରା ବ୍ରତର ଫଳ ପୂର୍ଣ୍ଣ ବୋଲି ଧାରଣା କରାଯାଏ । ଏହି ପୂର୍ଣ୍ଣ ଅନୁଶାସନ ହିଁ ଏକାଦଶୀକୁ ସାଧାରଣ ଉପବାସରୁ ବିଶେଷ କରେ।

ବୈଜ୍ଞାନିକ ଭାବରେ ଏକାଦଶୀ ଉପବାସକୁ ଆହାର-ନିୟନ୍ତ୍ରଣ ଓ ଶାରୀରିକ ସନ୍ତୁଳନର ଏକ ପ୍ରାଚୀନ ପଦ୍ଧତି ଭାବେ ବୁଝା ଯାଇପାରେ। ନିୟମିତ ଭାବେ ଉପବାସ କରିଲେ ପାଚନ ତନ୍ତ୍ର କିଛି ସମୟ ବିଶ୍ରାମ ପାଏ, ଯାହା ଶରୀରକୁ ହାଲୁକା ଅନୁଭବ କରାଇପାରେ । ଏହା ଖାଦ୍ୟ ଶୃଙ୍ଖଳା, ଭୋଜନ ନିୟନ୍ତ୍ରଣ, ଓ ଅନାବଶ୍ୟକ ଖାଦ୍ୟ ଆସକ୍ତି କମାଇବାରେ ମଧ୍ୟ ସାହାଯ୍ୟ କରେ । ଉପବାସ ସମୟରେ ମନ ଭୋଜନ ରୁ ହଟି ପ୍ରାର୍ଥନା, ଧ୍ୟାନ, କିମ୍ବା ପାଠରେ ଲାଗିଥାଏ। ଏହା ମାନସିକ ସଂଯମ, ଏକାଗ୍ରତା, ଓ ଚିନ୍ତା ନିୟନ୍ତ୍ରଣ କରିଥାଏ । ଏଥିରୁ ମନୁଷ୍ୟ ଶରୀର ଓ ମନ ଦୁଇଟିକୁ ଏକାସାଙ୍ଗେ ଅନୁଶାସିତ କରିବାର ସୁଯୋଗ ପାଏ। ଅନ୍ୟ ଦିଗରୁ, ନିର୍ଦ୍ଦିଷ୍ଟ ଦିନରେ ନିୟମିତ ଉପବାସ ରଖିବା ଦ୍ୱାରା ସ୍ୱ-ନିୟନ୍ତ୍ରଣ ଶକ୍ତି ବୃଦ୍ଧି ପାଏ। ଏହା ଆଧୁନିକ ମନୋବିଜ୍ଞାନର ସ୍ୱରକ୍ଷଲ-ୟସଙ୍ଗମସକ୍ତକ୍ଷସଭର ମକ୍ଟଭମରକ୍ତସ୍ବ ସହ ମେଳ ଖାଉଛି । ତେଣୁ ଏକାଦଶୀକୁ କେବଳ ଧର୍ମୀୟ ଆଚାର ନୁହେଁ, ଏକ ସ୍ୱାସ୍ଥ୍ୟକର ଜୀବନଶୈଳୀର ଅଂଶ ଭାବରେ ମଧ୍ୟ ଦେଖାଯାଇପାରେ ।

ଏକାଦଶୀ ଦିନରେ ଅନେକେ ଅନ୍ନ, ଡାଲି, ଓ କେତେକ ଶସ୍ୟଜାତ ଖାଦ୍ୟ ପରିହାର କରନ୍ତି । କିଛି ଲୋକ ଫଳ, ଦୁଧ, ସାଗୁ, , ସବୁଦାନା, କଦଳୀ, କିମ୍ବା ସାତ୍ତ୍ୱିକ ଲଘୁ ଆହାର ନେଇଥାନ୍ତି। ଧାର୍ମିକ ପରମ୍ପରାରେ ଭାତ ନଖାଇବା, ତୁଳସୀ ତୋଳି ନଖାଇବା, ଏବଂ ଅଶୁଦ୍ଧ ଆଚରଣରୁ ଦୂରେ ରହିବାକୁ କୁହାଯାଏ । ଏକାଦଶୀର ସାର ଅର୍ଥ କେବଳ ଖାଦ୍ୟ ଛାଡ଼ିବା ନୁହେଁ, ବରଂ ଇଚ୍ଛା, କ୍ରୋଧ, ଲୋଭ, ଓ ଅହଙ୍କାର ଉପରେ ସଂଯମ ରଖିବା।

ଏକାଦଶୀ ଭକ୍ତମାନଙ୍କ ମଧ୍ୟରେ ସାମୂହିକ ଭକ୍ତିଭାବ, ଏକତା, ଓ ଶୃଙ୍ଖଳାର ଭାବ ଗଢ଼ି ତୋଳେ। ଏହି ଦିନ ମନ୍ଦିର, ଆଶ୍ରମ, ଓ ଭକ୍ତିମଞ୍ଚରେ ବିଶେଷ କାର୍ଯ୍ୟକ୍ରମ ହୁଏ । ଭଜନ, କୀର୍ତ୍ତନ, ସତସଙ୍ଗ, ଓ ବ୍ରତକଥା ଶୁଣିବା ମାଧ୍ୟମରେ ଧାର୍ମିକ ସଂସ୍କାର ମଜବୁତ ହୁଏ ।ଏହା ସହିତ ଏକାଦଶୀ ଦାନ ଧର୍ମର ମଧ୍ୟ ଦିନ। ଗରିବ, ଆବଶ୍ୟକାତ୍ମକ, ଓ ସେବାମୂଳକ କାର୍ଯ୍ୟରେ ଯେତେ ଭାଗ ନିଆଯାଏ, ସେତେ ଏହି ବ୍ରତର ଆତ୍ମା ସାର୍ଥକ ହୁଏ । ତେଣୁ ଏକାଦଶୀ ଆଚାର କେବଳ ବ୍ୟକ୍ତିଗତ ନୁହେଁ, ସମାଜମୁଖୀ ମଧ୍ୟ ।

ସାରକଥା, ଏକାଦଶୀ ହିନ୍ଦୁ ଧର୍ମରେ ଭକ୍ତି, ପବିତ୍ରତା, ଅନୁଶାସନ, ଓ ମୋକ୍ଷ ମାର୍ଗର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ରତ । ଧାର୍ମିକ ଭାବେ ଏହା ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରେ, ଆଧ୍ୟାତ୍ମିକ ଭାବେ ମନକୁ ପବିତ୍ର କରେ, ଓ ସାମାଜିକ ଭାବେ ସଂଯମ ଓ ସେବା ଭାବକୁ ବଢ଼ାଇଥାଏ । ବୈଜ୍ଞାନିକ ଭିତ୍ତିରୁ ଏହା ଆହାର-ଶିଷ୍ଟାଚାର, ପାଚନ ବିଶ୍ରାମ, ଓ ମାନସିକ ସଂଯମ ଏକ ଉପକାରୀ ପ୍ରକ୍ରିୟା । ସେହିପରି, ଏକାଦଶୀ ହେଉଛି ଧର୍ମ ଓ ସ୍ୱାସ୍ଥ୍ୟ—ଦୁଇଟିକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ପବିତ୍ର ପରମ୍ପରା।

**ମୁଖ୍ୟ ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା**

# ହଷ୍ଟେଲରେ ପିଏନ୍‌ଜି ସଂଯୋଗ ପାଇଁ ନିର୍ଦ୍ଦେଶ




ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ପିଏନ୍‌ଜି ସଂଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଲପିଜି ଯୋଗାଣ ସମସ୍ୟା ଓ ସଂକଟ ଯୋଗୁଁ ଯେପରି ହଷ୍ଟେଲରେ ରୋଷେଇ ବାଧାପ୍ରାପ୍ତ ନହେବ, ସେଥିପାଇଁ ବିଭାଗ ଏହି ପଦକ୍ଷେପ ନେଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ପିଏନଜି ସଂଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଲପିଜି ଯୋଗାଣ ଜନିତ ସମସ୍ୟା ଯୋଗୁ ଯେପରି ହଷ୍ଟେଲରେ ରୋଷେଇ ବାଧାପ୍ରାପ୍ତ ନହେବ, ସେଥିପାଇଁ ବିଭାଗ ଏହି ପଦକ୍ଷେପ ନେଇଛି। ଏନେଇ ଗୁରୁବାର ବିଭାଗ ପକ୍ଷରୁ ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର ଓ ସମ୍ବଲପୁରରେ ଅବସ୍ଥାପିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି। ଏହି ଚିଠିରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନଙ୍କ ପ୍ରଶାସନିକ କ୍ଷେତ୍ରାଧିକାରରେ ଥିବା ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଏଲ୍‌ପିଜି ଯୋଗାଣ ସଙ୍କଟ ସଂପର୍କରେ ଅବଗତ କରାଇବେ। ଏଭଳି ସମସ୍ୟା ସଂପର୍କରେ ସୂଚନା ପ୍ରଦାନ ପାଇଁ ଏକ ବିଭାଗୀୟ ହେଲ୍‌ପଲାଇନ ନମ୍ବର ଜାରି କରିବେ। ଏଲପିଜି ଯୋଗାଣ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦାରଖ ଏବଂ ସମୟାନୁସାରେ ସମାଧାନ ସୁନିଶ୍ଚିତ କରିବେ। ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଏଲପିଜି ସଂଯୋଗ କରିବାକୁ ନିର୍ଦ୍ଦେଶ ଦେବାକୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ କୁହାଯାଇଛି। ଏହା ସହିତ ଯେଉଁଠାରେ ପିଏନ୍‌ଜି ସଂଯୋଗ ପାଇଁ ଭିତ୍ତିଭୂମି ରହିଛି, ସେଠାରେ ତୁରନ୍ତ ପିଏନ୍‌ଜି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବାକୁ ବିଭାଗ ପକ୍ଷରୁ ସେମାନଙ୍କୁ କୁହାଯାଇଛି। ଏହି ସମସ୍ତ ନିର୍ଦ୍ଦେଶ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂପର୍କରେ ଜୁନ୍ ୩୦ ସୁଦ୍ଧା ରିପୋର୍ଟ ଦେବା ପାଇଁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ କୁହାଯାଇଛି।

# ଗଞ୍ଜେଇ ଚାଲାଣ କରି ୩ ଶିକ୍ଷକ ଗିରଫ

ଭୁବନେଶ୍ୱର, ୨୭/୦୬ (ଜେଏନ୍‌ଏସ୍) : ଗଞ୍ଜେଇ ଚାଲାଣ କରି ଗିରଫ ହୋଇଛନ୍ତି ୩ ଜଣ ଶିକ୍ଷକ। ଦୁଇ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଧରିଛି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ । ଅବକାରୀ ବିଭାଗ ଦ୍ୱାରା ଗିରଫ ଶିକ୍ଷକ ଦ୍ୱୟ ହେଉଛନ୍ତି କିଶୋର କୁମ୍ଭାର ଓ ଜିତୁ ସାହୁ। ସେମାନଙ୍କ ସହିତ ଆଉ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ସଞ୍ଜୟ ବାଗ। ଏହି ତିନି ଜଣଙ୍କ ଘର କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅଞ୍ଚଳରେ। ଆଜି ଭୋରରେ ଏହି ତିନି ଜଣ ଏକ କାରରେ କଳାହାଣ୍ଡିରୁ ବଲାଙ୍ଗିରକୁ ଗଞ୍ଜେଇ ଚାଲାଣ କରୁଥିଲେ। ସେମାନେ ୨୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ବରଗାଁ ଛକରେ ମାଡି ବସିଥିଲେ ଟିଟିଲାଗଡ଼ ଓ ତୁଷୁରା ଅବକାରୀ ବିଭାଗ କର୍ମଚାରୀ। ସେମାନଙ୍କ ଗାଡ଼ିରୁ ୩୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ତିନି ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟକୁ ଧରିଛି କ୍ରାଇମବ୍ରାଞ୍ଚ । ଏହାର କିଙ୍ଗପିନ୍ ହେଉଛନ୍ତି ଦୁର୍ବାଶା ନାୟକ। ସେ ମଧ୍ୟ ଜଣେ ଶିକ୍ଷକ। ତାଙ୍କ ସହିତ ଆହୁରି ୩ ଜଣଙ୍କୁ ଗିରଫ କରାଯାଇଥିବା ଆଜି ଏକ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଗତ ୨୪ ତାରିଖରେ କଟକର ଆଠଗଡ଼ ନିକଟରୁ ୧୯୦ କେଜି ଗଞ୍ଜେଇ ଜବତ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ନିକଟରୁ ଏକ ୧୦ ଟଙ୍କିଆ ନୋଟ୍‌ର ଅଧା ଅଂଶ ଜବତ କରାଯାଇଥିଲା। ବାକି ଅଧା ଅଂଶ ଦେଖାଇବା ବ୍ୟକ୍ତିଙ୍କୁ ଗଞ୍ଜେଇ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଥିଲା। ଆଜି ଗିରଫ ୪ ଅଭିଯୁକ୍ତଙ୍କ ନିକଟରୁ ସେହି ଅଧା ଚିରା ୧୦ ଟଙ୍କିଆ ନୋଟ୍ ଜବତ କରାଯାଇଛି। ଜବତ ଅଧା ଚିରା ୧୦ ଟଙ୍କିଆ ନୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି। ସେ କହିଛନ୍ତି ଯେ କିଙ୍ଗପିନ୍ ଦୁର୍ବାଶା ନାୟକ ଜଣେ ଶିକ୍ଷକ। କିନ୍ତୁ ସେ ଗଞ୍ଜେଇ ଚାଲାଣରେ ସକ୍ରିୟ ଥିଲେ। ଗିରଫ ୪ ଜଣଙ୍କ ନାଁରେ ପୂର୍ବରୁ ମାମଲା ଅଛି। ସେମାନଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଗକୁ ପଞ୍ଚାୟତ...

ଦୃଷ୍ଟିରୁ ରାଜ୍ୟ ସାରା ବୁଲିବା ସମ୍ଭବ ନଥିବାରୁ ଏକ ପ୍ରକାର ସୁଜତା ଦାୟିତ୍ୱ ନେଇ ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଲକ୍ଷ ରଖିଛନ୍ତି। ଆସନ୍ତା ଅକ୍ଟୋବର ମାସ ପୂର୍ବରୁ ସୁଜତାଙ୍କୁ ଆଗକୁ ଆଣି ରାଜନୈତିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବିଜେଡିର ଆଭିମୂଖ୍ୟ ରଖିଛି। ପ୍ରତିଦିନ ସାମାଜିକ ଗଣମାଧ୍ୟମରେ ସୁଜାତା ଓ ପାଣ୍ଡିଆନଙ୍କ ସପକ୍ଷରେ ଯେଉଁ ପୋଷ୍ଟ ହେଉଛି ତାହା ଲୋକଙ୍କ କିଭଳି ପ୍ରତିକ୍ରିୟା ଆସୁଛି ଦଳ ତାକୁ ଅନୁଧାନ କରୁଛି। ୨୦୨୨ ଫେବୃଆରୀ ମାସରେ ଓଡ଼ିଶାରେ ଶେଷ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଶାସକ ବିଜୁ ଜନତା ଦଳ ଐତିହାସିକ ସଫଳତା ହାସଲ କରି ସମସ୍ତ ୩୦ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଗଠନ କରିଥିଲା । ଓଡ଼ିଶାର ମୋଟ ୮୫୨ଟି ଜିଲ୍ଲା ପରିଷଦ ଆସନରୁ ବିଜୁ ଜନତା ଦଳ ୭୬୬ ଟି ଆସନ, ଭାରତୀୟ ଜନତା ପାର୍ଟି ୪୨ ଟି ଆସନ, ଭାରତୀୟ ଜାତୀୟ କଂଗ୍ରେସ ୩୭ ଟି ଆସନ, ସ୍ୱାଧୀନ ଓ ଅନ୍ୟାନ୍ୟ ୭ ଟି ଆସନ ଜିତିଥିଲା। ବିଜେଡି ପ୍ରାୟ ୯୦% ଜିଲ୍ଲା ପରିଷଦ ଆସନ ଜିତି ନିଜର ପୁରୁଣା ସମସ୍ତ ରେକର୍ଡ ଭାଙ୍ଗି ଏକଚଟିଆ ବିଜୟ ଲାଭ କରିଥିଲା । ୨୦୧୭ ନିର୍ବାଚନରେ ୨୯୭ଟି ଆସନ ଜିତିଥିବା ବିଜେପି ମାତ୍ର ୪୨ଟି ଆସନରେ ସୀମିତ ରହି ପଛୁଆ ସ୍ଥିତିରେ ରହିଥିଲା । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବିଜେଡି ନିଜର ଜିଲ୍ଲା ପରିଷଦ ସଭାପତି ପଦ ହାସଲ କରିଥିଲା ।

ଗତ ଥର ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ ଜିଲ୍ଲା ପରିଷଦ ବିଜେଡିର ଯେତିକି ଜିତିଥିଲା ସେତିକି ହାସଲ କରିବ କି ନାହିଁ ଦ୍ୱନ୍ଦରେ ରହିଛି। ସେହିଭଳି କଂଗ୍ରେସ ନିଜ ଦଳର ଅସ୍ତିତ୍ୱ ଓ ଭବିଷ୍ୟତ ପାଇଁ ପିସିସ ସଭାପତି ଭକ୍ତ ଚରଣ ଦାସ ବ୍ଲକ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ନୂତନ ନେତୃତ୍ୱ ସୃଷ୍ଟି କରିବା ପାଇଁ ତାଲିକା ପ୍ରସ୍ତୁତ କରିଛନ୍ତି। କଂଗ୍ରେସ ଦଳ ଭିତରେ ଏକତା ନଥିଲେ ବି ବିଜେଡି ଦୁର୍ବଳ ହେବା ପରେ କଂଗ୍ରେସ ଲୋକଙ୍କ ପାଖରେ କିଭଳି ବିକଳ୍ପ ହୋଇପାରିବ ଦଳର ତୁଙ୍ଗ ନେତାମାନଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳର ବିକାଶ ଓ ସରକାରୀ ଯୋଜନା କିଭଳି ଦିଗହରା ହୋଇଛି ତାହା ଲୋକଙ୍କ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରି ଜନତାଙ୍କ ଦୃଷ୍ଟି ଆକର୍ଷଣ କରୁଛି। ପଞ୍ଚାୟତ ନିର୍ବାଚନରେ ଦଳକୁ କିଭଳି ସଫଳତା ମିଳିବ ସେଥି ପାଇଁ ସରକାରଙ୍କ ତ୍ରୁଟିକୁ ଲୋକଙ୍କ ଦୃଷ୍ଟିକୁ ଆଣୁଛି। କଂଗ୍ରେସ ମହିଳାଙ୍କୁ ତାଙ୍କ ଅଧିକାର ଓ ସୁରକ୍ଷା ଏବଂ ଆର୍ଥିକ ସମୃଦ୍ଧି ଯୋଜନାରେ ସାମିଲ କରିବା ପାଇଁ ମୁଦ୍ଦା ରଖିଛି। ଚାଷୀମାନଙ୍କ ଧାନର ଅଭାବି ବିକ୍ରି ଓ ବୁଢା ବୁଢୀଙ୍କ ଭତ୍ତା ବୃଦ୍ଧି ସହିତ ନିୟମିତ ପ୍ରତିମାସରେ ଯେଭଳି ମିଳିବ ସେଥି ପାଇଁ ଲୋକଙ୍କ ନିକଟକୁ ଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଓଡିଶା ଜନତା କଗ୍ରେସ ପାର୍ଟିର ରାଜ୍ୟ ସଭାପତି ମହମ୍ମଦ ମୋକିମ୍ ତାଙ୍କ ଦଳ ପଞ୍ଚାୟତ ନିର୍ବାଚନରେ ଭାଗ ନେବ ବୋଲି ସୁଚନା ଦେଇଛନ୍ତି। ବିଶେଷ କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ତାଙ୍କ ଦଳର ଆଭିମୂଖ୍ୟ ରହିଛି। ତା ଛଡା ଆଇନଶୃଙ୍ଖଳା, ନାରୀଙ୍କ ସୁରକ୍ଷା ପ୍ରତି ତାଙ୍କ ଦଳ ପ୍ରାଧାନ୍ୟ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି।

ଶାସକ ଦଳ ବିଜେପି ପଞ୍ଚାୟତ ସ୍ତରରେ ନିଜ ପତିଆରା ରଖିବା ପାଇଁ ସୁଭଦ୍ରା ଯୋଜନାକୁ ଅସ୍ତ୍ର କରିଛି। ପଞ୍ଚାୟତ ସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ସରକାରୀ ଦଳର ସଫଳତାର ବାର୍ତ୍ତା ହୋଇଥିବା ବେଳେ ବୁଢ଼ାବୁଢୀମାନେ ଭତ୍ତା ପାଇବା ବିଳମ୍ବ ଯୋଗୁ ମୋହନ ସରକାରଙ୍କ ଉପରେ ଅସନ୍ତୁଷ୍ଟ ହୋଇପଡିଛନ୍ତି। ଶାସନର ବିଫଳତା ଯୋଗୁଁ ସାଧାରଣ ଲୋକ ବିଜେପିକୁ ଭୋଟ ଦେଇ ପସ୍ତାଇବାକୁ ପଡ଼ିଛି ବୋଲି ଖୋଲା ଖୋଲି ମତବ୍ୟକ୍ତ କରୁଛନ୍ତି। ବିଜେଡିର ଅନେକ ବ୍ଲକ ଅଧକ୍ଷ ଓ ଜିଲ୍ଲା ପରିଷଦ ଏବଂ ସମର୍ଥିତ ସରପଞ୍ଚଙ୍କୁ ଶାସକ ବିଜେପି ନିଜ ଦଳରେ ସାମିଲ କରିଥିବାରୁ ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାରି ହେବାକୁ ଆଶା ବାନ୍ଧି ବସିଛି।

### ଏସ୍‌ଏସ୍‌ବି ଅଧ୍ୟାପକଙ୍କ...

ହେଲେ ରାଜ୍ୟର ହଜାର ହଜାର ଉଚ୍ଚ ଶିକ୍ଷିତ ଯୁବକ/ଯୁବତୀ ଉପକୃତ ହୋଇ ପାରିବେ ବୋଲି ସେ କହିଛନ୍ତି। ଯେଉଁ ଛାତ୍ରଛାତ୍ରୀ ମାଷ୍ଟର ଡିଗ୍ରୀ ଅନୁଯାୟୀ ୫୫ ପ୍ରତିଶତ ରଖିଛନ୍ତି ୟୁଜିସି ଗାଇଡ୍‌ଲାଇନ ଅନୁଯାୟୀ ସେମାନେ ପରୀକ୍ଷା ଦେବାର ସୁଯୋଗ ରହିଛି। ନିଟ୍, ପିଏଚ୍‌ଡି ତଥା ନେଟ୍ ଟେଷ୍ଟ ପରୀକ୍ଷା ଦେଇଥିଲେ ୟୁଜିସି ଗାଇଡଲାଇନ ଅନୁଯାୟୀ ସେମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବା ଆବଶ୍ୟକତା ରହିଛି। ଏହି ପରିପେକ୍ଷୀରେ ଏସ୍‌ଏସ୍‌ବି ଅଧ୍ୟାପକ ଆଶାୟୀ ମହାସଂଘ ସର୍ବସମ୍ମତି କ୍ରମେ ଆସନ୍ତା ୨୯ ଓ ୩୦ ତାରିଖରେ ଦୁଇ ଦିନିଆ ଗଣଧାରଣା କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ମାମଲାର ଶୁଣାଣୀ ଆସନ୍ତା ୩୦ ରିଖ ସୁଦ୍ଧା ଚୁଡାନ୍ତ ରାୟ ପ୍ରକାଶ କରାଯାଉ ବୋଲି ସଂଘ ଦାବି କରିଛି। ରାୟ ପ୍ରକାଶ ପାଇବାର ଏକ ମାସ ମଧ୍ୟରେ ଏସ୍‌ଏସ୍‌ବି ଅଧ୍ୟାପକ ପଦବୀ ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ସଂଘ ଦାବି କରିଛି। ମହାବିଦ୍ୟାଳୟ ଗୁଡିକରେ ଅତିଥି ଅଧ୍ୟାପକ ଓ ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି କରିବାକୁ ସଂଘର ଆଶାୟୀ ଅଧ୍ୟାପିକା ଡେଜିନା ସାହୁ, ଅମ୍ବିକା ସାମନ୍ତରାୟ ଓ ରାଜଲକ୍ଷ୍ମୀ ବଦ୍ରା ଦାବ କରିଛନ୍ତି।

### ଚନ୍ଦ୍ରିକା ହେମ୍ବ୍ରମ...

ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲା ରୁଜୁ କରିଥିଲା। ବର୍ତ୍ତମାନ ତଦନ୍ତ ପରେ ତାଙ୍କ ବିରୋଧରେ ବିଏନଏସ୍ ଧାରା-୬୯ ଲଗାଯାଇଛି, ଯାହା ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଅପରାଧ ପାଇଁ ଉଦ୍ଦିଷ୍ଟ। ବାରଙ୍ଗ ପୋଲିସ ଏବଂ ଏସିପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଭୀମସେନଙ୍କୁ ୨ ଦିନିଆ ପୋଲିସ ରିମାଣ୍ଡରେ ନେଇ ଘନଘନ ଜେରା କରି ସାରିଛି। ଏହି ସମୟରେ ଚନ୍ଦ୍ରିକାଙ୍କୁ ମାନସିକ ନିର୍ଯାତନା ଦେବା ଏବଂ ବିବାହ ପାଇଁ ମନା କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱୀକାରୋକ୍ତି ପୋଲିସ ରେକର୍ଡ କରିଛି। କଟକ ଡିସିପିଙ୍କ ସୂଚନା ଅନୁଯାୟୀ, ପୋଲିସ ଚନ୍ଦ୍ରିକା ଏବଂ ଭୀମସେନଙ୍କ ମୋବାଇଲ୍, ଲାପଟପ୍, ଡାଏରୀ, ଏବଂ ହ୍ୱାଟସ୍‌ଆପ୍ ଚାଟିଂ ରିକଭରି କରି ବୈଜ୍ଞାନିକ ପ୍ରମାଣ ଭାବେ ଜବତ କରିଛି। ଏହା ସହିତ ଭୁବନେଶ୍ୱରରୁ କଟକ ତ୍ରିଶୂଳିଆ ବ୍ରିଜ୍ ପର୍ଯ୍ୟନ୍ତ ସମସ୍ତ ସିସିଟିଭି ଫୁଟେଜ୍ ଓ ଓଲା କାର୍ ଚାଳକଙ୍କ ବୟାନକୁ ମଧ୍ୟ ପ୍ରମାଣ ସ୍ୱରୂପ ଗ୍ରହଣ କରାଯାଇଛି। ପୋଲିସ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଏବଂ ପରିବାର ଲୋକଙ୍କ ବୟାନକୁ ଆଧାର କରି କୋର୍ଟରେ ଏକ ଶକ୍ତ ଚାର୍ଜସିଟ୍ ଦାଖଲ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ କରିଛି। ମାମଲାରେ ସଂପୃକ୍ତ ଥିବା ସନ୍ଦେହ କରାଯାଉଥିବା ଭୀମସେନଙ୍କ ଦ୍ୱିତୀୟ ବାନ୍ଧବୀ (ସ୍ୱାତୀ) ଙ୍କୁ ମଧ୍ୟ ପୋଲିସ ଖୁବଶୀଘ୍ର ନୋଟିସ୍ କରି ଜେରା କରିବ।

### ପବିତ୍ର ଦେବସ୍ନାନ...

ଶରଧାବାଲି ପର୍ଯ୍ୟନ୍ତ ଯାଇପାରିବ । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ସମସ୍ତ ଶ୍ରଦ୍ଧାଳୁ ଶ୍ରୀମନ୍ଦିରର ସିଂହଦ୍ୱାର (ପୂର୍ବ ଦ୍ୱାର) ଦେଇ ପ୍ରବେଶ କରିବେ ଏବଂ ଦର୍ଶନ ସାରି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ । ସେହିପରି ସ୍ନାନ ଯାତ୍ରା ପାଇଁ ପୁରୀରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭିଡ଼ ନିୟନ୍ତ୍ରଣ କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ଓ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତ ବର୍ଷ ପ୍ରାୟ ୩ ରୁ ୪ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଶ୍ରୀମନ୍ଦିର ଏବଂ ସମଗ୍ର ପୁରୀ ସହରରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ୭୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୫ ଜଣ ଏସପି /କମାଣ୍ଡାଣ୍ଟ, ୧୭ ଜଣ ଅତିରିକ୍ତ ଏସପି, ୩୦ ରୁ ୪୨ ଜଣ ଡିଏସପି ଏବଂ ପ୍ରାୟ ୩୪୦ରୁ ଅଧିକ ଏସଆଇ ଓ ଏଏସଆଇ ର୍‍ୟାଙ୍କର ଅଧିକାରୀ ନିୟୋଜିତ ଅଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ସ୍ୱତନ୍ତ୍ର କ୍ରାକ୍ ଟିମ୍ ଏବଂ କ୍ୱାଟ ପ୍ରସ୍ତୁତ ରହିବେ। ଭିଡ଼ ଭିତରେ ପକେଟମାର୍ ଏବଂ ଚେନ୍ ଲୁଟେରାଙ୍କୁ ଧରିବା ପାଇଁ ସାଧା ପୋଷାକଧାରୀ ପୋଲିସ ଏବଂ ସ୍ୱତନ୍ତ୍ର ସ୍କ୍ୱାଡ୍ ସକ୍ରିୟ ରହିବେ। ବଡ଼ଦାଣ୍ଡର ପ୍ରମୁଖ ଉଚ୍ଚ କୋଠାବାଡ଼ି ଉପରୁ ପୋଲିସ ଦ୍ୱାରା ବାଇନୋକୁଲାର ସାହାଯ୍ୟରେ ନଜର ରଖାଯିବ। ସୁରକ୍ଷାକୁ ଯାଞ୍ଚ କରିବା ପାଇଁ ଶ୍ରୀମନ୍ଦିର ଚାରିପାଖରେ ବାରମ୍ବାର ସେମାନଙ୍କ ଦ୍ୱାରା ସର୍ଚ୍ଚ କରାଯାଉଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ଏକମୁଖୀ ଧାଡ଼ି ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ସମୟରେ କୌଣସି ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କୁ ସ୍ପର୍ଶ କରିପାରିବେ ନାହିଁ, ଏଥିପାଇଁ କଡ଼ା କର୍ଡନ୍ ବ୍ୟବସ୍ଥା ରହିଛି। ସିଂହଦ୍ୱାର ସମୀପରେ ଓ ବଡ଼ଦାଣ୍ଡରେ ଲମ୍ବା ବ୍ୟାରିକେଡ୍ ନିର୍ମାଣ କରାଯାଇଛି, ଯାହା ଦ୍ୱାରା କାହାରିକୁ ଅସୁବିଧା ନହୋଇ ଧୀରେ ଧୀରେ ଦର୍ଶନ ପାଇଁ ଛଡ଼ାଯିବ। ସମଗ୍ର ବଡ଼ଦାଣ୍ଡ, ଶ୍ରୀମନ୍ଦିର ପରିସର ଏବଂ ସହରର ପ୍ରବେଶ ପଥରେ ୨୦୦ରୁ ଅଧିକ ଆଧୁନିକ ସିସିଟିଭି କ୍ୟାମେରା ଲଗାଯାଇଛି। ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର ମାଧ୍ୟମରେ ପୋଲିସ ରିଅଲ୍-ଟାଇମ୍ (ସିଧାସଳଖ) ଜନଗହଳି ଉପରେ ତୀକ୍ଷ୍ଣ ନଜର ରଖୁଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସହାୟତା କେନ୍ଦ୍ର ଖୋଲାଯାଇଛି, ଯେଉଁଠାରେ ହଜିଯାଇଥିବା ଲୋକଙ୍କ ସୂଚନା ଏବଂ ଡାକବାଜି ଯନ୍ତ୍ର ମାଧ୍ୟମରେ ସହାୟତା ପ୍ରଦାନ କରାଯିବ।

# ଓଡ଼ିଶା ପୋଲିସକୁ ମିଳିବ 'ପ୍ରେସିଡେଣ୍ଟସ୍ କଲର'
## ଜୁଲାଇ ୫ରେ ଗୃହମନ୍ତ୍ରୀ ଅମିତ ଶାହ ପ୍ରଦାନ କରିବେ ସମ୍ମାନ




ଭୁବନେଶ୍ୱର, ୨୭।୬: ଓଡ଼ିଶା ପୋଲିସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଆସିବାକୁ ଯାଉଛି। ଦେଶର ଅନ୍ୟତମ ସର୍ବୋଚ୍ଚ ପୋଲିସ ସମ୍ମାନ 'ପ୍ରେସିଡେଣ୍ଟସ୍ କଲର' ରେ ଓଡ଼ିଶା ପୋଲିସକୁ ସମ୍ମାନିତ କରାଯିବ। ଆସନ୍ତା ଜୁଲାଇ ୫ ତାରିଖରେ ଭୁବନେଶ୍ୱରସ୍ଥିତ ୭ମ ବାଟାଲିଅନ୍ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ସମ୍ମାନ ପ୍ରଦାନ କରିବେ। ଦୀର୍ଘ ବର୍ଷ ଧରି ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ବାମପନ୍ଥୀ ଉଗ୍ରବାଦ ମୁକାବିଲା, ବିପର୍ଯ୍ୟୟ ସମୟରେ ଜନସେବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଉଛି। 'ପ୍ରେସିଡେଣ୍ଟସ୍ କଲର' ହେଉଛି କୌଣସି ପୋଲିସ ବା ସଶସ୍ତ୍ର ବାହିନୀ ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ। ଦୀର୍ଘକାଳୀନ ନିଷ୍ଠାପୂର୍ଣ୍ଣ ସେବା, ବୃତ୍ତିଗତ ଦକ୍ଷତା, ଶୃଙ୍ଖଳା ଏବଂ ଜାତୀୟ ସେବାରେ ବିଶେଷ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଏ। ସମାରୋହରେ ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ବରିଷ୍ଠ ପୋଲିସ ଅଧିକାରୀ ଏବଂ ବିଭିନ୍ନ ବାହିନୀର ପ୍ରତିନିଧିମାନେ ଉପସ୍ଥିତ ରହିବେ। ଏହି ଅବସରରେ ଏକ ଭବ୍ୟ ପରେଡ୍‌ର ମଧ୍ୟ ଆୟୋଜନ କରାଯିବ। ଏହି ସମ୍ମାନ ମିଳିବା ପରେ ଓଡ଼ିଶା ପୋଲିସର ମନୋବଳ ଆହୁରି ବୃଦ୍ଧି ପାଇବା ସହ ଜନସେବା ଓ ଆଇନ-ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଅଧିକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ମିଳିବ ବୋଲି ଆଶା କରାଯାଉଛି।

# ଶକ୍ତି ଏ ସପ୍ତାହର

୨୮ ଜୁନ୍ - ୦୪ ଜୁଲାଇ'୨୦୨୬

**ମେଷ :** ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ ଏବଂ ପରିବାରରେ ସୁଖ-ଶାନ୍ତି ବଜାୟ ରହିବ। କର୍ମକ୍ଷେତ୍ରରେ କଠିନ ପରିଶ୍ରମର ସୁଫଳ ମିଳିବ। ଅଟକି ରହିଥିବା ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ଭଲ ରହିବ ।

**ବୃଷ :** ପରିବାରରୁ କୌଣସି ଶୁଭ ଖବର ମିଳିପାରେ, ଯାହା ଦ୍ୱାରା ଘରର ପରିବେଶ ଆନନ୍ଦମୟ ହେବ ।କ୍ୟାରିୟର ଓ ଆର୍ଥିକ: ବ୍ୟବସାୟ ଏବଂ ଚାକିରି କ୍ଷେତ୍ରରେ ନୂତନ ଏବଂ ଲାଭଦାୟକ ସୁଯୋଗ ମିଳିବ। ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ ।

**ମିଥୁନ :** ପରିବାର ଏବଂ ଜୀବନସାଥୀଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ପରସ୍ପର ପ୍ରତି ବିଶ୍ୱାସ ବଢ଼ିବ। ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ। ଶିକ୍ଷା ଓ ଚିକିତ୍ସା ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ଶାରୀରିକ ଏବଂ ମାନସିକ ସ୍ତରରେ ନିଜକୁ ସତେଜ ଅନୁଭବ କରିବେ।

**କର୍କଟ :** ପାରିବାରିକ ସମ୍ପର୍କ ନିବିଡ଼ ହେବ ଏବଂ ପ୍ରେମ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ ଚୁକ୍ତି ହେବାର ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀଙ୍କ ପାଇଁ ସମୟ ଅନୁକୂଳ। ପୁରୁଣା ରୋଗରୁ ମୁକ୍ତି ମିଳିବ ।

**ସିଂହ :** ଜୀବନସାଥୀଙ୍କ ସହ ଭଲ ସମୟ କଟିବ, କିନ୍ତୁ ସମ୍ପତ୍ତି ସମ୍ବନ୍ଧୀୟ ବିବାଦରୁ ଦୂରେଇ ରୁହନ୍ତୁ । ଚାକିରି କ୍ଷେତ୍ରରେ ସମ୍ମାନ ମିଳିବ। ପୁରୁଣା ଋଣ ପରିଶୋଧ କରିବାରେ ସଫଳ ହେବେ। (ଥଣ୍ଡା, ଜ୍ୱର) ପ୍ରତି ସତର୍କ ରୁହନ୍ତୁ।

**କନ୍ୟା :** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଘର କିମ୍ବା ଗାଡ଼ି କିଣିବାର ଯୋଜନା ସଫଳ ହୋଇପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଭଲ ସଫଳତା ପାଇବେ। ବ୍ୟବସାୟରେ ଲାଭ ମିଳିବ। ସପ୍ତାହର ମଧ୍ୟଭାଗରେ ସ୍ୱାସ୍ଥ୍ୟକୁ ନେଇ କିଛିଟା ଚିନ୍ତା ବଢ଼ିପାରେ, ଅବହେଳା କରନ୍ତୁ ନାହିଁ।

**ତୁଳା :** ସନ୍ତାନ ସୁଖ ମିଳିବ ଏବଂ ପ୍ରେମ ଜୀବନ ରୋମାଞ୍ଚକର ରହିବ। ହଠାତ୍ ଅର୍ଥ ପ୍ରାପ୍ତି କିମ୍ବା ପୈତୃକ ସମ୍ପତ୍ତିରୁ ଲାଭ ମିଳିବାର ଯୋଗ ଅଛି। ବ୍ୟବସାୟରେ ବଡ଼ ସଫଳତା ମିଳିବ। ମାନସିକ ଶାନ୍ତି ମିଳିବ ।

**ବିଛା :** ପରିବାରରେ କୌଣସି ମାଙ୍ଗଳିକ କାର୍ଯ୍ୟର ଯୋଜନା ହୋଇପାରେ। ବନ୍ଧୁମାନଙ୍କ ସହଯୋଗ ପାଇବେ। ଆୟର ନୂତନ ଉତ୍ସ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ବେପରୁଆ ମନୋଭାବ ଯୋଗୁଁ କ୍ଷତି ସହିବାକୁ ପଡ଼ିପାରେ, ତେଣୁ ସତର୍କ ରୁହନ୍ତୁ। ଗାଡ଼ି ଚଳାଇବା ବେଳେ ସାବଧାନତା ଅବଲମ୍ବନ କରନ୍ତୁ।

**ଧନୁ :** ପରିବାର ସଦସ୍ୟଙ୍କ ମଧ୍ୟରେ କିଛି ମତଭେଦ ଦେଖାଦେଇପାରେ। କଥାବାର୍ତ୍ତା ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବସାୟିକ ଭ୍ରମଣ ଲାଭଦାୟକ ପ୍ରମାଣିତ ହେବ। ଅଫିସରେ ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ମିଳିବ।

**ମକର :** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। ନୂତନ ନିବେଶ ପାଇଁ ସମୟ ଅନୁକୂଳ। ଚାକିରିରେ ପଦୋନ୍ନତିର ସୁଯୋଗ ସୃଷ୍ଟି ହେବ। ପୁରୁଣା ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ପୁଣି ଦେଖାଦେଇପାରେ।

**କୁମ୍ଭ :** ପରିବାରରେ ହସଖୁସିର ମାହୋଲ ରହିବ। ଦୂର ସମ୍ପର୍କୀୟଙ୍କ ଆଗମନ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ କିଛି ନୂତନ ଦାୟିତ୍ୱ ମିଳିପାରେ। ଆର୍ଥିକ ସ୍ଥିତି ମଜବୁତ ହେବ, କିନ୍ତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ।

**ମୀନ :** ପ୍ରେମୀଯୁଗଳଙ୍କ ପାଇଁ ସମୟ ଭଲ ରହିବ। ପରିବାରର ବରିଷ୍ଠ ସଦସ୍ୟଙ୍କ ଆଶୀର୍ବାଦ ଆପଣଙ୍କ ସହ ରହିବ। କ୍ୟାରିୟରରେ ସକାରାତ୍ମକ ପରିବର୍ତ୍ତନ ଆସିବ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

## ପ୍ରମୁଖ ଖବର ଏ ସପ୍ତାହର

- ପୁରୀ ଶ୍ରୀମନ୍ଦିରରେ ଚାଲିଥିବା ସ୍ୱତନ୍ତ୍ର ପର୍ବ ଓ ନୀତିକାନ୍ତି ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼।
- ଓଡ଼ିଶାରେ ୧,୩୨୫ କୋଟି ଟଙ୍କାର ତିନୋଟି ବଡ଼ ଶିଳ୍ପ ପ୍ରକଳ୍ପକୁ ମିଳିଲା ସରକାରୀ ସ୍ୱୀକୃତି।
- ରାଜ୍ୟରେ ଯୁକ୍ତ ୨ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ କଟ୍-ଅଫ୍ ମାର୍କ ପ୍ରକାଶ ପାଇଲା।
- ସାରା ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ଆଗାମୀ ୨ ଦିନ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ସତର୍କ ସୂଚନା।
- କଡ଼ା ସୁରକ୍ଷା ବଳୟ ମଧ୍ୟରେ ସାରା ଦେଶରେ ୨୦ ଲକ୍ଷରୁ ଅଧିକ ସ୍ମାର୍ଟ ପରୀକ୍ଷାର୍ଥୀ ନିଟ୍-ୟୁଜି ପୁନଃ ପରୀକ୍ଷା ଦେଉଛନ୍ତି।
- ଅଯୋଧ୍ୟା ରାମ ମନ୍ଦିର ଦାନ ଟଙ୍କା ହେରଫେର ଅଭିଯୋଗ ମାମଲାରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ନିଜ ନିଜ ପଦରୁ ଇସ୍ତଫା ।
- ଆଜି ଜୁନ୍ ୨୭ ତାରିଖକୁ ସାରା ଦେଶରେ ବିଶ୍ୱ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିବସ ଭାବେ ପାଳନ କରାଯାଇଛି।
- ଭେନେଜୁଏଲାରେ ଭୟାବହ ଭୂକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୯୨୦ ଟପିଲା ଏବଂ ୫୦,୦୦୦ ରୁ ଅଧିକ ନିଖୋଜ ଅଛନ୍ତି।
- ଭୂକମ୍ପ ବିପର୍ଯ୍ୟସ୍ତ ଭେନେଜୁଏଲାକୁ ସାହାଯ୍ୟ କରିବା ପାଇଁ ଭାରତ ଆରମ୍ଭ କଲା 'ଅପରେସନ ଅମିତ୍ରାଦ୍'।
- ଆମେରିକା ଓ ଡ୍ରୋନ୍ ଆକ୍ରମଣ ପରେ ହରମୁଜ ପ୍ରଣାଳୀରେ ଅସ୍ୱବିରତି ନେଇ ଆଶଙ୍କା ଦେଖାଦେଇଛି।
- ଆଜି ଚାଲିଥିବା ଫିଫା ବିଶ୍ୱକପ୍ ମ୍ୟାଚ୍ ଗୁଡ଼ିକରେ ପାନାମା ବନାମ ଇଂଲଣ୍ଡ ଏବଂ କଲୋମ୍ବିଆ ବନାମ ପର୍ତ୍ତୁଗାଲ ମଧ୍ୟରେ କଡ଼ା ଟକ୍କର।

# ନିଜର ବଡ଼ ଭାଇଙ୍କୁ ହରାଇଲେ ଶୋଏବ ଅଖତର

ମୁମ୍ବାଇ, ୨୭/୦୬ : ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଶୋଏବ ଅଖତର ନିଜେ ଏହି ଦୁଃଖଦ ଖବରକୁ ନିଶ୍ଚିତ କରିଛନ୍ତି। ସେ ମଧ୍ୟ ବଡ଼ ଭାଇ ଶାହିଦ ଅଖତରଙ୍କ ମୃତ୍ୟୁର କାରଣ ସମ୍ପର୍କରେ କିଛି ବି କହି ନାହାନ୍ତି। ଏହି ଘଟଣା ପରେ ଅନେକ ପ୍ରଶଂସକ ଓ ପାକିସ୍ତାନର ପୂର୍ବତନ କ୍ରିକେଟରମାନେ ସୋଶାଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। ପାକିସ୍ତାନର ଅନ୍ୟତମ ମହାନ କ୍ରିକେଟର ତଥା ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ବ୍ୟକ୍ତିଗତ ଜୀବନରେ ଗୋଟିଏ ବଡ଼ ଦୁଃଖଦ ଘଟଣାର ସମ୍ମୁଖୀନ ହୋଇଛନ୍ତି। ଶୋଏବ ନିଜର ବଡ଼ ଭାଇ ଶାହିଦ ଅଖତରଙ୍କୁ ହରାଇଛନ୍ତି। ଶାହିଦ ଅଖତରଙ୍କ ଦେହାନ୍ତ ଖବରକୁ ପାକିସ୍ତାନର ବିଭିନ୍ନ ଗଣମାଧ୍ୟମ ନିଶ୍ଚିତ କରିଛନ୍ତି। ହେଲେ ମୃତ୍ୟୁର କାରଣ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ସୋଶାଲ ମିଡିଆରେ ଏକ ପୋଷ୍ଟରେ ଶୋଏବ ଅଖତର ନିଜେ ଏହି ଦୁଃଖଦ ଖବରକୁ ନିଶ୍ଚିତ କରିଛନ୍ତି। ସେ ମଧ୍ୟ ବଡ଼ ଭାଇ ଶାହିଦ ଅଖତରଙ୍କ ମୃତ୍ୟୁର କାରଣ ସମ୍ପର୍କରେ କିଛି ବି କହି ନାହାନ୍ତି। ଏହି ଘଟଣା ପରେ ଅନେକ ପ୍ରଶଂସକ ଓ ପାକିସ୍ତାନର ପୂର୍ବତନ କ୍ରିକେଟରମାନେ ସୋଶାଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। ନିଜ ପୋଷ୍ଟରେ ଶୋଏବ ଲେଖିଛନ୍ତି, 'ଅତ୍ୟନ୍ତ ଦୁଃଖର ସହ ଜଣାଉଛି ଯେ "ମୋର ପ୍ରିୟ ବଡ଼ ଭାଇ ଶାହିଦ ଅଖତର ଆଲ୍ଲା ସୁଭାନା ଓ୍ୱା ତାଲାଙ୍କ ପାଖକୁ ଫେରିଯାଇଛନ୍ତି। ନମାଜ-ଏ-ଜନାଜାର ସମୟ ଓ ସ୍ଥାନ ସକାଳେ ଜଣାଇ ଦିଆଯିବ।" ପାକିସ୍ତାନର ପୂର୍ବତନ ଅଧିନାୟକ ରଶିଦ ଲତିଫ ଶୋକ ପ୍ରକାଶ କରିଛନ୍ତି। ସେ ଫେସବୁକରେ ଲେଖିଛନ୍ତି, 'ଆମେ ଆଲ୍ଲାଙ୍କର ଓ ତାଙ୍କ ପାଖକୁ ହିଁ ଫେରିବୁ। ଶୋଏବ ଅଖତରଙ୍କ ଭାଇ ଶାହିଦ ଅଖତରଙ୍କ ଦେହାନ୍ତ ଘଟିଛି। ତାଙ୍କର ଜନାଜା ନମାଜ ଐ-୮ କବରସ୍ଥାନରେ ଅନୁଷ୍ଠିତ ହେବ। ସମସ୍ତଙ୍କୁ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଅନୁରୋଧ।"

ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଶୋଏବ ଅଖତର ନିଜ ମା'ଙ୍କୁ ହରାଇଥିଲେ। ବର୍ତ୍ତମାନ ଭାଇଙ୍କ ମୃତ୍ୟୁ ସହ ସେ ପରିବାରର ଆଉ ଜଣେ ପ୍ରିୟ ସଦସ୍ୟଙ୍କୁ ହରାଇଛନ୍ତି। କ୍ରିକେଟରୁ ଅବସର ନେବା ପରେ ଶୋଏବ ଅଖତର ଜଣେ ସକ୍ରିୟ କ୍ରିକେଟ ବିଶ୍ଳେଷକ ଭାବେ ପରିଚିତ। ବଡ଼ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମୟରେ ସେ ବିଭିନ୍ନ ଟେଲିଭିଜନ ଚ୍ୟାନେଲ ଓ ବିତର୍କ କାର୍ଯ୍ୟକ୍ରମରେ ନିୟମିତ ସାମିଲ ହେଉଛନ୍ତି। ୨୦୨୬ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ସମୟରେ ମଧ୍ୟ ସେ ପାକିସ୍ତାନୀ ଗଣମାଧ୍ୟମରେ ନିୟମିତ ଦେଖାଯାଉଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କ୍ରିକେଟ ଟିମ ଚାମ୍ପିୟନ ହୋଇଥିଲା। ଶୋଏବ ଅଖତର ଦୀର୍ଘଦିନ ଧରି ପାକିସ୍ତାନ କ୍ରିକେଟର ପ୍ରଶାସନିକ ଓ ପ୍ରଦର୍ଶନଗତ ସମସ୍ୟାକୁ ନେଇ ସ୍ପଷ୍ଟ ମତ ରଖିଆସୁଛନ୍ତି। ତାଙ୍କ ମତରେ ଏହି ସମସ୍ୟାଗୁଡ଼ିକ ଯୋଗୁ ପାକିସ୍ତାନ କ୍ରିକେଟ ଦଳ ୧୯୯୦ ଦଶକ ଓ ୨୦୦୦ ଦଶକର ପ୍ରାରମ୍ଭିକ ସଫଳତାକୁ ପୁଣିଥରେ ଏବେ ହାସଲ କରିପାରୁ ନାହିଁ।



# ଭାରତକୁ ଝଟକା: ମହିଳା ଟି-୨୦ ବିଶ୍ୱକପରୁ ଶ୍ରେୟାଙ୍କା ପାଟିଲ ଆଉଟ୍

ମୁମ୍ବାଇ, ୨୭/୦୬ : ଆହତ ସମସ୍ୟା କାରଣରୁ ଶ୍ରେୟାଙ୍କା ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ୨୪ ବର୍ଷୀୟ ଅନକ୍ୟାପଡ ପ୍ରେମା ରାଓ୍ୱତଙ୍କୁ ସାମିଲ କରାଯାଇଛି। ସେ ଏବେ ଇଂଲଣ୍ଡରେ ବିଶ୍ୱକପ ଖେଳୁଥିବା ଭାରତୀୟ ମହିଳା ଟିମରେ ସାମିଲ ହେବେ। ମହିଳା ଟି-୨୦ ବିଶ୍ୱକପରେ ୨ଟି ମ୍ୟାଚ୍ ଖେଳି ୨ଟିରେ ଜିତିଥିବା ଭାରତୀୟ ଟିମକୁ ଲାଗିଛି ବଡ଼ ଝଟକା। ଦଳର ଯୁବ ତଥା ଷ୍ଟାର ଲେଗ ସ୍ପିନର ଶ୍ରେୟାଙ୍କା ପାଟିଲ ଆହତ ଜନିତ ସମସ୍ୟା। କାରଣରୁ ଟି-୨୦ ବିଶ୍ୱକପରୁ ବାଦ ପଡ଼ିଛନ୍ତି।



ବୁଧବାର ନେଦରଲ୍ୟାଣ୍ଡ ବିପକ୍ଷ ହେଡିଙ୍ଗଲୀ ମ୍ୟାଚ୍‌ରେ ଶ୍ରେୟାଙ୍କା ଆଙ୍କେଲ ଜନିତ ଆହତ ସମସ୍ୟାରେ ପଡ଼ିଥିଲେ। ଏହା ଅତ୍ୟନ୍ତ ଗୁରୁତ୍ତର ଥିବାରୁ ସେ ୨୦୨୬ ମହିଳା ଟି-୨୦ ବିଶ୍ୱକପରୁ ସଂପୂର୍ଣ୍ଣ ବାଦ ପଡ଼ିଛନ୍ତି। ୨୩ ବର୍ଷୀୟ ଶ୍ରେୟାଙ୍କା ବୁଧବାର ମ୍ୟାଚରେ ପାୱାର ପ୍ଲେର ଶେଷ ଓଭର ବୋଲିଂ କରୁଥିଲେ। ଏହି ସମୟରେ ବଲକୁ ଅଟକାଇବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇ ଯାଇଥିଲା। ଶ୍ରେୟାଙ୍କା ଯନ୍ତ୍ରଣାରେ ଛଟପଟ ହେବା ସହ ଷ୍ଟ୍ରେଚର ଜରିଆରେ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଥିଲେ। ଏହାପରେ ତାଙ୍କର ସ୍କାନ ଓ ଅନ୍ୟାନ୍ୟ ଟେଷ୍ଟ ହୋଇଥିଲା। ସମସ୍ୟା ଜଟିଳ ଥିବାରୁ ସେ ବିଶ୍ୱକପରେ ଆଉ ନଜର ଆସିବେ ନାହିଁ। ଆହତ ସମସ୍ୟା କାରଣରୁ ଶ୍ରେୟାଙ୍କା ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ୨୪ ବର୍ଷୀୟ ଅନକ୍ୟାପଡ ପ୍ରେମା ରାଓ୍ୱତଙ୍କୁ ସାମିଲ କରାଯାଇଛି। ସେ ଏବେ ଇଂଲଣ୍ଡରେ ବିଶ୍ୱକପ ଖେଳୁଥିବା ଭାରତୀୟ ମହିଳା ଟିମରେ ସାମିଲ ହେବେ। ମହିଳା ପ୍ରିମିୟର ଲିଗରେ ରାଓ୍ୱତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ୨ଟି ସଂସ୍କରଣରେ କେବଳ ୬ଟି ମ୍ୟାଚ୍ ଖେଳି ୩ଟି ଓ୍ୱିକେଟ ନେଇଛନ୍ତି। ଉତ୍ତରାଖଣ୍ଡ ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଏହି ଲେଗ ସ୍ପିନର ଜଣଙ୍କ ଭାରତୀୟ ଏ ଟିମରେ ମଧ୍ୟ ରହିଥିଲେ। ମହିଳା ଏସିଆ କପ ରାଇଜିଂ ଷ୍ଟାର ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍‌ରେ ୮ ଓ୍ୱିକେଟ ନେଇ ଭାରତ ଚାମ୍ପିୟନ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତବର୍ଷ ଅଷ୍ଟ୍ରେଲିଆ ଟୁରରେ ଯାଇଥିବା ଭାରତୀୟ ଏ ଟିମ ପାଇଁ ମଧ୍ୟ ସେ ୩ଟି ଟି-୨୦ରେ ୭ଟି ଓ୍ୱିକେଟ ଦଖଲ କରିଥିଲେ। ତେଣୁ ଶ୍ରେୟାଙ୍କା ପାଟିଲଙ୍କ ସ୍ଥାନରେ ତାଙ୍କୁ ସାମିଲ କରାଯାଇଛି। ତେବେ ଭାରତୀୟ ମହିଳା ଟିମର ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରେମା ରାଓ୍ୱତ ସାମିଲ ହେଉଛନ୍ତି କି ନାହିଁ, ସେକଥା ନିଶ୍ଚିତ ହୋଇନି। ସେହିପରି ଶ୍ରେୟାଙ୍କା ପାଟିଲଙ୍କ ସ୍ଥାନରେ ରାଧା ଯାଦବ ଚୂଡ଼ାନ୍ତ ଏକାଦଶରେ ସାମିଲ ହେବାର ସମ୍ଭାବନା ଥିବା କୁହାଯାଉଛି।

## ଫିଫା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ଐତିହାସିକ ସଫଳତା

ମୁମ୍ବାଇ, ୨୭/୦୬ : ଫିଫା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ନୂଆ କୀର୍ତ୍ତିମାନ। ଦଳକୁ ମିଳିଛି ଐତିହାସିକ ସଫଳତା। ଦଳ ଫିଫା ବିଶ୍ୱକପରେ କେବେ ହେଲେ ଯେଉଁ ସଫଳତା ପାଇ ନଥିଲା, ଏବେ ତା'କୁ ସାକାର କରିଛି। ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇଛି ଦକ୍ଷିଣ ଆଫ୍ରିକା। ନିଜ ଫୁଟବଲ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି ଏହି ଆଫ୍ରିକୀୟ ଦଳ। ପ୍ରଥମଥର ଫିଫା ବିଶ୍ୱକପର ନକଆଉଟ ବା ରାଉଣ୍ଡ ୩୨ରେ ଦକ୍ଷିଣ ଆଫ୍ରିକା ପ୍ରବେଶ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଆଜି ଦଳ ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚରେ ଦକ୍ଷିଣ କୋରିଆକୁ ୧-୦ରେ ହରାଇ ଦେଇଛି। ଏହି ଅପ୍ରତ୍ୟାଶିତ ବିଜୟ ପରେ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ରାଉଣ୍ଡ ୩୨କୁ ଯୋଗ୍ୟତା ଅର୍ଜନ କରିଛି। ମେକ୍ସିକୋ ବିପକ୍ଷ ଫିଫା ବିଶ୍ୱକକପରେ ନିଜର ପ୍ରଥମ ମ୍ୟାଚ୍‌ର ୧୦ ଦିନ ପୂର୍ବରୁ ଦକ୍ଷିଣ ଆଫ୍ରିକା ଟୁର୍ଣ୍ଣାମେଣ୍ଟକୁ ଆସିବ କି ନାହିଁ ଜାଣି ନଥିଲା। ପ୍ରଶାସନିକ ବିଫଳତା ଓ ଭିସାରେ ବିଳମ୍ବ ଦଳରେ ଅନିଶ୍ଚିତତା ସୃଷ୍ଟି କରିଥିଲା। ଉତ୍ତର ଆମେରିକାରେ ପହଞ୍ଚି ପୂର୍ବରୁ ଖେଳାଳିମାନେ ଠିକ ଭାବେ ଅଭ୍ୟାସ ମଧ୍ୟ କରିପାରି ନଥିଲେ।

# ଆଇପିଏଲ ୨୦୨୭ରୁ କୋଚିଂ କ୍ୟାରିୟର ଆରମ୍ଭ କରିବେ ଯୁବରାଜ

ମୁମ୍ବାଇ, ୨୭/୦୬ : ଦିଲ୍ଲୀ କ୍ୟାପିଟାଲ୍ସକୁ ୨ ବର୍ଷ ଲେଖାଏ ଭାଗିଦାରୀରେ ଜିଏମଆର ଗ୍ରୁପ ଓ ଜେଏସଡବ୍ଲ୍ୟୁ ଗ୍ରୁପ ଚଳାଉଛନ୍ତି। ବୁଝାମଣା ଅନୁସାରେ ଜିଏମଆର ୨୦୨୫ ଓ ୨୦୨୬ରେ ଟିମକୁ ପରିଚାଳନା କରିଥିଲା। ଭାରତୀୟ କ୍ରିକେଟର ଜଣେ କିମ୍ବଦନ୍ତୀ ଖେଳାଳି ଆଇପିଏଲ ୨୦୨୭ରୁ ନିଜର ପ୍ରଥମ କୋଚିଂ କାର୍ଯ୍ୟକାଳ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ସେହି କିମ୍ବଦନ୍ତୀ ଖେଳାଳି ଜଣଙ୍କ ସବୁ ପ୍ରକାରର ଆଲୋଚନା ଶେଷ କରିଛନ୍ତି। ୨୦୨୭ରୁ ହିଁ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ ହେବ। ରିପୋର୍ଟ ଅନୁସାରେ, ସେହି କମ୍ବଦନ୍ତୀ ଖେଳାଳି ଜଣଙ୍କ ହେଲେ ଟିମ ଇଣ୍ଡିଆର ପୂର୍ବତନ ଷ୍ଟାର ଅଲରାଉଣ୍ଡର ଯୁବରାଜ ସିଂହ। ସେ ୨୦୨୭ ଆଇପିଏଲ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସର କୋଚିଂ ଷ୍ଟାଫଙ୍କ ମଧ୍ୟରେ ସାମିଲ ହେବେ।



ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଡିସି ସପୋର୍ଟ ଷ୍ଟାଫ ଟିମକୁ ଫେରିବା ନିଶ୍ଚିତ। ଆଉ ସେ ଦିଲ୍ଲୀ କ୍ୟାପିଟାଲ୍ସ ଡଗଆଉଟରେ ଯୁବରାଜ ସିଂହଙ୍କୁ ଚାହୁଁଥିବା ଟାଇମ୍ସ ଅଫ ଇଣ୍ଡିଆରେ ଖବର ପ୍ରକାଶ ପାଇଛି। ୨୦୨୭ ଆଇପିଏଲ ପୂର୍ବରୁ ଔଝଡ ଗ୍ରୁପ ମାଲିକାନାରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସରେ ଏପରି ପରିବର୍ତ୍ତନ ହେବାକୁ ଯାଉଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଯୁବରାଜ ସିଂହ ଫ୍ରାଞ୍ଚାଇଜରେ ସାମିଲ ହେଉଥିବା ଦିଲ୍ଲୀ କ୍ୟାପିଟାଲ୍ସର ଜଣେ ବରିଷ୍ଠ ଅଧିକାରୀ ନିଶ୍ଚିତ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସକୁ ୨ ବର୍ଷ ଲେଖାଏ ଭାଗିଦାରୀରେ ଜିଏମଆର ଗ୍ରୁପ ଓ ଜେଏସଡବ୍ଲ୍ୟୁ ଗ୍ରୁପ ଚଳାଉଛନ୍ତି। ବୁଝାମଣା ଅନୁସାରେ ଜିଏମଆର ୨୦୨୫ ଓ ୨୦୨୬ରେ ଟିମକୁ ପରିଚାଳନା କରିଥିଲା। ୨୦୨୭ ଓ ୨୦୨୮ରେ ଦିଲ୍ଲୀ ଦାୟିତ୍ୱ ଜେଏସଡବ୍ଲ୍ୟୁ ସମ୍ଭାଳିବ।

ପୂର୍ବରୁ ଜେଏସଡବ୍ଲ୍ୟୁ ଦଳ ଦାୟିତ୍ୱରେ ଥିବା ବେଳେ ସୌରଭ ଗାଙ୍ଗୁଲି ଏହାର ପ୍ରମୁଖ ସପୋର୍ଟ ଷ୍ଟାଫ ସଦସ୍ୟ ରହିଥିଲେ। ୨୦୨୭ ବେଳକୁ ସେ ପୁଣି ଫେରିବେ। ଗାଙ୍ଗୁଲି ଗତ ୨ଟି ଯାକ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସର ଡିରେକ୍ଟର ଅଫ କ୍ରିକେଟ ଭୂମିକାରେ କାର୍ଯ୍ୟ କରୁଛନ୍ତି। ଏହି ସମୟରେ ଦଳର ମୁଖ୍ୟ କୋଚ ଭାବେ ଦାୟିତ୍ୱ ପାଇଥିଲେ ହେମାଙ୍ଗ ବାଦାନି। କିନ୍ତୁ ୨୦୨୫ ଓ ୨୦୨୬ରେ ଦିଲ୍ଲୀ ନୈରାଶ୍ୟଜନକ ପ୍ରଦର୍ଶନ କରୁଥିବାରୁ କୋଚିଂ ଟିମରେ ବଡ଼ ପରିବର୍ତ୍ତନ ହେବ। ୨୦୨୭ ଆଇପିଏଲ ବେଳକୁ ଗାଙ୍ଗୁଲି କୋଚିଂ ଟିମକୁ ଆସିବେ ଓ ସେ ନିଜ ସହ ଯୁବରାଜ ସିଂହଙ୍କୁ ମଧ୍ୟ ସାମିଲ କରିବେ।

## ଦିଲ୍ଲୀକୁ ଫେରିଲେ ଋଷଭ ପନ୍ତ

ମୁମ୍ବାଇ, ୨୭/୦୬ : ୨୦୨୭ ଆଇପିଏଲ ପୂର୍ବରୁ ଦେଖିବାକୁ ମିଳିଛି ବଡ଼ ଧରଣର ଟ୍ରେଡ ଡିଲ। ରେକର୍ଡ ୨୭ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସରେ ସାମିଲ ହୋଇଥିବା ଋଷଭ ପନ୍ତଙ୍କ ଠିକଣା ବଦଳି ଯାଇଛି। ସେ ନିଜର ପୁରୁଣା ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି। ୨୦୨୭ ଠାରୁ ସେ ଦିଲ୍ଲୀ ପାଇଁ ଖେଳିବେ। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳି ଆସୁଥିବା ଚାଇନାମ୍ୟାନ କୁଳଦୀପ ଯାଦବଙ୍କ ଠିକଣାରେ ମଧ୍ୟ ପରିବର୍ତ୍ତନ ହୋଇଛି। ପନ୍ତ ଦିଲ୍ଲୀକୁ ଆସିଥିବା ବେଳେ କୁଳଦୀପ ଲକ୍ଷ୍ନୌକୁ ଯାଇଛନ୍ତି। ଦୁଇ ଫ୍ରାଞ୍ଚାଇଜ ଟ୍ରେଡ ଡିଲ ବଦଳରେ ଏପରି ଅଦଳବଦଳ କରିଛନ୍ତି। ଦୁଇ ଫ୍ରାଞ୍ଚାଇଜ ମଧ୍ୟରେ ଟ୍ରେଡ ଡିଲ ଚୂଡ଼ାନ୍ତ ହୋଇଥିବା ମଙ୍ଗଳବାର ଅପରାହ୍ଣରେ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ନିଶ୍ଚିତ କରାଯାଇଛି। ଗୋଟିଏ ପ୍ରେସ ବିବୃତିରେ କୁହାଯାଇଛି ଯେ "ପନ୍ତ ସେହି ଫ୍ରାଞ୍ଚାଇଜକୁ ଫେରିବାକୁ ଯାଉଛନ୍ତି ଯେଉଁଠାରେ ସେ ୨୦୧୬ରୁ ୨୦୨୪ ଅର୍ଥାତ ୯ଟି ସଂସ୍କରଣ ଖେଳିଥିଲେ। ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୧୧ଟି ମ୍ୟାଚ୍ ଖେଳିଛନ୍ତି। ଏବେ ସେ ପୁଣି ଦିଲ୍ଲୀକୁ ଫେରିଛନ୍ତି। ଦିଲ୍ଲୀ ପାଇଁ ସେ ୪୩ଟି ମ୍ୟାଚ୍‌ରେ କମାଣ ମଧ୍ୟ ସମ୍ଭାଳିଥିଲେ।

## ରାଜସ୍ଥାନ ରୟାଲ୍ସ ଯିବେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ, ୨୭/୦୬ : ଆଇପିଏଲରେ ପୁଣି ଦୁର୍ବଳ ପ୍ରଦର୍ଶନ ପରେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରୁ ଅଲଗା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ହାର୍ଦ୍ଦିକଙ୍କୁ ମୁମ୍ବାଇ ୨୦୨୪ରେ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଡିଲ ବଳରେ ଆଣିଥିଲା। ଏହାପରେ ସେ ଦଳର କମାଣ ସମ୍ଭାଳି ଥିଲେ। କିନ୍ତୁ ଏବେ ଆଉ ମୁମ୍ବାଇ ସହ ରହିବାକୁ ଚାହୁଁ ନାହାନ୍ତି। ଡ୍ରେସିଂ ରୁମ ବିବାଦ ଯୋଗୁ ହାର୍ଦ୍ଦିକ ଓ ମୁମ୍ବାଇ ଅଲଗା ଅଲଗା ହେବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଟ୍ରେଡ ଡିଲ ବଳରେ ନେବାକୁ ରାଜସ୍ଥାନ ରୟାଲ୍ସ ଆଗ୍ରହ ଦେଖାଇଛି। ମୁମ୍ବାଇ ମଧ୍ୟ ହାର୍ଦ୍ଦିକଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ତାଙ୍କ ବଦଳରେ ରାଜସ୍ଥାନର ଜଣେ ବିସ୍ଫୋରକ ବ୍ୟାଟରଙ୍କୁ ଆଣିବାକୁ ଚାହୁଁଛନ୍ତି ଦଳ। ରାଜସ୍ଥାନ ରୟାଲ୍ସ ଯଶସ୍ୱୀ ଜୈସୱାଲଙ୍କୁ ଦେଲେ ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେବ ବୋଲି ସର୍ତ୍ତ ରଖିଛି। ଦୁଇ ଫ୍ରାଞ୍ଚାଇଜ ଏ ସମ୍ପର୍କରେ ଆଲୋଚନା ପ୍ରାୟ ଶେଷ କରିଛନ୍ତି। ଖୁବଶୀଘ୍ର ଏପରି ଅଦଳବଦଳ ଉପରେ ମୋହର ବାଜିମାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



ଜୈସୱାଲ ମଧ୍ୟ ଗୋଟିଏରୁ ଦୁଇ ବର୍ଷ ହେଲା ବେଶ ଚର୍ଚ୍ଚାରେ ରହିଛନ୍ତି। ସଞ୍ଜୁ ସାମସନ ରାଜସ୍ଥାନରୁ ଚାଲି ଯିବା ପରେ ଜୈସୱାଲ ରାଜସ୍ଥାନ ଟିମରେ ବଡ଼ ସୁରଷ୍ଟାର ହେବାକୁ ବାଟ ଫିଟିଥିଲା। ସେ ଅଧିନାୟକ ଦୌଡ଼ରେ ବି ରହିଥିଲେ। କିନ୍ତୁ ଟିମ ମ୍ୟାନେଜମେଣ୍ଟ ରିୟାନ ପରାଗଙ୍କୁ କ୍ୟାପ୍ଟେନ କରିଛନ୍ତି। ଏହାକୁ ନେଇ ଜୈସୱାଲ ସାମନ୍ୟ ମନ ଉଣା କରିଥିବା କୁହାଯାଉଛି। ଏହାବାଦ ରାଜସ୍ଥାନବ ବ୍ୟାଟିଂ ୟୁନିଟକୁ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆସିବା ପରେ ଜୈସୱାଲଙ୍କ ଗୁରୁତ୍ୱ ମଧ୍ୟ କମି ଯାଇଛି।

## କଥା ସ୍ୱାଭିମାନର ବିଚାର ଆପଣଙ୍କର..

# ଠିକ୍ କିଏ ଭୁଲ୍ କିଏ ? ଆର୍‌ଏସ୍‌ଏସ୍ ନା ପ୍ରିୟଙ୍କ



ଶାରଦା ପ୍ରସନ୍ନ ସ୍ୱାଇଁ

ଆରଏସଏସ ଓ ତାର ଲିଗାଲ୍ ଷ୍ଟାଟସ୍ ଉପରେ ସିଧା ପ୍ରଶ୍ନ ପଚାରିଛନ୍ତି, ପ୍ରିୟଙ୍କ ଖଡ଼େଗ। ମୋହନ ଭାଗବତଙ୍କୁ ଖୋଲା ଚିଠି --- ମହାଶୟ ଆପଣ ଏତେ ବଡ଼ ସ୍ତରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଛନ୍ତି, ପ୍ରୋଗ୍ରାମ୍ କରୁଛନ୍ତି, ଜନସମ୍ପର୍କ କରୁଛନ୍ତି, ଶୋଭାଯାତ୍ରା ବାହାର କରୁଛନ୍ତି, ପବ୍ଲିକ୍ ପ୍ଲେସ୍ (ସାର୍ବଜନୀନ ସ୍ଥାନ)ର ବ୍ୟବହାର କରୁଛନ୍ତି, ସ୍କୁଲଗୁଡ଼ିକରେ କାର୍ଯ୍ୟକ୍ରମ କରୁଛନ୍ତି, ଆପଣଙ୍କ କାର୍ଯ୍ୟକ୍ରମରେ ବଡ଼ ବଡ଼ ଲୋକ ଏପରିକି ସରକାରୀ ପଦବୀରେ ବସିଥିବା ଲୋକ, ପ୍ରଫେସର ପର୍ଯ୍ୟନ୍ତ ସାମିଲ ହେଉଛନ୍ତି । ତେଣୁ ଆରଏସଏସକୁ ଏହା ସ୍ପଷ୍ଟ କରିବା ଉଚିତ୍ ଯେ ତାହାର ଲିଗାଲ୍ ଷ୍ଟାଟସ୍ କ'ଣ, ତାହାର ରେଜିଷ୍ଟ୍ରେସନ କେଉଁଠି ଅଛି, ଅଫିସ୍ ବିଅରର୍ ଅର୍ଥାତ୍ ତାଙ୍କ ଅଫିସକୁ ସମ୍ଭାଳୁଥିବା ଲୋକ କିଏ, ଫଣ୍ଡିଂ କେଉଁଠୁ ହେଉଛି, ଖର୍ଚ୍ଚ କେଉଁଠୁ ହେଉଛି, କେତେ ହେଉଛି, କେଉଁଠୁ ଆସୁଛି, ଟ୍ୟାକ୍ସେସନର ଲିଗାଲ୍ ଷ୍ଟାଟସ୍ କ'ଣ, ଟ୍ୟାକ୍ସ ଭରୁଛନ୍ତି କି ନାହିଁ ଟ୍ୟାକ୍ସ ତ ଦେବାକୁ ପଡ଼ିବ ଏବଂ ପବ୍ଲିକ୍ ଆକ୍ଟିଭିଟିଜ୍ ପାଇଁ ପରମିସନ୍ (ଅନୁମତି), ଯେଉଁ ପବ୍ଲିକ୍ କାର୍ଯ୍ୟକ୍ରମ ଆପଣ କରୁଛନ୍ତି, ସାର୍ବଜନୀନ ଭାବରେ, ସାର୍ବଜନୀନ ସ୍ଥାନଗୁଡ଼ିକରେ, ତାହାର ଅନୁମତି ଆପଣ କେଉଁଠୁ ନେଉଛନ୍ତି ? ଆଉ ନେଉଛନ୍ତି କି ନାହିଁ ? ଆଉ କାହିଁକି ନେଉନାହାଁନ୍ତି ?

ଏବଂ ସେଥିରେ ସେ, ସେହି ସବୁ ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥାର ଉଲ୍ଲେଖ କରିଛନ୍ତି ଯାହା ଏହି ଦେଶ ଭିତରେ କୌଣସି ବି ସଂସ୍ଥା କିମ୍ବା କୌଣସି ବି ଏନଜିଓ ବା କୌଣସି ବି ସଂଗଠନ ଉପରେ ଲାଗୁ ହୁଏ । ଅର୍ଥାତ୍ ଗୋଟିଏ ଏନଜିଓ ଯାହା ଛୋଟିଆ କାମ ବି କରୁଛି, ୧୦-୨୦ ଲୋକ ୨୫ ଲୋକ ବି ତା' ସହିତ କାମ କରୁଛନ୍ତି, ତାହା ପରିବେଶକୁ ନେଇ କାମ କରୁଛି, ଲୋକଙ୍କ ସ୍ୱାର୍ଥକୁ ନେଇ କାମ କରୁଛି, ଶିକ୍ଷା କ୍ଷେତ୍ରରେ କାମ କରୁଛି, ଆଉ ତାହା ଛୋଟ ଛୋଟ ଡୋନେସନ୍ ବା ଦାନ ବି ନେଉଛି ତେବେ ତାର ରେଜିଷ୍ଟ୍ରେସନ ହୋଇଥାଏ । ଏନଜିଓକୁ ନିଜର ରେଜିଷ୍ଟ୍ରେସନ କରାଇବାକୁ ପଡ଼େ, ନିଜର ଫଣ୍ଡିଂର ଉତ୍ସ ବତାଇବାକୁ ପଡ଼େ, ନିଜ ଖର୍ଚ୍ଚର ଅଡିଟ୍ କରାଇବାକୁ ପଡ଼େ, ଏବଂ ନିଜ ପାଇଁ ଏକ କରେଣ୍ଟ ଆକାଉଣ୍ଟ (ଚାଲୁ ଖାତା) ଖୋଲିବାକୁ ପଡ଼େ, କରେଣ୍ଟ ଆକାଉଣ୍ଟ ଖୋଲିବା ସେମାନଙ୍କ ପାଇଁ ଜରୁରୀ ହୋଇଥାଏ । ସେଭିଙ୍ଗସ୍ ଆକାଉଣ୍ଟରେ ବି କାମ ଚଳେ ନାହିଁ ଯେ କୌଣସି ପର୍ସନାଲ ଆକାଉଣ୍ଟରେ କାମ ଚଳାଇଦେଲେ ହୋଇଗଲା, ତାହା ବି ହୁଏ ନାହିଁ । ଅର୍ଥାତ୍ ଗୋଟିଏ ଛୋଟରୁ ଛୋଟ ଏନଜିଓକୁ ବି ଏହି ସବୁ ସ୍ୱଚ୍ଛତା ଦେଖାଇବାକୁ ପଡ଼ିଥାଏ ।

କେବଳ ଏତିକି ନୁହେଁ ଆରଏସଏସର ନେତାମାନେ ବିଦେଶ ଗସ୍ତ ମଧ୍ୟ କରନ୍ତି, ବିଦେଶରେ ନିଜର ପ୍ରଚାର କରିବାକୁ ଯାଆନ୍ତି, ଲଣ୍ଡନ ଯାଆନ୍ତି ଆମେରିକା ଯାଆନ୍ତି, ବିଦେଶରେ ମଧ୍ୟ କିଛି ସଂଗଠନ ଅଛି, ହିନ୍ଦୁ ସଂଗଠନ, ଯାହା ଆରଏସଏସ ସହିତ ଜଡ଼ିତ ଅଛି । ଆଇନଗତ ଭାବେ ସେମାନେ କିପରି ଜଡ଼ିତ ସେହି ଦାବି ମୁଁ କରିପାରିବି ନାହିଁ, କିନ୍ତୁ ଆମେରିକାର ଏକ ପ୍ରମୁଖ ସଂଗଠନ ଅଛି, ଏଚଏସଏସ, ହିନ୍ଦୁ ସ୍ୱୟଂସେବକ ସଂଘ । ତାହା ସମ୍ପୂର୍ଣ୍ଣ ଭାବରେ ଆରଏସଏସର କପି ଲାଗେ। ଆରଏସଏସ ପରି ତାହାର ଶାଖାଗୁଡ଼ିକ ଆମେରିକାରେ ଲାଗେ, ତାର କାର୍ଯ୍ୟକ୍ରମ ହୁଏ, ତାକୁ ଆମେରିକା ସରକାରଙ୍କଠାରୁ ଫଣ୍ଡିଂ ମିଳେ ଏବଂ ଆମେରିକାରେ ତାହା ରେଜିଷ୍ଟର୍ଡ, ଏଚଏସଏସ। ଆଉ ଏଚଏସଏସ ସହିତ ଖୋଲାଖୋଲି ଭାବରେ ଆରଏସଏସର ସମ୍ପର୍କ ଅଛି । ସାଂସ୍କୃତିକ ସମ୍ପର୍କ ଅଛି, କାର୍ଯ୍ୟକ୍ରମ ହୁଏ, ତାର ସମ୍ପର୍କ ଅଛି, ପରସ୍ପରର ବୈଚାରିକ ସମ୍ପର୍କ ଅଛି, ଉଭୟେ ପରସ୍ପରକୁ ଖୋଲାଖୋଲି ଭାବରେ ଗ୍ରହଣ ମଧ୍ୟ କରନ୍ତି । ତେଣୁ ଆରଏସଏସ ନେତାମାନଙ୍କର ବିଦେଶ ଗସ୍ତ ହୁଏ । ଏହି ବିଦେଶ ଗସ୍ତ କାହିଁକି ହୁଏ ? କାହା ଖର୍ଚ୍ଚରେ ହୁଏ ? ଏହି ସବୁ ପ୍ରଶ୍ନ ତ ଉଠିବା ସ୍ୱାଭାବିକ ।

ତେଣୁ ଆରଏସଏସ ଏତେ ବଡ଼ ସଂଗଠନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟରେ ଲାଲକିଲ୍ଲାର ପ୍ରାଚୀରରୁ ଏହା କହୁଛନ୍ତି ଯେ, ଆରଏସଏସ ଏକ ଏନଜିଓ, ଯାହା ଦେଶ... କେଶବ କୁଞ୍ଜ...। ଏହି ଅଫିସ୍ କିପରି ତିଆରି ହେଲା ? କିଏ ତିଆରି କଲା ? କାହା ପଇସାରେ ତିଆରି ହେଲା ? ଏହା ଜାଣିବାର ଅଧିକାର ତ ଆରଏସଏସର କର୍ମୀଙ୍କର ମଧ୍ୟ ରହିବା ଉଚିତ୍ ଏବଂ ହେଉ ବି ଥିବ । ଯଦିଓ ମୋହନ ଭାଗବତଙ୍କର ଏକ ପୁରୁଣା ବୟାନ ସୋସିଆଲ ମିଡିଆରେ ଘୂରି ବୁଲୁଛି ଯେଉଁଥିରେ ସେ କହୁଛନ୍ତି ଯେ ହିନ୍ଦୁ ଧର୍ମ କେଉଁଠି ରେଜିଷ୍ଟର୍ଡ ନୁହେଁ ତେଣୁ ସେମାନଙ୍କୁ ରେଜିଷ୍ଟ୍ରେସନର ଦରକାର ନାହିଁ। ତେଣୁ ଏହା ତ ଏକ ପ୍ରକାରର କୁତର୍କ ହୋଇଗଲା। ହିନ୍ଦୁ ଧର୍ମ କୌଣସି ଗୋଟିଏ ସଂସ୍ଥା ନୁହେଁ, ଆରଏସଏସ କୌଣସି ହିନ୍ଦୁ ଧର୍ମ ନୁହେଁ ଯେ ଉଭୟଙ୍କୁ ସମାନାନ୍ତର କରି ଦେଖାଯିବ । ହିନ୍ଦୁ ଧର୍ମ ଏକ ମାନ୍ୟତା, ତାହା ଏକ ଧର୍ମ। ଆରଏସଏସ ଏକ ସଂଗଠନ। ଆରଏସଏସ ହିନ୍ଦୁ ନୁହେଁ, କି ହିନ୍ଦୁ ଧର୍ମ ଆରଏସଏସ ନୁହେଁ । ସବୁଠାରୁ ବଡ଼ କଥା ହେଲା ରାଜନୀତି ବା ରାଜନୈତିକ ଦଳରେ, କୌଣସି ଏନଜିଓର ପଦାଧିକାରୀ ସାମିଲ ହୋଇପାରିବେ ନାହିଁ । ମୋହନ ଭାଗବତ କିପରି ଆଉ କେମିତି ରାଜନୀତି କରୁଛନ୍ତି ? ଆରଏସଏସର ଦେଶ ବା ରାଜ୍ୟ ପାଇଁ ଅବଦାନ କଣ, ଯାହା ଆମ ପିଲାଙ୍କ ଭବିଷ୍ୟତ ଗଢ଼ି ପାରିବ ?

ସାଧାରଣ ସଂପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/ 1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra